

ପଦାର୍ପଣରେ ମାନବଙ୍କ କୀର୍ତ୍ତିମାନ
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-341 ♦TUESDAY ♦9 JUNE 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୪୧ ♦ମଙ୍ଗଳବାର ♦୯ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର 30 ଜୁନ 2026 ପର୍ଯ୍ୟନ୍ତ ବୈଧ ଅଟେ । ପଲ୍ସର୍ N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.: Jeypore:** DURRANI TRADERS 9124212491 • **Nabarangapur** DURRANI TRADERS 9124212490 , • Raighar DURRANI TRADERS 8260225498 • **Bhawanipatna** KALINGA BAJAJ 8763863692 • **Bolangir** URBASI BAJAJ 7381052046 • **Rayagada** SITA RAMA BAJAJ – 7205631185 • **Gunupur** SITA RAMA BAJAJ 9437771070.

## ଶିମିଳିପାଳ ଇତିହାସରେ ପ୍ରଥମ

# ମଣିଷକୁ ଖାଇଗଲା ବାଘ

ବାରିପଦା, ୮।୬(ସମିସ): ଯାହା ସନ୍ଦେହ କରାଯାଉଥିଲା, ତାହା ସତ ପ୍ରମାଣିତ ହୋଇଛି। ଶିମିଳିପାଳ ଇତିହାସରେ ପ୍ରଥମଥର ପାଇଁ ମଣିଷକୁ ମାରି ଖାଇଛି ବାଘ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ କୁମୁଦାବାଡ଼ି ନିକଟ ଜଙ୍ଗଲରୁ ଗତ ୧ତାରିଖରେ ସାଧୁ ନାଏକଙ୍କ ଅଧାଖିଆ ମୃତଦେହ

- ସ୍ପଷ୍ଟ କଲା ଲ୍ୟାବ୍ ରିପୋର୍ଟ
- କଲରାପତରିଆ ବାଘ ଆକ୍ରମଣରେ ସାଧୁ ନାଏକଙ୍କ ମୃତ୍ୟୁ

ଜବତ ହୋଇଥିଲା। ତାହା ଏକ କଲରାପତରିଆ ବାଘର କାରନାମା ବୋଲି ଲ୍ୟାବ୍ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି। ଲ୍ୟାବ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ମୃତଦେହରୁ ସଂଗୃହୀତ କେଶ ନମୁନା କଲରାପତରିଆ ବାଘ ସହ ମେଳ ଖାଉଛି। ଏହାସହ କୁକୁର ଦାନ୍ତ ଭଳି ଛେଦଚିହ୍ନ କଲରାପତରିଆ ବାଘ ଆକାର ସହ ସମାନ ରହିଛି। ତେବେ ମଣିଷକୁ ବାଘ ମାରି ଖାଇବା ଆକସ୍ମିକ ଆକ୍ରମଣ ହୋଇଥାଇପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଯଶିପୁର ଥାନା ଅଧୀନ ବସନ୍ତପୁର ଗ୍ରାମର ସାଧୁ ନାଏକ ଛେଳି ଚରାଇବାକୁ ଯାଇ ଜଙ୍ଗଲରେ ନିଖୋଜ ହୋଇଯାଇଥିଲେ। ଗତ ୧ ତାରିଖରେ ଗ୍ରାମବାସୀ ଜଙ୍ଗଲ ଭିତରେ ଏକ ବୁଦା ନିକଟରୁ ତାଙ୍କର ଅଧାଖିଆ ମୃତଦେହ ଉଦ୍ଧାର କରିଥିଲେ। କୌଣସି ଜଙ୍ଗଲୀ ପଶୁ ଆକ୍ରମଣ ସନ୍ଦେହରେ ବନ ବିଭାଗ ଓ ପୁଲିସ୍ ତଦନ୍ତ କରିଥିଲା। ପ୍ରାରମ୍ଭିକ ତଦନ୍ତରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲା। ସାଧାରଣରେ ବାଘ ଆକ୍ରମଣରେ ମୃତ୍ୟୁ ବୋଲି ଚର୍ଚ୍ଚା ହୋଇଥିଲା। ତେଣୁ, ତଦନ୍ତ ପାଇଁ ସଂଗୃହୀତ ନମୁନା ଲାବ୍ରୋଟୋରୀରେ ପରୀକ୍ଷଣ କରାଯାଇଥିଲା।

ଏହି ଘଟଣା ପରେ ଶ୍ରୀ ଗୋଗିନାନୀ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଆଖପାଖ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଜାରି ରହିଛି। ଜଙ୍ଗଲୀ ଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏଆଇ କ୍ୟାମେରା ଓ କ୍ୟାମେରା ଟ୍ରାପ୍ ଲଗାଯାଇଛି। ସକାଳ ଓ ସନ୍ଧ୍ୟା ସମୟରେ ଏକାକୀ ଜଙ୍ଗଲକୁ ନଯିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ହେଲେ, ସାଥୀ ହୋ ଯିବେ ଓ କୌଣସି ଜଙ୍ଗଲୀ ପଶୁ ଦେଖିଲେ ତୁରନ୍ତ ନିକଟସ୍ଥ ବନବିଭାଗ କ୍ୟାମ୍ପକୁ ଖବର ଦେବାକୁ ସେ ଅନୁରୋଧ କରିଛନ୍ତି।

## ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ନେଇ ବର୍ଷିଲା ବିଜେଡି

# ଜନତାଙ୍କୁ ଶୋଷଣ କରୁଛନ୍ତି ଡବଲ ଇଞ୍ଜିନ ସରକାର

ଭୁବନେଶ୍ୱର,୮।୬(ସମିସ): ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଇଥିବା ବେଳେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର କ୍ରମାଗତ ଦରବୃଦ୍ଧି ଘଟିଚାଲିଛି। ଗତ କିଛି ବର୍ଷ ମଧ୍ୟରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଦୁଇଗୁଣା ବୃଦ୍ଧି ପାଇଛି। ୨୦୧୪ ମସିହାରେ ଘରୋଇ ସିଲିଣ୍ଡରର ମୂଲ୍ୟ ପ୍ରାୟ ୪୧୫ ଟଙ୍କା ଥିଲା, ବର୍ତ୍ତମାନ ତାହା ୯୬୮ ଟଙ୍କାରେ ପହଞ୍ଚିଛି । ସେହିପରି ପେଟ୍ରୋଲ, ଡିଜେଲ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡରର ଦର ମଧ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିବାରୁ ସାଧାରଣ ଜନତାଙ୍କ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରି ଡବଲ ଇଞ୍ଜିନ ସରକାର ଜନତାଙ୍କୁ ଶୋଷଣ କରୁଛନ୍ତି ବୋଲି କଡ଼ା ସମାଲୋଚନା କରିଛି ବିଜେଡି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ଦରବୃଦ୍ଧି ଯୋଗୁଁ ନିମ୍ନ ଓ ମଧ୍ୟବିତ୍ତ



ପରିବାର, କ୍ଷୁଦ୍ର ବ୍ୟବସାୟୀ, ଚା' ଦୋକାନୀ ଓ ହୋଟେଲ ବ୍ୟବସାୟୀଙ୍କ ଉପରେ ଗଭୀର ପ୍ରଭାବ ପଡୁଛି। ରନ୍ଧନ ଗ୍ୟାସର ଦର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ଲୋକଟିଏ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦର ହ୍ରାସ ପାଇଥିବା ସତ୍ତ୍ୱେ ତାହାର ସୁଫଳ ସାଧାରଣ ଲୋକଙ୍କୁ ମିଳୁନାହିଁ। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଅତ୍ୟଧିକ ଭ୍ୟାଟକୁ କମାଇ, ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଥିବା ସାଧାରଣ ଜନତାଙ୍କ ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। ପେଟ୍ରୋଲ ଓ ଡିଜେଲକୁ ଜିଏସ୍ଟି ଅନ୍ତର୍ଭୁକ୍ତ କରନ୍ତୁ, ଏହାଦ୍ୱାରା ତୈଳ ମୂଲ୍ୟ ହ୍ରାସ ପାଇବା ସହ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ କମିପାରିବ। ସେ ଆହୁରି ମଧ୍ୟ କହିଥିଲେ ଯେ ବିଜେପି ସରକାରରେ ମହିଳା ହିଂସା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଉଦ୍ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ମହିଳାଙ୍କ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି ସରକାର। ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ, କିନ୍ତୁ ସରକାର ନିଜ ଦାୟିତ୍ୱରୁ ବିମୁଖ ହୋଇ ଉତ୍ସବ ମନାଇବାରେ ବ୍ୟସ୍ତ ରହୁଛନ୍ତି। ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରକୁ ହ୍ରାସ କରି ସାଧାରଣ ଜନତାଙ୍କ

- ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଥିବା ବେଳେ ସରକାର ଦରବୃଦ୍ଧି କରି ବ୍ରିଟିଶରାଜ୍ ଚଳାଇଛନ୍ତି
- ସରକାରଙ୍କ ତୈଳ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ
- ପେଟ୍ରୋଲ, ଡିଜେଲକୁ ଜିଏସ୍ଟି ଅନ୍ତର୍ଭୁକ୍ତ କରି ଜନତାଙ୍କୁ ଆଶ୍ୱସ୍ତ କରନ୍ତୁ ସରକାର

ଆର୍ଥିକ ବୋଝକୁ କମ୍ କରନ୍ତୁ । ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ତଥା କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଉପସଭାନେତ୍ରୀ ତଥା କର୍ପୋରେଟର ମାନସୀ ସୁନ୍ଦରରାୟ ଉପସ୍ଥିତ ଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଏକାଧିକ ବ୍ୟାଙ୍କ ଲକରରେ ବୈକୁଣ୍ଠଙ୍କ ସମ୍ପତ୍ତି

ଭୁବନେଶ୍ୱର ୮।୬ (ସମିସ): ଆଇଟିଡିଏ ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ) ବୈକୁଣ୍ଠନାଥ ବେହେରାଙ୍କ ସମ୍ପତ୍ତି ବ୍ୟାଙ୍କ୍ ଲକରରେ ଲୁଚି ରହିଛି। ଲକର୍‌ରେ ସେ ନିଜ ସମ୍ପତ୍ତି ଲୁଚାଇ ରଖିବାକୁ ନିରାପଦ ମଣୁଥିଲେ। ବହୁ ବର୍ଷ ଧରି ଏଭଳି ଭାବେ କୋଟି କୋଟି

- ୫ମ ଲକର୍‌ରୁ ୭୦୩ ଗ୍ରାମ ସୁନା ଜବତ
- ଏଯାଏଁ ଠାବ ହେଲାଣି ୧.୨୫୫ କେଜି ସୁନା

ଟଙ୍କାର ସୁନା, ରୂପା ଏବଂ ନଗଦ ଟଙ୍କା ଲୁଚାଇ ରଖିଥିଲେ। ହେଲେ ମାତ୍ର ୩ଦିନ ମଧ୍ୟରେ ଭିଜିଲାନ୍ସ ତାଙ୍କ ସମ୍ପତ୍ତି ସବୁକୁ ଏହି ଲକରଗୁଡ଼ିକରୁ ଖୋଜି ବାହାର କରିଦେଇଛି। ସୋମବାର ତାଙ୍କ ୫ମ ଲକର୍‌ରୁ ୭୦୩ ଗ୍ରାମ ସୁନା ଏବଂ ୩୭୫ ଗ୍ରାମ ରୁପା ଅଳଙ୍କାର ଭିଜିଲାନ୍ସ ଜବତ କରିଛି। ଏତେ ମାତ୍ରାରେ ସୁନା ମିଳିବା ପରେ ତାଙ୍କ ଜବତ ସୁନାର ପରିମାଣ ୧କେଜିରୁ ଟପି ଯାଇଛି। ବିଭିନ୍ନ ଲକରରୁ ଏବେପର୍ଯ୍ୟନ୍ତ ଜବତ ସୁନାର ପରିମାଣ ୧.୨୫୫ କେଜି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମାମଲା ଏବଂ ଚଢ଼ଉ ଜାରି ରହିଛି। ଏଣୁ ତାଙ୍କର ଜବତ ସମ୍ପତ୍ତି ତାଲିକା ଆଗକୁ ଆହୁରି ବୃଦ୍ଧି ପାଇପାରେ ବୋଲି ବିଭାଗ ଅନୁମାନ କରୁଛି।



ଭିଜିଲାନ୍ସ ସୂତ୍ର ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ (ଡିଏ) ଅଭିଯୋଗରେ ପୂର୍ବରୁ ବୈକୁଣ୍ଠଙ୍କର ୪ଟି ବ୍ୟାଙ୍କ ଲକର୍ ଯାଞ୍ଚ ସରିଥିଲା। ପ୍ରଥମ ଦିନରେ ୨ଟି ଲକରରୁ ୨କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଯାଇଥିଲା। ଆଜିର ଯାଞ୍ଚ ବେଳେ ଲକରରୁ ୭୦୩ ଗ୍ରାମ ଓଜନର ବିଭିନ୍ନ ପ୍ରକାର ସୁନା ଅଳଙ୍କାର ମିଳିଛି। ଏଥିରେ ହାର, ଚେନ୍, ଚୁଡ଼ି, ମୁଦି ଆଦି ରହିଛି। ଏହା ସହିତ ୩୭୫ ଗ୍ରାମ ଓଜନର ରୂପା ଅଳଙ୍କାର ଏବଂ ବାସନ ମଧ୍ୟ ଜବତ ହୋଇଛି। ଜବତ ସୁନାର ବଜାର ମୂଲ୍ୟ ପ୍ରାୟ ୭୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏହା ପୂର୍ବରୁ ଚାରିଟି ଲକର ଏବଂ ଘର ଚଢ଼ଉରୁ ପ୍ରାୟ ୫୫୨ ଗ୍ରାମ ସୁନା ମିଳିଥିଲା। ଆଜିର ଜବତ ପରେ ମୋଟ ସୁନାର ପରିମାଣ ୧.୨୫୫ କେଜିରେ ପହଞ୍ଚିଛି। ଏହା ବ୍ୟତୀତ ନଗଦ ଟଙ୍କା, ଜମି କାଗଜପତ୍ର, ଏଫ୍‌ଡି ଓ ଅନ୍ୟାନ୍ୟ ବିନିଯୋଗ ସମ୍ପର୍କିତ ଦସ୍ତାବିଜ ମଧ୍ୟ ଭିଜିଲାନ୍ସ ହାତରେ ଲାଗିଛି। ତାଙ୍କର ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୦କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

## ବାପା ବେକରେ ଶାବଳ ଭୁସିଦେଲା ପୁଅ

ଡୁବୁରୁଗାଁ, ୮।୬ (ସମିସ): ପୁଅର ଶାବଳ ମାଡ଼ରେ ବାପା ମୃତ। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଦିଗିପଶି ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ଧ୍ରୁବ ନାଏକ (୭୩)। ରବିବାର ରାତିରେ ପରିବାରରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ପୁଅ ଉଦ୍ଧବ



ନାଏକ ମଦ ନିଶାରେ ଏକ ଶାବଳରେ ଧ୍ରୁବଙ୍କୁ ଆକ୍ରମଣ କରିଥିଲା। ତାଙ୍କ ବେକରେ ଶାବଳ ଭୁସି ଦେଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଧ୍ରୁବଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପାଟଣା ପୁଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ପୁଲିସ ଉଦ୍ଧବଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏନେଇ ପାଟଣା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତନାଘନା ଚଳାଇଛି।

# ବ୍ରାହ୍ମଣୀରେ ବୁଡ଼ିଗଲେ ୩

## ଜଣଙ୍କ ମୃତଦେହ ଉଦ୍ଧାର, ୨ ନିଖୋଜ

ତାଳଚେର, ୮।୬ (ସମିସ): ଅନୁଗୋଳ ଜିଲ୍ଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ ସୋମବାର ଏକ ବଡ଼ ଅଘଟଣ ଘଟିଛି। ତାଳଚେର ଟାଉନ୍ ଆଖଣ୍ଡଳମଣି ମନ୍ଦିର ନିକଟ କଲମ୍ବାରି ଘାଟରେ ଗାଧୋଇବା ବେଳେ ୩ଜଣ ଯୁବକ ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ୨ଜଣ ନିଖୋଜ ହୋଇଯାଇଛନ୍ତି। ମୃତକ ହେଲେ, ତାଳଚେର ଷ୍ଟେସନ୍ ଅଞ୍ଚଳର ଗଣେଶ ଗୋଚ୍ଛାୟତ। ରିପୋର୍ଟ ଲେଖା ହେବା ସୁଦ୍ଧା ନିଖୋଜ ଶକ୍ତି ସାହୁ ଓ ପ୍ରିନ୍ସ ଲୋହାରଙ୍କ ପତ୍ତା ମିଳିପାରିନାହିଁ। ସମସ୍ତଙ୍କ ବୟସ ୧୫ରୁ ୧୮ ବର୍ଷ ମଧ୍ୟରେ ହେବ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ସୋମବାର ଅପରାହ୍ଣ ୧ଟା ବେଳେ ଗଣେଶ, ଶକ୍ତି ଓ ପ୍ରିନ୍ସଙ୍କ ସମେତ ତାଳଚେର ଷ୍ଟେସନ୍ ଅଞ୍ଚଳର ୮ ଯୁବକ କଲମ୍ବାରି ଘାଟକୁ ଗାଧେଇବାକୁ ଯାଇଥିଲେ। ଜଣେ ଯୁବକ ଘାଟରେ ବସିଥିବା ବେଳେ ଅନ୍ୟ ୭ଜଣ ଗାଧେଇବାକୁ ନଦୀକୁ ଡେଇଁଥିଲେ। ଅସାବଧାନତା ଯୋଗୁଁ ସେମାନଙ୍କ ମଧ୍ୟରୁ ଜଣେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୨ଜଣ ଭାସି ଯାଇଥିଲେ। ଅନ୍ୟ ୪ ଜଣ କୂଳକୁ ପହଁରି ଆସିବାରେ ସଫଳ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ପାଣି ଭିତରୁ ଗଣେଶଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି



ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଗ୍ନିଶମ ବାହିନୀ ଓ ତାଳଚେର ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଚଳାଇଥିବା ବେଳେ ତାଳଚେର ଏସ୍‌ଡିପିଓ ଓ ତାଳଚେର ଭାରପ୍ରାପ୍ତ ଥାନାଧିକାରୀ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

## ସହକାରୀ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

ସମ୍ବଲପୁର, ୮।୬ (ସମିସ): ସମ୍ବଲପୁର ସଦର ତହସିଲ ଅନ୍ତର୍ଗତ ସଦର-୪ ରାଜସ୍ୱ ନିରୀକ୍ଷକ ମଣ୍ଡଳର ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ) ସୁରେନ୍ଦ୍ର ସାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସେସ (କ୍ଲାସିଫିକେସନ, କଣ୍ଟ୍ରୋଲ ଆଣ୍ଡ ଅପିଲ) ରୁଲ୍ସ, ୧୯୬୨ର ଧାରା ୧୨(୧)(କ) ଅନୁଯାୟୀ ସମ୍ବଲପୁର ଜିଲ୍ଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୁରେନ୍ଦ୍ର ସାଙ୍କ ବିରୋଧରେ ଏକ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଚାର ଚାଲିଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସୁରେନ୍ଦ୍ର ସାଙ୍କ ମୁଖ୍ୟ ଦପ୍ତର କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଅଧୀନରେ ରହିବ ଏବଂ ସେ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ମୁଖ୍ୟ ଦପ୍ତର ଛାଡ଼ି ବାହାରକୁ ଯାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## କାଳବୈଶାଖୀ ବଦଳାଇଲା ଯାତ୍ରା ରୁଟ୍

# ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ପୁରୀ,୮।୬(ସମିସ): ମୟୂରଭଞ୍ଜରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହେଲିକପ୍ଟର୍ ପୁରୀରେ ଜରୁରୀ ଅବତରଣ କରିଛି। କାଳବୈଶାଖୀ ଜନିତ ବର୍ଷା ପବନ ଯୋଗୁଁ ପାଇଲଟ୍ ହେଲିକପ୍ଟରକୁ ପୁରୀ ସମଙ୍ଗ ପାର୍କିରେ ଜରୁରୀ ଅବତରଣ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ହେଲିକପ୍ଟର୍‌ରେ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏବଂ ଅନ୍ୟ ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।

ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଶେଷ କରି ସୋମବାର ଅପରାହ୍ଣରେ ଭୁବନେଶ୍ୱର ଫେରୁଥିଲେ। କିନ୍ତୁ, ହେଲିକପ୍ଟରଟି ଭୁବନେଶ୍ୱର ଆକାଶମାର୍ଗ ନିକଟରେ ପହଞ୍ଚିବା କ୍ଷଣି ହଠାତ୍ ପାଗ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିଲା। ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁଁ ଆକାଶରେ ଦୃଶ୍ୟମାନତା




ପ୍ରାୟ ଶୂନ୍ୟ ହୋଇଯାଇଥିଲା। ଫଳରେ ପାଇଲଟ୍‌ଙ୍କୁ ରନୱେ ଦେଖାଯାଇ ନଥିଲା। ମଝି ଆକାଶରେ ବିପଦକୁ ଆଗୁଆ ଆକଳନ କରି ଏବଂ ଭିଭିଆଇପି ସୁରକ୍ଷାକୁ ପ୍ରାଥମିକତା ଦେଇ ପାଇଲଟ୍ ତୁରନ୍ତ ଭୁବନେଶ୍ୱରରେ ଲ୍ୟାଣ୍ଡିଂ କରିବା ନିଷ୍ପତ୍ତିକୁ ବାତିଲ କରିଥିଲେ। ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରି ହେଲିକପ୍ଟରକୁ ସିଧାସଳଖ ପୁରୀ ଡାଇଭର୍ଟ କରାଯାଇଥିଲା। ସେହି ସମୟରେ ପୁରୀର ପାଗ ସ୍ଥିର ଥିଲା। ପୁରୀ ହେଲିପ୍ୟାଡ୍‌ରେ ହେଲିକପ୍ଟରଟି ସୁରକ୍ଷିତ ଭାବେ ଅବତରଣ କରିଥିଲା।

ତେବେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ପୁରୀରେ ଅବତରଣ କରିବାର ମାତ୍ର କିଛି ସମୟ ପରେ ଏଠାରେ ମଧ୍ୟ ପାଣିପାଗ ଦ୍ରୁତଗତିରେ ବଦଳି ଯାଇଥିଲା। କାଳବୈଶାଖୀ ପ୍ରଭାବରେ ପ୍ରବଳ ବିଜୁଳି, ଘଡ଼ଘଡ଼ି ସହ ପବନ ଓ ବର୍ଷା ଆରମ୍ଭ ହୋଇଯାଇଥିଲା। ଏହା ପୂର୍ବରୁ ହିଁ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୁରୀ ସର୍କିଟ ହାଉସ୍‌କୁ ଅଣାଯାଇଥିଲା। ପାଗ ସ୍ୱାଭାବିକ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଭୁବନେଶ୍ୱରରୁ ପୁରୀ ଆସି ପହଞ୍ଚିଥିଲା। ପରେ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ସଡ଼କ ପଥରେ ସୁରକ୍ଷିତ ଭାବେ ଭୁବନେଶ୍ୱର ଫେରିଯାଇଛନ୍ତି। ସମଙ୍ଗ ପାର୍କରେ ଜରୁରୀ ଅବତରଣ ସମୟରେ ପୁରୀ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସୁରକ୍ଷିତ ଥିବାରୁ ପ୍ରଶାସନ ଆଶ୍ୱସ୍ତ ହୋଇଛି।

## ପୋଖରୀ ବିଲ୍ ପାଇଁ ନେଉଥିଲେ ୩୫ ହଜାର ଲାଞ୍ଚ

# ଭିଜିଲାନ୍ସ ଜାଲରେ ଜଳବିଭାଜିକା ମନରେଗା ସହାୟିକା

ଭବାନୀପାଟଣା,୮।୬(ସମିସ): ଜଣେ ହିତାଧିକାରୀଙ୍କଠାରୁ କୃଷି ପୋଖରୀର ବିଲ୍ କରାଇ ଦେବାକୁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମନରେଗା ସହାୟକ ପ୍ରିୟଙ୍କା ଜେନା। ଜଣେ ହିତାଧିକାରୀଙ୍କ କୃଷି ପୋଖରୀର ବିଲ୍ ବାବଦକୁ ୨ ଲକ୍ଷ ୬୮ ହଜାର ଟଙ୍କା ପାସ୍ କରାଇ ଦେବାକୁ ସେ ୩୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନଦେଲେ ବକେୟା ବିଲ ପାସ କରିଦେବି ନାହିଁ ବୋଲି ଧମକ ଦେବା ସହ ୩୫ ହଜାର ଟଙ୍କା ଲାଞ୍ଚ ଦେବାକୁ ଅଡ଼ି ବସିଥିଲେ। ଏଥିରେ ଅତିଷ୍ଠ ହୋଇ ହିତାଧିକାରୀଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।



ଅଭିଯୋଗ ପାଇବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜାଲ ବିଛାଯାଇଥିଲା। ସୋମବାର ହିତାଧିକାରୀଙ୍କଠାରୁ ଭବାନୀପାଟଣା ଇରିଗେସନ୍ କଲୋନି ଛକ ନିକଟରେ ୩୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ୯/୨୬ରେ ମାମଲା ରୁଜୁ କରାଯାଇଥିବା ବେଳେ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି ଭିଜିଲାନ୍ସ ଟିମ୍। ସେ ରହୁଥିବା ସ୍ଥାନୀୟ ଦର୍ପଣ ସାଗରପଡ଼ା ଓ ଅନ୍ୟ ଏକ ସ୍ଥାନରେ ଚଢ଼ଉ ଜାରି ରହିଛି। ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ଆଜିଠୁ ପୌରାଞ୍ଚଳରେ ନାଗରିକ ସମ୍ପର୍କ ଅଭିଯାନ

ଭୁବନେଶ୍ୱର, ୮।୬ (ସମିସ): ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ପୌରାଞ୍ଚଳରେ ୧୩ ଦିନିଆ ନାଗରିକ ସମ୍ପର୍କ ଅଭିଯାନ ଆରମ୍ଭ ହେବ। ସହରାଞ୍ଚଳ ନାଗରିକ ସମ୍ପର୍କ ନାଗରିକ-କୈନ୍ଦ୍ରିକ ସହରୀ ଶାସନକୁ ସୁଦୃଢ଼ କରିବା ଏବଂ ସହରୀ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଜୁନ୍ ୯ରୁ ଜୁନ୍ ୨୧ ପର୍ଯ୍ୟନ୍ତ ଏକ ରାଜ୍ୟବ୍ୟାପୀ ଏହି "ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ' ମୁଖ୍ୟତଃ ସରକାରୀ ଯୋଜନା ଏବଂ ନାଗରିକଙ୍କ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରହିଛି।

ସଚେତନତା ଶୋଭାଯାତ୍ରା, ୱାର୍ଡ ସ୍ତରୀୟ ବୈଠକ, ଜନ ପରାମର୍ଶ, ସ୍ୱଚ୍ଛତା ଅଭିଯାନ, ସମ୍ପ୍ରଦାୟର ସହଭାଗିତା କାର୍ଯ୍ୟକ୍ରମ ଏବଂ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ସମେତ ବିଭିନ୍ନ ନାଗରିକ-କୈନ୍ଦ୍ରିକ କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ପୌରାଞ୍ଚଳରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ, ପରିବେଶ ସ୍ଥିରତା ଏବଂ ନାଗରିକ ଦାୟିତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ଆବାସିକ କଲ୍ୟାଣ ସମିତି, ଯୁବ ସଂଗଠନ, ବ୍ୟବସାୟୀ ସଂଘ ଏବଂ ଗୋଷ୍ଠୀ-ଭିତ୍ତିକ ସଂସ୍ଥାଗୁଡ଼ିକର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରାଯିବ, ଯାହା ନାଗରିକ ସହଭାଗିତା ଏବଂ ମିଳିତ ସହରୀ ବିକାଶ ପାଇଁ ଏକ ବ୍ୟାପକ ମଞ୍ଚ ସୃଷ୍ଟି କରିବ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ପ୍ରଭାବଶାଳୀ ସହରୀ ଶାସନ ପାଇଁ ନାଗରିକଙ୍କ ସହଭାଗିତା ହିଁ ମୂଳଦୁଆ। ଏହି ଅଭିଯାନ ନାଗରିକ ଏବଂ ସହରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏକ ବ୍ୟାପକ ମଞ୍ଚ ଭାବରେ ପ୍ରସ୍ତୁତ କରାଯାଇଛି। ଏହା ନାଗରିକ ସେବା ଏବଂ ସରକାରୀ ପଦକ୍ଷେପ ବିଷୟରେ ଜନସଚେତନତା ବୃଦ୍ଧି କରିବା ସହ ନିଜ ସହରର ଯତ୍ନ ନେବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରିବ।

## 'ନିଶାମୁକ୍ତ ଓଡ଼ିଶା' ଅନ୍ତର୍ଗତ ନିଶା ନିବାରଣ ଅଭିଯାନ

# ମାଟିରେ ମିଶିଲା ୬ ନିଶା ମାଫିଆଙ୍କ ଘର

ରାଉରକେଲା, ୮।୬ (ସମିସ): ରାଉରକେଲାରେ ବର୍ଷବର୍ଷ ଧରି ନିଶା କାରବାର ଚଳାଇ ଆସୁଥିବା ମହତାବରୋଡ୍‌ସ୍ଥିତ ମୀନାପଡ଼ାର ୬ ନିଶାମାଫିଆଙ୍କ ଘର ଉପରେ ଉତ୍ତରପ୍ରଦେଶ ଷ୍ଟାଇଲରେ ବୁଲଡୋଜର୍ ଚାଲିଛି। ରାଜ୍ୟ ସରକାରଙ୍କ 'ନିଶାମୁକ୍ତ ଓଡ଼ିଶା ଅଭିଯାନ'ରେ ରାଉରକେଲା ପୁଲିସର ଏହା ସବୁଠାରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି। ପୁଲିସ, ସ୍ଥାନୀୟ ପ୍ରଶାସନ ଏବଂ ରାଉରକେଲା ଇସ୍ପାତ କାରଖାନାର ସହର ସେବା ଦ୍ୱାରା ମିଳିତ ଭାବେ ଏହି ଅଭିଯାନ କରାଯାଇଥିଲା। ଅଭିଯାନ ସମୟରେ ନିଶା କାରବାର ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ସମେତ ବହୁ ବିଚାରାଧୀନ ଅପରାଧିକ ମାମଲାରେ ଜଡ଼ିତ ବ୍ୟକ୍ତିମାନଙ୍କ ସହିତ ସମ୍ପୃକ୍ତ ୭ଟି ଘରକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଧରାଶାୟୀ କରାଯାଇଥିଲା।

ସୂଚନାଯୋଗ୍ୟ, ନିଶା କାରବାରର ଅମରାବତୀ ପାଲଟିଥିଲା ମୀନାପଡ଼ା। ସହରରେ ଖୋଲାଖୋଲି ଭାବେ ଚାଲୁଥିଲା ବ୍ରାଉନସୁଗାର, କୋକେନ, ଅଫିମ ଓ ଗଞ୍ଜେଇ କାରବାର। ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଗତବର୍ଷ ଜାନୁଆରୀରେ ମୀନାପଡ଼ାରେ




ବଡ଼ଧରଣର ଚଢ଼ଉ ହୋଇଥିଲା ବେଳେ ଗତ ମେ' ୨୩ରେ ପୁଣି ମୀନାପଡ଼ା, ମହତାବରୋଡ୍, ରହମନଗର ଆଦି ଅଞ୍ଚଳରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨ କୋଟି ଟଙ୍କାର ନିଶା ଜବତ ହୋଇଥିଲା। ସେହିପରି ଗତ ୨୦୨୨ ଫେବୃଆରୀ ୨୮ ରେ ରାଉରକେଲା ପୁଲିସ ପକ୍ଷରୁ ବଡ଼ ଧରଣର ଡ୍ରଗ୍ସ କାରବାରର ପର୍ଦ୍ଦାଫାସ କରାଯାଇଥିଲା। ଏହି ଅବସରରେ ପ୍ରାୟ ୧୦ ଲକ୍ଷ ଟଙ୍କାର ଧଳା ଜହର ଅଥବା ହିରୋଇନ୍ ଜବତ କରାଯିବା ସହ ମୀନାପଡ଼ାର ରୋଶନ ଖାତୁନ୍ ଓରଫ ଶାନ୍ତି (୫୫), ଫରିଦା ଖାତୁନ୍ ଓରଫ ଜରିୱାଲା (୫୦), ମହମ୍ମଦ ଇମ୍ରାନ ଆଲାମ (୨୮) , ମହମ୍ମଦ ଆଲାମ (୨୪), ନୁରେଶା ଖାତୁନ୍ (୫୫), ରହିମା ଖାତୁନ୍ ଓରଫ ଗୀତା (୫୫), ମନୀଷା ଖାତୁନ୍ (୨୫) ଏବଂ ମଧୁ ଓରଫ୍ ନୁରେଶା ଖାତୁନ୍ (୫୯) ଭଳି ୬ଜଣ ନିଶା ମାଫିଆଙ୍କୁ ପ୍ଲାଣ୍ଟସାଇଟ୍ ପୁଲିସ ଗିରଫ କରିଥିଲା। ଆଜି ସେମାନଙ୍କ ଘରକୁ ବୁଲଡୋଜର୍ ଦ୍ୱାରା ମାଟିରେ ମିଶାଇ ଦିଆଯାଇଥିଲା। କିଛି ଘର ପର୍ଯ୍ୟନ୍ତ ବୁଲଡୋଜର୍ ଯାଇନପାରିବାରୁ ଉକ୍ତ ଘରକୁ ଆରଏସପି ଲ୍ୟାଣ୍ଡ ଗାର୍ଡ କର୍ମଚାରୀମାନେ

- ଉତ୍ତରପ୍ରଦେଶ ଷ୍ଟାଇଲରେ ରାଉରକେଲାରେ ଚାଲିଲା ବୁଲ୍‌ଡୋଜର
- ୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ

ଶାବଳ ଦ୍ୱାରା ଭାଙ୍ଗି ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଦୃଷ୍ଟିରେ ରଖି ୫ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଖୋଦ୍ ଏସ୍‌ପି ନିତେଶ ୱାଧୱାନୀ ଉପସ୍ଥିତ ରହି ପରିସ୍ଥିତି ପ୍ରତି ସତର୍କ ନଜର ରଖିଥିଲେ। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଏସ୍‌ପି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଉଚ୍ଛେଦ ପୂର୍ବରୁ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ ସଂଯୋଗକୁ କାଟି ଦିଆଯାଇଥିଲା।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-341 ◆TUESDAY ◆9 JUNE 2026 ◆PAGE-12 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୩୪୧ ◆ମଙ୍ଗଳବାର ◆୯ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



## ବିଶାଖାପାଟଣା ଇସ୍ପାତ କାରଖାନାରେ ଅଘଟଣ

# ତରଳ ଇସ୍ପାତ ପଡ଼ି ୮ ଶ୍ରମିକ ମୃତ

■ ବିଶାଖାପାଟଣା, ୮।୬ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଇସ୍ପାତ କାରଖାନାରେ ସୋମବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି । କାରଖାନାର ଏକ ବିଶେଷ ଉତ୍ତାପ କେନ୍ଦ୍ରରେ ଅତ୍ୟଧିକ ଗରମ ଥିବା ତରଳ ଇସ୍ପାତ ଶ୍ରମିକମାନଙ୍କ ଉପରେ ମାଡ଼ିଯିବାରୁ ଅତିକମରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏଥିରେ ଅନେକ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ, ତରଳ ଇସ୍ପାତ ନିଆଯାଉଥିବା ଏକ ବିଶାଳ ପାତ୍ର (ଲାଡଲ୍) ହଠାତ୍ ବିସ୍ଫୋରଣ ହେବା ଯୋଗୁଁ ଏହି ଅଘଟଣ ଘଟିଛି । ଏହି ଦୁର୍ଘଟଣା ପରେ ସମଗ୍ର କାରଖାନା ପରିସରରେ ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଜୀବନ ବଞ୍ଚାଇବା ପାଇଁ ଶ୍ରମିକମାନେ ଏପଟସେପଟ ଦୌଡ଼ିବାକୁ ଲାଗିଥିଲେ । ପୋଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ଇସ୍ପାତ କାରଖାନାର ସୁରକ୍ଷା ଓ ବୈଷୟିକ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ରାଜ୍ୟ ଗୃହମନ୍ତ୍ରୀ ବଙ୍ଗାଲାପୁଡ଼ି ଅନିତା ଏହି ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ସ୍ଥାନୀୟ ଜିଲ୍ଲାପାଳ ଏବଂ ପୋଲିସ କମିସନରଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରି କ୍ଷୟକ୍ଷତିର ବିବରଣୀ ନେଇଛନ୍ତି । ଆହତ ଶ୍ରମିକମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏବଂ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଗୃହମନ୍ତ୍ରୀ ନିଜେ ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରୁଥିବା ସୂଚନା ମିଳିଛି ।

## ୭.୮ ତୀବ୍ରତା ଭୂକମ୍ପରେ ଦୋହଲିଲା ଫିଲିପାଇନ୍ସ

# ଭୁଶୁଡ଼ିଲା ଅଟ୍ଟାଳିକା; ୩୨ ମୃତ, ୧୩୪ ଆହତ

■ ମାନିଲା, ୮।୬ (ଏଜେନ୍ସି): ଦକ୍ଷିଣ ଫିଲିପାଇନ୍ସରେ ଏକ ଶକ୍ତିଶାଳୀ ଏବଂ ବିନାଶକାରୀ ଭୂକମ୍ପ ଯୋଗୁଁ ୩୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୧୫୦ରୁ ଅଧିକ ଆହତ ହୋଇଛନ୍ତି । ଭୂକମ୍ପ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ, ମିନ୍ଦାନାଓ ଦ୍ୱୀପପୁଞ୍ଜ ନିକଟରେ ସୃଷ୍ଟି ହୋଇଥିବା ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୮ ରେକର୍ଡ କରାଯାଇଛି । ଭୂପୃଷ୍ଠରୁ ପ୍ରାୟ ୬୩ କିଲୋମିଟର ଗଭୀରତାରେ ଏହି କମ୍ପନ ସୃଷ୍ଟି ହୋଇଥିବା ବେଳେ ଏହା ସମଗ୍ର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୁନାମିର ବଡ଼ ଆଶଙ୍କା ସୃଷ୍ଟି କରିଛି ।



ଏହି ପ୍ରାକୃତିକ ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୩୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଅନେକ ନିଖୋଜ ଅଛନ୍ତି । ବିଭିନ୍ନ ସ୍ଥାନରୁ ଭୟାନକ ଭିଡିଓ ବର୍ତ୍ତମାନ ସାମନାକୁ ଆସିଛି, ଯେଉଁଥିରେ ବଡ଼ ବଡ଼ ଅଟ୍ଟାଳିକାଗୁଡ଼ିକ ଭୁଶୁଡ଼ି ପଡୁଥିବା ଦେଖାଯାଉଛି । ଚାରିଆଡ଼େ ଧୂଳିର ଆସ୍ତରଣରେ ଘୋଡ଼େଇ ହୋଇଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି । ▶ପୃଷ୍ଠା-୭

## ଟିଏମ୍‌ସିରେ ମହାବିଦ୍ରୋହ

# ମମତାଙ୍କୁ ଛାଡ଼ିଲେ ୨୦ ସାଂସଦ

## ଏନ୍‌ଡିଏକୁ ଦେବେ ସମର୍ଥନ; ବାଚସ୍ପତିଙ୍କୁ ଲେଖିଲେ ଚିଠି

■ ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ।ରେ ବିପର୍ଯ୍ୟୟ ପରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏବେ ଦଳ ଭିତରେ ବଡ଼ ଧରଣର ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟରେ ବିଧାୟକ ଦଳ ଦୁଇ ଫାଳ ହେବା ପରେ ଏବେ ସଂସଦୀୟ ଦଳରେ ମଧ୍ୟ ବଡ଼ ଧରଣର ଫାଟ ସୃଷ୍ଟି ହୋଇଛି । ଇଣ୍ଡିଆ ମେଣ୍ଟ ବୈଠକରେ ଯୋଗଦେବା ଲାଗି ମମତା ଆଜି ଦିଲ୍ଲୀ ଆସିଥିବା ବେଳେ ତାଙ୍କ ଦଳର ଅତିକମ୍‌ରେ ୨୦ ଜଣ ଲୋକସଭା ସାଂସଦ ତାଙ୍କୁ ବଡ଼ ଧରଣର ଝଟକା ଦେଇ ଏନ୍‌ଡିଏ ସହିତ ହାତ ମିଳାଇବାକୁ ଘୋଷଣା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ବିଦ୍ରୋହୀ ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଲେଖି ସେମାନଙ୍କୁ ପୃଥକ ଗୋଷ୍ଠୀର ମାନ୍ୟତା ଦେବାଲାଗି ଅନୁରୋଧ କରିଛନ୍ତି ।




ଏକଦା ମମତାଙ୍କ ସବୁଠାରୁ ଘନିଷ୍ଠ ରୂପେ ପରିଚିତ ଲୋକସଭା ସାଂସଦ କାକୋଲି ଘୋଷ ଏହି ବିଦ୍ରୋହର ନେତୃତ୍ୱ ନେଉଛନ୍ତି । ତାଙ୍କ ସହିତ ଅଛନ୍ତି ମମତାଙ୍କ ଅନ୍ୟତମ ଘନିଷ୍ଠ ଶତାବ୍ଦୀ ରାୟ । କାକୋଲି ଘୋଷ ଆଜି ଏଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ସହିତ ଲୋକସଭାର ଅନ୍ୟ ୨୦ ଜଣ ଟିଏମ୍‌ସି ସାଂସଦ ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି ସେମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ଦେବାଲାଗି ଦାବି କରିଛନ୍ତି । ସେମାନେ କେନ୍ଦ୍ରରେ ଏନଡିଏ ସରକାରକୁ ସମର୍ଥନ ଜଣାଇବେ ବୋଲି କହିଛନ୍ତି । ତାଙ୍କ ଗୋଷ୍ଠୀରେ ଅଛନ୍ତି ଫିଲ୍ମ ତାରକା ସାଂସଦ ସର୍ମିଲା ସରକାର । ତେବେ ସେ ଅନ୍ୟମାନଙ୍କ ନାମ ପ୍ରକାଶ କରି ନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ ଏହି ୨୦ ଜଣ ସାଂସଦ ଗତକାଲି ରାତିରେ ବିଜେପି ନେତା ଭୂପେନ୍ଦର ଯାଦବଙ୍କ ଘରେ ଏକାଠି ▶ପୃଷ୍ଠା-୭

### ଶୁଭେନ୍ଦୁଙ୍କୁ ଭେଟିଲେ ୧୪ ସାଂସଦ

### ରାଜ୍ୟସଭା, ଟିଏମ୍‌ସିରୁ ଇସ୍ତଫା ଦେଲେ ସୁଖେନ୍ଦୁ ଶେଖର ରାୟ

# ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ


■ ଭୁବନେଶ୍ୱର, ୮।୬ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ପ୍ରାକ୍ ମୌସୁମୀ ବର୍ଷା । ବର୍ତ୍ତମାନ ରାଜ୍ୟକୁ ଲଗାତାର ଭାବେ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶ କରୁଛି । ଏହି ବାଦଲ ଦ୍ୱାରା ରାଜ୍ୟରେ ବର୍ଷା ହେଉଛି । ସାଧାରଣତଃ ଅନ୍ୟ ସମୟରେ ହେଉଥିବା ବର୍ଷା ବେଳେ ଭୂପୃଷ୍ଠରୁ ସମୁଦ୍ର ଆଡ଼କୁ ବାଦଲ ଚଳନ କରିଥାଏ । କିନ୍ତୁ ମୌସୁମୀ ସମୟରେ ବାଦଲ ସମୂହ ବଙ୍ଗୋପାସଗର ପଟରୁ ଓଡ଼ିଶାମୁହାଁ ହୋଇ ଅନ୍ୟ ରାଜ୍ୟଗୁଡ଼ିକୁ ଯାଇଥାଏ । ଗତ ଦୁଇ ଦିନ ହେବ ରାଜ୍ୟକୁ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶର ମାତ୍ରା ବଢ଼ୁଛି ଓ ଅଧିକାଂଶ ସ୍ଥାନରେ ଏହାଦ୍ୱାରା ବର୍ଷା ହେଉଥିବାରୁ ଏହାକୁ ପ୍ରାକ୍ ମୌସୁମୀ ବର୍ଷା ବୋଲି କୁହାଯାଉଛି । ତେବେ ଲଗାତାର ବର୍ଷା ସତ୍ତ୍ୱେ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ରାଜ୍ୟକୁ ପ୍ରବେଶ କରୁଥିବାରୁ ଗୁଳୁଗୁଳି ଜାରି ରହିଛି । ଏହା ମଧ୍ୟ ପ୍ରାକ୍ ମୌସୁମୀ ସ୍ଥିତିର ଅନ୍ୟତମ ଲକ୍ଷଣ ଭାବେ ଗଣନା କରାଯାଉଛି ।

ରାଜ୍ୟରେ ପ୍ରାକ-ମୌସୁମୀ ବର୍ଷା ଲାଗି ରହିଥିବା ବେଳେ ଆଗାମୀ ୨-୩ ଦିନ ମଧ୍ୟରେ ଓଡିଶାକୁ ମୌସୁମୀ ଅଗ୍ରସର ପାଇଁ ପାଗ ଅନୁକୂଳ ରହିଛି ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ସୋମବାର ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ଆହୁରି କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଥିବା ବେଳେ ତେଲଙ୍ଗନାର କିଛି ଅଞ୍ଚଳକୁ ମଧ୍ୟ ମୌସୁମୀ ସ୍ପର୍ଶ କରିଛି । ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ । ଦିନରେ ଗୁଳୁଗୁଳି ସହ ଅପରାହ୍ଣ ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବ । ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ । ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ୫୦ରୁ ୬୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳି ହେବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ୧୧ ତାରିଖରୁ ବର୍ଷାର ପରିମାଣରେ ମାତ୍ରାଧିକ ବୃଦ୍ଧି ସହ ୧୧ ଓ ୧୨ ତାରିଖରେ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି ।

### ୧୧ରୁ ବଢ଼ିବ ବର୍ଷା

## ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଝଟ୍‌କା

# ଆଉ ୯ ନୁହେଁ; ମିଳିବ ୪ ସିଲିଣ୍ଡର



■ ଭୁବନେଶ୍ୱର, ୮।୬ (ସମିସ): ଉଜ୍ୱଳା ହିତାଧିକାରୀଙ୍କ ପାଇଁ ଖରାପ ଖବର । ପୂର୍ବରୁ ଉଜ୍ୱଳା ହିତାଧିକାରୀଙ୍କୁ ମିଳୁଥିବା ବାର୍ଷିକ ୯ଟି ସିଲିଣ୍ଡର କୋଟାକୁ ୪କୁ ହ୍ରାସ କରିଛନ୍ତି କେନ୍ଦ୍ର ସରକାର । ସୋମବାର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଦେଶର କୋଟିକୋଟି ଉଜ୍ୱଳା ହିତାଧିକାରୀଙ୍କୁ ନିରାଶ କରିଛି । ଉଜ୍ଜ୍ୱଳା ପରିବାରମାନଙ୍କ ବାସ୍ତବ ବାର୍ଷିକ ଗ୍ୟାସ ବ୍ୟବହାରକୁ ଦୃଷ୍ଟିରେ ଏହି ନିଷ୍ପତ୍ତି ନିଆଯାଇଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟ ସୂଚନା ଦେଇଛି । ସରକାରୀ ତୈଳ ବିପଣନ କମ୍ପାନୀମାନେ ଘରୋଇ ଏଲପିଜି ସିଲିଣ୍ଡର ପ୍ରତି ପ୍ରାୟ ୭୦୦ ଟଙ୍କା କ୍ଷତି ସହୁଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି ।

ମିଳିଥିବା ସୂଚନା ଅନୁସାରେ ଉଜ୍ଜ୍ୱଳା ଉପଭୋକ୍ତାମାନେ ପ୍ରତି ସିଲିଣ୍ଡର ପାଇଁ ସର୍ବାଧିକ ୩୦୦ ଟଙ୍କା ରିଆତି ପାଇବେ । ମାତ୍ର ପୂର୍ବରୁ ୯ଟି ସିଲିଣ୍ଡର ପର୍ଯ୍ୟନ୍ତ ଏହି ରିଆତି ଦିଆଯାଉଥିଲା, ଏବେ କେବଳ ୪ଟି ସିଲିଣ୍ଡର ଉପରେ ରିଆତି ପ୍ରଦାନ କରାଯିବ । ଅବଶିଷ୍ଟ ସିଲିଣ୍ଡରକୁ ସେମାନେ ବଜାର ମୂଲ୍ୟରେ କିଣିପାରିବେ । ଏଲପିଜି ▶ପୃଷ୍ଠା-୭

## ଗିରିପାଲିରେ ଡବଲ ମର୍ଡର୍

# ଶୋଇଥିବା ମା’-ଝିଅଙ୍କୁ ମାରିଦେଲା

■ ସମ୍ବଲପୁର, ୮।୬ (ସମିସ): ଘର ଅଗଣାରେ ଶୋଇଥିବା ମା’- ଝିଅଙ୍କୁ ବୀଭତ୍ସ ହତ୍ୟା । ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗିରିପାଲି ଖଡ଼ିଆପଡ଼ାରେ ଘଟିଥିବା ଏହି ଡବଲ୍-ମର୍ଡର ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ରବିବାର ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି । ମୃତକଦ୍ୱୟ ହେଲେ, ଉରକୁଲି ପାତ୍ର (୬୦) ଓ ତାଙ୍କ ଝିଅ ଲିଳିମା ଯୁଉଡ଼ା (୩୫) । ରାତି ପ୍ରାୟ ୩ଟା ବେଳେ ଶାସନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ଏହି ଘଟଣାରେ ପୁଲିସ ନମ୍ବର ୧୫୮/୨୬ରେ ହତ୍ୟା ମାମଲା ରୁଜୁ କରି ପଡ଼ୋଶୀ ଯୁବକ ଅଜୟ ପଧାନ (୨୦)ଙ୍କୁ ଗିରଫ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଜୟ ଏକ ଚେନ୍ ସ୍ପ୍ରୋକେଟ୍ ସାହାଯ୍ୟରେ ମା’-ଝିଅଙ୍କୁ ହତ୍ୟା କରିବା ପରେ ଥାନାକୁ ଖବର ଦେଇଥିବା ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି ।

### ଅଭିଯୁକ୍ତ ଗିରଫ



ସୂଚନାନୁଯାୟୀ, ଗତକାଲି ଉରକୁଲିଙ୍କ ପୁଅ, ବୋହୂ ଓ ପରିବାରର ଅନ୍ୟ ସଦସ୍ୟ ବୋହୂଘର ଗାଁରେ ହେଉଥିବା ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ଘରେ କେବଳ ଉରକୁଲି ଓ ତାଙ୍କ ଝିଅ ଲିଳିମା ଥିଲେ । ଭୀଷଣ ଗରମ ଓ ଗୁଳୁଗୁଳି ଯୋଗୁଁ ମା’-ଝିଅ ଘର ବାହାରେ ଅଗଣାରେ ଶୋଇଥିଲେ । ଏହି ସମୟରେ ଅଜୟ ▶ପୃଷ୍ଠା-୭

## ଚାକିରି ଦେବାକୁ କହି ଟଙ୍କା ଠକିନେଲା ଦଲାଲ୍

# ସାହାଯ୍ୟ ଆଳରେ ଦୁଷ୍କର୍ମ କଲା ଦାଦା

■ ଭୁବନେଶ୍ୱର ୮।୬ (ସମିସ): ପୁଣି ରାଜଧାନୀ ଉପକଣ୍ଠରେ ଏକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି । ରାଜଧାନୀରେ ଚାକିରି ଖୋଜୁଥିବା ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ସହଯୋଗ କରିବା ଆଳରେ ସଂପର୍କୀୟ ଦାଦା ହଷ୍ଟେଲରୁ ନେଇ ପିପିଲି ଥାନା ଅଞ୍ଚଳର ଏକ ହୋଟେଲରେ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଲିଖିତ ଏତଲା କ୍ରମେ ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳର ହିମାଂଶୁ ସାମଲ ଓରଫ ଜିତୁଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି ।

ପୁଲିସ ସୂଚନା ମୁତାବକ, ଭରତପୁର ଅଞ୍ଚଳର ଜଣେ ଯୁବତୀ ରାଜଧାନୀରେ ଚାକିରି ଖୋଜୁଥିଲେ । ଝିଅର ଚାକିରି ପାଇଁ ତାଙ୍କ ମା’ ଜଣେ ବ୍ୟକ୍ତିଙ୍କୁ ୩୫ ହଜାର ଟଙ୍କା ଦେଇଥିଲେ । ପରିବାରର ନିକଟତର ହୋଇ ଏହି



ବ୍ୟକ୍ତି ଯୁବତୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ବି ବ୍ୟବହାର କରୁଥିଲା । ଏକାଧିକ ଲୋକଙ୍କୁ ଚାକିରି କରାଇଦେବାକୁ କହି ଏହି ବ୍ୟାଙ୍କ ଆକାଉଣ୍ଟରେ ଠକେଇ ଟଙ୍କା ବି ନେଉଥିଲା । ଶେଷରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଚାକିରି ତ ଦେଇପାରିଲେନି; ଓଲଟା ୩୫ ହଜାର ଟଙ୍କା ନେଇ ଫେରାର୍ ହୋଇଗଲା । ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ । ଏହାସହ ଯୁବତୀଙ୍କ ପରିବାର ଲୋକେ ଭୟଭୀତ ହେଲେ । କାଳେ ପୁଲିସ ତାଙ୍କୁ ଠକେଇ ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟରେ ଗ୍ରହଣ କରିବା ଅଭିଯୋଗରେ ଗିରଫ କରିଦେବ । ଏଣୁ ଯୁବତୀଙ୍କ ମା’ ତାଙ୍କ ସମ୍ପର୍କୀୟ ଭାଇ ତଥା ଯୁବତୀଙ୍କ ଦାଦା ଜିତୁ ସହ ଯୋଗାଯୋଗ କଲେ । ଜିତୁ ମଧ୍ୟ ପୁଲିସ କେସ୍‌ରୁ ପରିବାର ଲୋକଙ୍କୁ ମୁକୁଳାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା ।

ଯୁବତୀ ଜଣଙ୍କ ରାଜଧାନୀରେ ଏକ ହଷ୍ଟେଲରେ ରୁହନ୍ତି । ଏସମ୍ପର୍କରେ ଜିତୁ ଭଲଭାବେ ଜାଣିଥିଲେ । ▶ପୃଷ୍ଠା-୭

# ନବୀନ ଡାକିଲେ ସାଂଗଠନିକ ବୈଠକ

## ପରାଜିତ ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

■ ଭୁବନେଶ୍ୱର, ୮।୬ (ସମିସ): ଆସନ୍ତା ୧୦ ତାରିଖ ଅପରାହ୍ନରେ ଶଙ୍ଖ ଭବନରେ ଅନୁଷ୍ଠିତ ହେବ ବିଜେଡିର ସାଙ୍ଗଠନିକ ବୈଠକ । ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ବିଜେଡି ନେତାମାନଙ୍କ ସହ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଭିନ୍ନ ପ୍ରସଙ୍ଗରେ ବିଚାରବିମର୍ଶ କରିବେ । ବିଶେଷ ଭାବରେ ସମ୍ପ୍ରତି ରାଜ୍ୟରେ ଆରମ୍ଭ ହୋଇଥିବା ଏସ୍‌ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ) ଓ ବିଭିନ୍ନ ବ୍ଲକ, ପୌରାଞ୍ଚଳ, ପଞ୍ଚାୟତରେ ସାଙ୍ଗଠନିକ କାର୍ଯ୍ୟକ୍ରମ, ସାମ୍ପ୍ରତିକ ସରକାରର ଜନବିରୋଧୀ ନୀତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ । ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି । ଏହି ଅବସରରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦଳର



ସଭାପତି ନବୀନ ପଟ୍ଟନାୟକ ନିୟମିତ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ନେଇ ସାଙ୍ଗଠନିକ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି । ସେହି କ୍ରମରେ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନର ପ୍ରାର୍ଥୀମାନଙ୍କ ସହ ସାଂଗଠନିକ ବ୍ୟାପାର, ବିଭିନ୍ନ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିବେ ।

## ୫ ବିଭାଗର ୧୦ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

# ଆତିଥ୍ୟ ଭିତ୍ତିଭୂମି ପାଇଁ ୫୫୦୦ ଏକର ଭୂମି ବ୍ୟାଙ୍କ

■ ଭୁବନେଶ୍ୱର,୮।୬ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୫ଟି ବିଭାଗର ମୋଟ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ୧୦ ପ୍ରସ୍ତାବ ମଧ୍ୟରେ ପର୍ଯ୍ୟଟନ ବିଭାଗ ଅଧୀନରେ ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମି ବ୍ୟାଙ୍କ ଯୋଜନା ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଜଳତଟ ବିକାଶ ଯୋଜନା ପରି ଦୁଇଟି ନୂତନ ଯୋଜନାକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ । ଗୃହୀତ ପ୍ରସ୍ତାବ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗର ୪ଟି, ଜଳସମ୍ପଦ ବିଭାଗର ୨ଟି, ଶିଳ୍ପ ବିଭାଗର ୨ଟି ପ୍ରସ୍ତାବ ସହ ପର୍ଯ୍ୟଟନ ଏବଂ ରାଜସ୍ୱ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ଅନ୍ତର୍ଭୁକ୍ତ ରହିଛି ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସୂଚନା ଅନୁଯାୟୀ କ୍ୟାବିନେଟ ବୈଠକରେ ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମିବ୍ୟାଙ୍କ ଯୋଜନାକୁ ଅନୁମୋଦନ ମିଳିଛି । ରାଜ୍ୟରେ ପର୍ଯ୍ୟଟନ ନେତୃତ୍ୱାଧୀନ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି ତଥା ଆତିଥ୍ୟ କ୍ଷେତ୍ରରେ ବଡ଼ ପରିମାଣର ନିବେଶକୁ ଆକୃଷ୍ଟ କରିବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଇଛି । ଉନ୍ନତ ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟିରେ ଜମି ଏକ ପ୍ରମୁଖ ସମସ୍ୟା ହୋଇଥବା ବେଳେ ଏହି ଯୋଜନା ଅଧିନରେ ଏହି ସମସ୍ୟାର ସମାଧାନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଯୋଜନା ଅଧୀନରେ ରାଜ୍ୟବ୍ୟାପୀ ୫୫୦୦ ଏକର ଜମି ପର୍ଯ୍ୟାୟକ୍ରମେ ଚିହ୍ନଟ କରାଯାଇ ପର୍ଯ୍ୟଟନ ଭୂମି ବ୍ୟାଙ୍କରେ ସାମିଲ କରାଯିବ । ଏଥିରେ ଚିଲିକା, କୋଣାର୍କ, ପୁରୀ(ଶାମୁକା), ଧଉଳି, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ଭିତରକନିକା, ଦାରିଙ୍ଗିବାଡ଼ି, ଦେଓମାଳି, ବୌଦ୍ଧ ସର୍କିଟ, ଜିରାଙ୍ଗ, ତାଳସାରୀ ଏବଂ ଟାମ୍ପରା-ଆର୍ଯ୍ୟପଲ୍ଲୀ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ର ସାମିଲ କରାଯିବ । ଆବଶ୍ୟକତା ଅନୁଯାୟୀ ଅନ୍ୟ ପର୍ଯ୍ୟଟନ ସମ୍ଭାବ୍ୟ ଗନ୍ତବ୍ୟସ୍ଥଳୀକୁ ପରବର୍ତ୍ତୀ ସମୟରେ ▶ପୃଷ୍ଠା-୭



- ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ଼ ପାଇଁ ୫ ବର୍ଷରେ ୧୫୦୦ କୋଟି ବ୍ୟୟବରାଦ
- ଜଳତଟ ବିକାଶ ଯୋଜନାକୁ ମୋହର, ଖର୍ଚ୍ଚ ହେବ ୫୦୦ କୋଟି ଟଙ୍କା
- ଅଯୋଧ୍ୟାସାଗର ନିମ୍ନଭାଗରେ ୪୪୦ କୋଟି ୩୩ ଲକ୍ଷ ବ୍ୟୟରେ ପ୍ରକଳ୍ପ
- ୪୦୦୦ ମହିଳା ଶ୍ରମଜୀବୀଙ୍କ ପାଇଁ ଖୋର୍ଦ୍ଧା କାଲିବେଟି ଶିଳ୍ପାଞ୍ଚଳରେ ହଷ୍ଟେଲ
- ଦୟା ଓ ଗଙ୍ଗୁଆ ନାଳର ସଂଗମ ସ୍ଥଳରେ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ
- ପିଏମ୍ ଆବାସ(ସହର) ହିତାଧିକାରୀଙ୍କୁ ଷ୍ଟାମ୍ପ ପେପର୍ ଓ ନିବନ୍ଧନ ଶୁଳ୍କ ଛାଡ଼

## ନାଲ୍କୋ ମାଇନ୍ସ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ




ଦାମନଯୋଡି,୮।୬(ସମିସ): ନାଲ୍କୋ ମାଇନ୍ସ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ ସେକ୍ଟର -୧ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଆଇଏନ୍‌ଟିୟୁସିର ସଭାପତି ସନ୍ତୋଷ କୁମାର ଜେନା ସଂଘୀୟ ପତାକା ଉତ୍ତୋଳନ କରିବା ସହିତ ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ସମ୍ପାଦକ ଶ୍ୟାମସୁନ୍ଦର ଖରା, କୋଷାଧ୍ୟକ୍ଷ ସଞ୍ଜୟ ପ୍ରଧାନ ଓ ସଂଘର ଅନ୍ୟ ସଦସ୍ୟଙ୍କ ସମେତ ଠିକାଦାର କର୍ମଚାରୀ ସଂଘ, ଏଲଏପି/ଏସଏପି ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ । ଶ୍ରୀ ଜେନା ସଂଘ ଗଠନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିବା ସହିତ କର୍ମଚାରୀ ମାନଙ୍କ ଅଧିକାର ଓ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ଦିଗରେ ସର୍ବଦା କାର୍ଯ୍ୟ କରିବ ବୋଲି ନିଜ ଅଭିଭାଷଣରେ କହିଥିଲେ । ଶେଷରେ ଶ୍ୟାମସୁନ୍ଦର ଖରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୀବିତ ଯୁବତୀ ସରକାରୀ ପୋର୍ଟାଲରେ ମୃତ

ମାଥିଲି, ୮।୬(ସମିସ): ଜଣେ ଯୁବତୀ ଜୀବିତ ଥାଇ ମଧ୍ୟ ସରକାରୀ ପୋର୍ଟାଲରେ ମୃତ ବୋଲି ଦର୍ଶାଯିବା ଘଟଣା ଏବେ ମାଲକାନଗିରି ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥ ପାଇଥିବା ଜଣେ ଆଦିବାସୀ ଯୁବତୀ ଦ୍ୱିତୀୟ କିସ୍ତି ପାଇବାକୁ ଯାଇଥିବା ବେଳେ ସରକାରୀ ପୋର୍ଟାଲରେ ତାଙ୍କୁ ମୃତ ବୋଲି ଦର୍ଶାଯାଇଥିବା ଜଣାପଡ଼ିଛି । ଏହାର ପ୍ରଭାବରେ ତାଙ୍କର ଆଧାର କାର୍ଡ, ସ୍ୱାସ୍ଥ୍ୟ ବୀମା କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ମଧ୍ୟ ବନ୍ଦ ହୋଇଯାଇଛି । ଏପରି ଅଭାବନୀୟ ଘଟଣା ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କିଆଙ୍ଗ ପଞ୍ଚାୟତର ସର୍ଗୀଗୁଡ଼ା ଗ୍ରାମରେ ସାମ୍ନାକୁ ଆସିଛି । ଗ୍ରାମର ଆଦିବାସୀ ଯୁବତୀ ସନମତି କଟପାଡ଼ିଆ ଆଜି କିଆଙ୍ଗଠାରେ ଆୟୋଜିତ ବିଡିଓଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ହୋଇ ଏହି ଅଭିଯୋଗ କରିଛନ୍ତି । ସନମତିଙ୍କ କହିବା ଅନୁଯାୟୀ, ସେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥ ପାଇଥିଲେ । କିନ୍ତୁ ଦ୍ୱିତୀୟ କିସ୍ତି ପାଇଁ ଆବେଦନ ଓ ଯାଞ୍ଚ ପ୍ରକ୍ରିୟା ବେଳେ ଜଣାପଡ଼ିଥିଲା ଯେ ସରକାରୀ ପୋର୍ଟାଲରେ ତାଙ୍କୁ ମୃତ ବୋଲି ଦର୍ଶାଯାଇଛି । ଫଳରେ ସେ ଦ୍ୱିତୀୟ କିସ୍ତିରୁ ବଞ୍ଚିତ ହୋଇଛନ୍ତି । କେବଳ ସୁଭଦ୍ରା ଯୋଜନା ନୁହେଁ, ଏହି ତ୍ରୁଟି ଯୋଗୁଁ ତାଙ୍କ ଆଧାର କାର୍ଡ କାର୍ଯ୍ୟକ୍ଷମ ରହୁନାହିଁ । ସେହିପରି ସ୍ୱାସ୍ଥ୍ୟ ବୀମା କାର୍ଡ, ରାସନ କାର୍ଡ ସମେତ ଅନ୍ୟାନ୍ୟ ସରକାରୀ ସୁବିଧାରୁ ମଧ୍ୟ ସେ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ।



ଗରିବ ପରିବାରର ହୋଇଥିବାରୁ ସ୍ୱାସ୍ଥ୍ୟ ସେବା ନେବା ସମୟରେ ମଧ୍ୟ ସେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଅସନ୍ତୋଷ ପ୍ରକାଶ ପାଇଛି । ଜଣେ ଜୀବିତ ବ୍ୟକ୍ତିଙ୍କୁ ସରକାରୀ ରେକର୍ଡରେ ମୃତ ଦର୍ଶାଇବା ଭଳି ଗୁରୁତର ତ୍ରୁଟି କିପରି ଘଟିଲା, ତାହାକୁ ନେଇ ପ୍ରଶ୍ନ

### ସୁଭଦ୍ରା ଯୋଜନାର କିସ୍ତିରୁ ବଞ୍ଚିତ

ଉଠିଛି । ଘଟଣାକୁ ଗୁରୁତର ସହ ନେଇ ମାଥିଲି ବ୍ଲକ ବିକାଶ ଅଧିକାରୀ (ବିଡିଓ) ପ୍ରମୋଦ କୁମାର ବେହେରା କହିଛନ୍ତି ଯେ, ସନମତି କଟପାଡ଼ିଆଙ୍କୁ ସରକାରୀ ପୋର୍ଟାଲରେ ମୃତ ବୋଲି ଦର୍ଶାଯାଇଥିବା ଘଟଣାର ତଦନ୍ତ କରାଯିବ । କେଉଁ କାରଣରୁ ଏଭଳି ତ୍ରୁଟି ଘଟିଛି, ତାହାର ଅନୁଧ୍ୟାନ କରାଯିବା ସହ ଜୀବିତ ଥାଇ ମଧ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ସନମତିଙ୍କୁ ଯଥାଶୀଘ୍ର ନ୍ୟାୟ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ସରକାରୀ ତଥ୍ୟଭଣ୍ଡାରରେ ଥିବା ଏପରି ତ୍ରୁଟି ଜଣେ ଗରିବ ଆଦିବାସୀ ଯୁବତୀଙ୍କ ଜୀବନକୁ କିପରି ପ୍ରଭାବିତ କରିପାରେ, ସନମତି କଟପାଡ଼ିଆଙ୍କ ଘଟଣା ତାହାର ଏକ ଜ୍ୱଳନ୍ତ ଉଦାହରଣ ପାଲଟିଛି । ଏବେ ପ୍ରଶାସନ କେତେ ଶୀଘ୍ର ଏହି ସମସ୍ୟାର ସମାଧାନ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## ନୂତନ ବିଇଓ ନିଯୁକ୍ତି ଦାବି

ମାଥିଲି,୮।୬ (ସମିସ): ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ସୁମିତ ବିଶ୍ୱାସଙ୍କ ବଦଳି ଆଦେଶ ପରେ ମାଥିଲିରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତୁରନ୍ତ ନିଯୁକ୍ତି ପାଇଁ ବିଭିନ୍ନ ମହଲରୁ ଦାବି ଉଠିଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟମାନଙ୍କ ସମେତ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଏନେଇ ଚିନ୍ତା ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ମାଥିଲି ବ୍ଲକରେ ୨୦ଟି ପଞ୍ଚାୟତ ଅଧୀନରେ ମୋଟ ୨୨୮ଟି ବିଦ୍ୟାଳୟ ରହିଛି । ଏତେ ବଡ଼ ଶିକ୍ଷା ପ୍ରଶାସନିକ କ୍ଷେତ୍ର ପାଇଁ ଅତି କମରେ ତିନିଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜଣେ ଶିକ୍ଷା ଅଧିକାରୀ ରହିବା କଥା । କିନ୍ତୁ ଗତ ଦୁଇ ବର୍ଷ ଧରି କେବଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଏବଂ ଜଣେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସଂଚାଳିତ ହୋଇଆସୁଥିଲା । ଶ୍ରୀ ବିଶ୍ୱାସଙ୍କ କାର୍ଯ୍ୟକାଳ ମଧ୍ୟରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପୁନରୁଦ୍ଧାର, ଅବସର ଦିନରେ ଫାଇନାଲ ପେନସନ ପ୍ରଦାନ ବ୍ୟବସ୍ଥା, ମାଟ୍ରିକ୍ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ଫଳାଫଳ ହାସଲ ପାଇଁ ସ୍ୱତନ୍ତ୍ର ଅଭିଯାନ, ନିୟମିତ ବିଦ୍ୟାଳୟ ପରିଦର୍ଶନ ଏବଂ ଶୈକ୍ଷିକ ବାତାବରଣର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା କୁହାଯାଉଛି । ତାଙ୍କ ନେତୃତ୍ୱରେ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ଏକ ସକାରାତ୍ମକ ପରିବର୍ତ୍ତନ ଆସିଥିବା ବୋଲି ଶିକ୍ଷକ ମହଲରେ ମତ ପ୍ରକାଶ ପାଇଛି । ଏପରି ସ୍ଥିତିରେ କୌଣସି ନୂତନ ଅଧିକାରୀଙ୍କୁ ନିଯୁକ୍ତି ନଦେଇ ବର୍ତ୍ତମାନର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବଦଳି କରାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ମାଥିଲି ପରି ଆଦିବାସୀ ଅଧ୍ୟୁଷିତ ବ୍ଲକରେ ନୂତନ ବିଇଓଙ୍କ ନିଯୁକ୍ତି ପୂର୍ବରୁ ବର୍ତ୍ତମାନ ଅଧିକାରୀଙ୍କ ବଦଳି ଶିକ୍ଷା ପ୍ରଶାସନକୁ ପ୍ରଭାବିତ କରିପାରେ ବୋଲି ଅନେକେ ମତ ପ୍ରକାଶ କରିଛନ୍ତି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଯଦି ସାମୟିକ ଭାବେ ଅନ୍ୟ କୌଣସି ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଏ, ତେବେ ଚାଲୁ ଶିକ୍ଷାବର୍ଷର ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ପ୍ରଭାବିତ ହେବା ସହିତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ବିଭିନ୍ନ ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବେ । ଏହାସହ ଅବସରକାଳୀନ ପେନସନ ପ୍ରକ୍ରିୟା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ ମାଥିଲି ବ୍ଲକ ପାଇଁ ତୁରନ୍ତ ଜଣେ ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରାଯିବା ସହ ବର୍ତ୍ତମାନର ବିଇଓଙ୍କ ବଦଳି ପ୍ରକ୍ରିୟାକୁ ନୂତନ ଅଧିକାରୀ ଯୋଗଦାନ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ମଧ୍ୟ ଅନୁରୋଧ କରାଯାଇଥିବା ଜଣାପଡ଼ିଛି ।

## ଗ୍ରାମୋଦୟ ସଚେତନତା କାର୍ଯ୍ୟକ୍ରମ



ନାରାୟଣପାଟଣା, ୮।୬ (ସମିସ): ନାରାୟଣ ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ ଦୋରାଙ୍କ ଅଧ୍ୟକ୍ଷତାରେ ତେନ୍ତୁଳି ପଦର ଗ୍ରାମ ପଞ୍ଚାୟତଠାରେ ଗ୍ରାମଦ୍ୟୋୟ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରବିନ୍ଦ୍ର ଶିରିକା, ଜିଲ୍ଲା ପରିଷଦ ସଭ୍ୟା ରାମ୍ବୋ ଶିରିକା, ସମିତି ସଭ୍ୟ ସୁରେଶ ଶିରିକା, ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ, ସମସ୍ତ ଜନସାଧାରଣ ଯୋଗ ଦେଇଥିଲେ । ଏହ ଯୋଜନାରେ ତେନ୍ତୁଳି ପଦର ଗ୍ରାମ ପଞ୍ଚାୟତର ଚାରିଗୋଟି ଗ୍ରାମ ତଥା କନକା, କୁମୁଡାସିଲ, ପିପଳପଦର, ତେନ୍ତୁଳି ପଦର ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ । ଏହି ଗ୍ରାମଦ୍ୟୋୟ ଯୋଜନା ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ବିକାଶ ମୂଳକ କାର୍ଯ୍ୟକ୍ରମ । ଏହା ମାଓ ପ୍ରଭାବିତ ଅଞ୍ଚଳରେ ରହୁଥିବା ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ଓ ସରକାରୀ ଯୋଜନା ଗୁଡିକୁ ଶତପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚାଇ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା । ସରକାରଙ୍କ ୨୧ଟି ବିଭାଗର ୪୦ରୁ ଅଧିକ ଜନ କଲ୍ୟାଣକାରୀ ଯୋଜନାକୁ ଏକାଠି କରି ସରକାରୀ ସୁବିଧା ଯେପରିକି ରାସ୍ତା ଘାଟ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା, ଏବଂ ବେଙ୍କିଙ୍ଗ ସେବା ଗ୍ରାମାଞ୍ଚଳରେ ଯେପରି ଶତପ୍ରତିଶତ ପହଞ୍ଚିବ, ତାହା ଏହି ଗ୍ରାମଦ୍ୟୋୟ ଯୋଜନା ମାଧ୍ୟମରେ ସୁନିଶ୍ଚିତ କରାଯାଇଛି । ଅଧ୍ୟକ୍ଷ ଶ୍ରୀ ତ୍ରିନାଥ ନିଜ ଅଭିଭାଷଣ ମାଧ୍ୟମରେ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ନିକଟକୁ ପହଞ୍ଚାଇ ଲୋକଙ୍କ କାମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ବିଭାଗୀୟ ଅଧିକାରୀମାନେ ନିଜ ବିଭାଗର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ । କାର୍ଯ୍ୟକ୍ରମରେ ମଞ୍ଜୁର ହେଇଥିବା ହିତାଧିକାରୀମାନଙ୍କୁ ଜବ୍ କାର୍ଡ, ଭତ୍ତା କାର୍ଡ, ଲେବର କାର୍ଡ, ମସାରୀ, ସ୍ୱାସ୍ଥ୍ୟକାର୍ଡ, ୪ଟି ଗ୍ରାମର ଯୁବକମାନଙ୍କୁ ଖେଳକୁଦ, ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଖେଳ ସାମଗ୍ରୀ, ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଶି ପ୍ରଦାନ କରିଥିଲେ । ଶେଷରେ ମଞ୍ଚ ପରିଚାଳନା କରୁଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ତୁଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଚାମ୍ବର ଅଫ୍ କମର୍ସର ୱେବ୍‌ସାଇଟ୍ ଉନ୍ମୋଚିତ



ଜୟପୁର,୮।୬(ସମିସ): ଜୟପୁର ଚାମ୍ବର ଅଫ୍ କମର୍ସର ନୂତନ ସଦସ୍ୟ ଗ୍ରହଣ ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟକାରୀ ହେବ । ତେଣୁ ଗତକାଲି ସଂଧ୍ୟାରେ ସ୍ଥାନୀୟ ବେଦିକା ଠାରେ ଚାମ୍ବର ଅଫ୍ କମର୍ସର ନୂତନ ୱେବ ସାଇଟ ଉନ୍ମୋଚନ ହୋଇଥିଲା । ଏଥିରେ ସଭାପତି ସଞ୍ଜୟ କୁମାର ଜୈନ, ସମ୍ପାଦକ ବି.ସତିଶଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା, ନିର୍ଦ୍ଦେଶକ ଓ ଉପଦେଷ୍ଟା ମଣ୍ଡଳିଙ୍କ ଉପସ୍ଥିତିରେ ଏହି ୱେବସାଇଟର ଶୁଭାରମ୍ଭ କରାଯାଇଥିଲା । ପୂର୍ବରୁ ଚାମ୍ବର ଅଫ୍ କମର୍ସର ସଦସ୍ୟତା କାଗଜ କଲମରେ କରାଯାଉଥିବା ବେଳେ ବର୍ତ୍ତମାନ ଡିଜିଟାଲ ଦୁନିଆ ହୋଇଥିବା ଯୋଗୁଁ ଚାମ୍ବର ଅଫ କମର୍ସର ସମସ୍ତ ତଥ୍ୟ ଗୋଟିଏ ୱୋବ ସାଇଟରେ ମିଳିପାରିବ ଏବଂ ଚାମ୍ବର ଅଫ କମର୍ସରେ ସଦସ୍ୟ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସଭାପତି ଶ୍ରୀ ଜୈନ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ନେହେରୁ ନଗର ସ୍ଥିତ ବେଦିକା ଭବନ ଉପର ମହଲାରେ ଚାମ୍ବର ଅଫ କମର୍ସର ଏକ ସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବ ବୋଲି ପ୍ରକାଶ କରିଛନ୍ତି । ଅଧିକ ସଂଖ୍ୟକ ସଦସ୍ୟ ହେଲେ ସଂଗଠନ ଅଧିକ ସୁଦୃଢ ହୋଇପାରିବ ଏବଂ ସମସ୍ତ ବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା ମଧ୍ୟ ହୋଇପାରିବ । ଅନ୍‌ଲାଇନ ମାଧ୍ୟମରେ ସାମଗ୍ରୀ କ୍ରୟ ବଦଳରେ ସ୍ଥାନୀୟ ଦୋକାନ ବଜାରରୁ ସାମଗ୍ରୀ କ୍ରୟ କରିବାକୁ ଜୟପୁର ଗ୍ରାହକ ମାନଙ୍କୁ ଆହ୍ୱାନ କରାଯାଇଛି । ଏହା ଦ୍ୱାରା ସ୍ଥାନୀୟ ବଜାର,ବ୍ୟବସାୟୀଙ୍କ ସମେତ ସହର ବିକାଶ ଓ ଉନ୍ନତି ହେବ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା । ପ୍ରକାଶ ଯେ, ବର୍ତ୍ତମାନ ଚାମ୍ବର ଅଫ୍ କମର୍ସର ମାତ୍ର ୮୪୦ ଜଣ ସଦସ୍ୟ ରହିଛନ୍ତି । ତେଣୁ ସହରର ସମସ୍ତ ଛୋଟ ଓ ବଡ଼ ବ୍ୟବସାୟୀ ରହିଛନ୍ତି । ସମସ୍ତଙ୍କୁ ଏକଜୁଟ କରାଯାଇ ଚାମ୍ବର ଅଫ୍ କମର୍ସର ସଦସ୍ୟ ଭାବେ ଗ୍ରହଣ କରାଯାଇ ଏହାର ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି କରାଯିବ ବୋଲି ସଭାପତି ଶ୍ରୀ ଜୈନ ପ୍ରକାଶ କରିଥିଲେ ।

## ଚାଷୀ ପଞ୍ଜୀକରଣରେ ରାଜ୍ୟରେ ପ୍ରଥମ ତେନ୍ତୁଲିଖୁଣ୍ଟି କୃଷି ବିଭାଗ

ତେନ୍ତୁଲିଖୁଣ୍ଟି,୮।୬(ସମିସ): ଚାଷୀ ପଞ୍ଜୀକରଣରେ ସଫଳତା ସହ ଓଡ଼ିଶା କୃଷି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ନବରଙ୍ଗପୁର ଜିଲ୍ଲାର ତେନ୍ତୁଲିଖୁଣ୍ଟି ବ୍ଲକ । ସରକାରୀସ୍ତରରେ ଧାର୍ଯ୍ୟ ହୋଇଥିବା ମୋଟ ୭,୫୭୬ଟି ଚାଷୀ ପଞ୍ଜୀକରଣର ସମସ୍ତ ଲକ୍ଷ୍ୟକୁ ସଫଳତାର ସହ ଶତକଡ଼ା ୧୦୦ ଭାଗ ପୂରଣ କରିଛି ତେନ୍ତୁଲିଖୁଣ୍ଟି କୃଷି ବିଭାଗ । ଏଥିସହିତ ସମଗ୍ର ଓଡ଼ିଶା ରାଜ୍ୟରେ ୧୦୦ ପ୍ରତିଶତ ପଞ୍ଜୀକରଣ ଅତିକ୍ରମ କରିବାରେ ତେନ୍ତୁଲିଖୁଣ୍ଟି ସର୍ବ ପ୍ରଥମ ବ୍ଲକ୍‌ର ଗୌରବ ଅର୍ଜନ କରିଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା ଏବଂ ବ୍ଲକ୍ କୃଷି ଅଧିକାରୀ ବରୁଣ ଧାନଫୁଲ୍ କାର୍ଯ୍ୟଶୈଳୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ଭଳି ନେତୃତ୍ୱ ତେନ୍ତୁଲିଖୁଣ୍ଟି ପାଇଁ ଏହି ସଫଳତା ଆଣିଦେଇଥିବା କୁହାଯାଉଛି । ଏହି ସଫଳତା ପାଇଁ କୃଷି ବିଭାଗର କର୍ମଚାରୀ ମଧ୍ୟ ଦିନରାତି ଏକ କରି କାର୍ଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ବ୍ଲକ୍‌ର କୃଷି ବୈଷୟିକ ପ୍ରବନ୍ଧକ ବାଳ ଗୋବିନ୍ଦ ସାହୁ ସର୍ବାଧିକ ପାଖାପାଖି ୧,୭୭୦ ଟି ଚାଷୀ ପଞ୍ଜୀକରଣ କରି ଏକ ଅସାଧାରଣ ରେକର୍ଡ ସୃଷ୍ଟି କରିଛନ୍ତି । ତାଙ୍କର ଏହି ନିଷ୍ଠାପର ଉଦ୍ୟମ ସମଗ୍ର ଟିମ୍ ପାଇଁ ଏକ ବଡ଼ ପ୍ରେରଣା ସାଜିଛି । ସେହିପରି ଧିରେନ କୁମାର ବେନ୍ୟ, ଜିତେନ୍ଦ୍ର ଟାକ୍ରୀ ଏବଂ ମଧୁସ୍ମିତା ପତି ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ଜଣେ ଜଣେ ୧,୦୦୦ ରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ କରିବାରେ ସଫଳ ହୋଇଛନ୍ତି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ କ୍ଷେତ୍ରସ୍ତରରେ ସୁଚାରୁରୂପେ ପରିଚାଳନା କରିବାରେ ବନ୍ଦିତା ମହାରଣା, ବିଶ୍ୱଜିତ୍ ମଣ୍ଡଳ, ଆଶିଷ କୁମାର ପରିଡ଼ା ଏବଂ ଧୋନିରମ୍ ମାଝୀ ପ୍ରମୁଖ କର୍ମଚାରୀମାନେ ପ୍ରଶଂସନୀୟ ସହଯୋଗ କରିଥିଲେ । ଚାଷୀମାନଙ୍କ ସାମଗ୍ରିକ କଲ୍ୟାଣ ଓ ପ୍ରଗତି ପାଇଁ ଏହି ପ୍ରୟାସ ଓ ସେବା ଆଗକୁ ମଧ୍ୟ ନିରନ୍ତର ଜାରି ରହିବା ନେଇ ପ୍ରକାଶ କରିଛନ୍ତି କୃଷି ବିଭାଗ କର୍ମଚାରୀ । ବ୍ଲକ୍‌ର ଏଭଳି ସଫଳତା ପାଇଁ ସାରା ଜିଲ୍ଲା ତଥା ରାଜ୍ୟ କୃଷି ବିଭାଗରେ ପ୍ରଶଂସା ସାଉଁଟିଛି ତେନ୍ତୁଲିଖୁଣ୍ଟି କୃଷି ବିଭାଗ ।

## ବିଚାରପତିଙ୍କ ସରକାରୀ ବାସଗୃହରୁ ଚୋରି ଉଦ୍ୟମ

ଜୟପୁର,୮।୬(ସମିସ): ଜୟପୁର ଜିଲ୍ଲା କୋର୍ଟ ପରିସରରେ ରହିଥିବା ଜଜ୍‌ଙ୍କ ସରକାରୀ ବାସଭବନ ପରିସରରେ ଦୁର୍ବୃତ୍ତ ମାନେ ପାଚେରୀ ଡେଇଁ ଚୋରି ଉଦ୍ୟମ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । କିନ୍ତୁ କୌଣସି ସାମଗ୍ରୀ ଚୋରି ହୋଇନଥିବା ନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି । ଏହିପରି ଆଗାମୀ ଦିନରେ ଏହି ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବ ବୋଲି ଟାଉନଥାନା ପୁଲିସ ପକ୍ଷରୁ ପ୍ରକାଶ କରିଛନ୍ତି । ଜୟପୁର ସହରରେ ଚୋର ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ବେଳେ ସହରର ଅନ୍ୟତମ ସୁରକ୍ଷିତ ଜୟପୁର ଜିଲ୍ଲା କୋର୍ଟ ପରିସରରେ ରହିଥିବା ଜଜ୍ ମାନଙ୍କ ସରକାରୀ ବାସଗୃହର ପାଚେରୀ ଡେଇଁ ଚୋରି ଉଦ୍ୟମ ସହରର ସୁରକ୍ଷା ବ୍ୟବସ୍ଥା ଏବଂ ପୁଲିସର ସଜାଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ଏହିପରି ଜିଲ୍ଲା କୋର୍ଟ ପରିସରରେ ଦିନରାତି ସୁରକ୍ଷା ବ୍ୟବସ୍ଥା ରହିଥିବା ବେଳେ ଦୁର୍ବୃତ୍ତ ମାନେ ବିନା ଭୟରେ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ସହରର ସାଧାରଣ ଲୋକ ମାନଙ୍କ ଗୃହ କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ଦେଖାଦେଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଶନିବାର ରାତିରେ ଅଜଣା ଦୁର୍ବୃତ୍ତ ଜିଲ୍ଲା କୋର୍ଟ ପରିସରରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସରକାରୀ ବାସଭବନର ପାଚେରୀ ଡେଇଁ ଭିତରେ ପ୍ରବେଶ କରିବା ସହିତ ଚୋରି ନେଇ ଉଦ୍ୟମ କରିଥିଲେ । କିନ୍ତୁ କୌଣସି କାରଣରୁ ଦୁର୍ବୃତ୍ତମାନେ ଚୋରି କରିବାରେ ବିଫଳ ହୋଇ ଫେରିଯାଇଥିଲେ । ଏଥିନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଦୁର୍ବୃତ୍ତମାନଙ୍କୁ କାବୁ କରିବା ନେଇ ପ୍ରୟାସ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ରାଉତ ପ୍ରକାଶ କରିଛନ୍ତି ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

# ସୁରକ୍ଷା ପାଇଁ ନିୟୋଜିତ ହେବ ୨ ଡ୍ରୋନ୍ କ୍ୟାମେରା

ଜୟପୁର,୮।୬(ସମିସ):



କୋରାପୁଟ ଜିଲ୍ଲା ଜୟପୁର ସହରରେ ଆସନ୍ତା ରଥଯାତ୍ରା ଶାନ୍ତି ଓ ଶୃଙ୍ଖଳାରେ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୌରସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ସୋମବାର ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ତହସିଲଦାର ତଥା ଭାରପ୍ରାପ୍ତ ଦେବତ୍ତୋର ଅଧିକାରୀ ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଉପଜିଲ୍ଲାପାଳ ଯଦୁମଣି ନାୟକ, ପୌରଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ନିର୍ବାହୀ ଅଧିକାରୀ ପୂଜା ରାଉତ, ଉପାଧ୍ୟକ୍ଷା ବି. ସୁନିତା, ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ଆସନ୍ତା ଜୁଲାଇ ୧୬ ତାରିଖରେ ଗୁଣ୍ଡିଚା ଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ଶାନ୍ତି ଓ ଶୃଙ୍ଖଳା ସହିତ ରଥଯାତ୍ରା ପାଳନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଚଳିତବର୍ଷ ଯାତ୍ରାରେ ସାଧାରଣ ଲୋକଙ୍କୁ ସୁରକ୍ଷା ପାଇଁ ଦୁଇଟି କ୍ୟାମେରା ଡ୍ରୋନ ରଥଟଣା ଏବଂ ୯ ଦିନ ଯାତ୍ରା ସମୟରେ ଜନଗହଳୀ ପୂର୍ଣ୍ଣ ଅଞ୍ଚଳରେ ସଜାଗ ରହି ସୁରକ୍ଷା ପ୍ରଦାନ ସହିତ ଫୋଟ ଓ ଭିଡିଓ ଉତ୍ତୋଳନ କରିବ । ଏହିପରି ରଥଉପରେ ସର୍ବାଧିକ ୨୫ ଜଣ ସେବାୟତ ଉପସ୍ଥିତ ରହିବେ ଏବଂ ସମସ୍ତଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ । ଏହିପରି ସୁରକ୍ଷା ଦାୟୀତ୍ୱରେ କ୍ୟାମେରା ଡ୍ରୋନ ସହିତ ସାଧାପୋଷାକରେ ପୁଲିସ ପଇଁତରା ମାରିବେ । ଏହିପରି ରଥଯାତ୍ରା ସମୟରେ ମଦୁଆ ଏବଂ ଚୋରଙ୍କୁ ନିୟନ୍ତ୍ରଣ ନେଇ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ । ସେହିପରି ଭକ୍ତ, ଶ୍ରଦ୍ଧାଳୁ ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପୁଲିସ କର୍ମଚାରୀ ନିୟୋଜିତ ହେବା ଉପରେ ଉପସ୍ଥିତ ବିଧାୟକ ଶ୍ରୀ ବାହିନୀପତି ନିର୍ଦ୍ଦେଶ ଦେଇଛନ୍ତି । ପରମ୍ପରା ଅନୁଯାୟୀ ଗୁଣ୍ଡିଚା ଯାତ୍ରା ପରଦିନ ଜୟପୁର ସହରରେ ରଥଟଣା ଯାଇଥାଏ, ପୁଲିସ ସହରର ଟ୍ରାଫିକ ଏବଂ ରଥ ଚାରିପାଖରେ ଉପସ୍ଥିତ ରହିବେ । ରଥନିର୍ମାଣ କାର୍ଯ୍ୟକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀଙ୍କ ଯାଞ୍ଚ ଓ ସାର୍ଟିଫିକେଟ ଅନୁଯାୟୀ କାର୍ଯ୍ୟକାରୀ ହେବ । ଟାଟା ସାଉଥ୍‌କୋ ବିଭାଗ ପକ୍ଷରୁ ନିରବିଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା ଆବଶ୍ୟକ ଲାଇଟ ଏବଂ ଜେନରେଟର ବ୍ୟବସ୍ଥା କରିବାକୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ଏହିପରି ରାସ୍ତା ପାଶ୍ୱର୍ରେ ରହିଥିବା ଅନାଆବଶ୍ୟକ ବିଦ୍ୟୁତ୍ ଖୁଣ୍ଟ ଗୁଡିକ ଉଠାଇବାକୁ ବିଧାୟକ ଶ୍ରୀ ବାହିନୀପତି କାଡ ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରା ୧୦ ଦିନ ପର୍ଯ୍ୟନ୍ତ ସହରର ପରିମଳ ସହ ସଫେଇ ବ୍ୟବସ୍ଥା ଏବଂ ଅସ୍ଥାୟୀ ଶୈଚାଳୟ ବ୍ୟବସ୍ଥା କରିବା ପୌରସଂସ୍ଥା ପକ୍ଷରୁ ସୂଚାରୁ ରୂପେ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ସହରରେ ରହିଥିବା ସମସ୍ତ ସ୍ଥାପିତ ପାଣିଟାଙ୍କି ଗୁଡିକର ସଫେଇ କରିବା ସହିତ ପାଣି ଯୋଗାଣ କରାଯାଇ ମହଜୁଦ ରଖିବାକୁ ସହରାଞ୍ଚଳ ଜଳଯୋଗାଣ ବିଭାଗକୁ ନିର୍ଦ୍ଦେଶ କରାଯାଇଛି । ବନ ବିଭାଗ ପକ୍ଷରୁ ଯାତ୍ରା ପୂର୍ବରୁ ରାସ୍ତା ପାଶ୍ୱର୍ରେ ରହିଥିବା ବଡ଼ ବଡ଼ ଗଛର ଡାଳ କାଟିବା ଏବଂ ଅଗ୍ନିସମ ବିଭାଗ ପକ୍ଷରୁ ରଥଟଣା ସମୟରେ ରଥ ପଛରେ ରହିବା ସହିତ କୌଣସି ଜରୁରୀ ପରିସ୍ଥିତିରେ ଉଦ୍ଧାରକାରୀ ଦଳ ସଜାଗ ରହିବେ । ଏହିପରି ସୁଗନ୍ଧ ପାଣି ଗରମରୁ ରକ୍ଷା ପାଇବା ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପରେ ସିଞ୍ଚନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି । ରଥ ଚାରିପାଖରେ ୩୦ ଫୁଟ ପରିଧିରେ ଅନ୍ୟାବଶ୍ୟକ ଲୋକ ଉପସ୍ଥିତ ରହିବା ଉପରେ ବାରଣ କରାଯାଇଛି । ରଥଟଣା ସମୟରେ ଅନାବଶ୍ୟକ ସେବାୟତଙ୍କୁ ରଥ ଉପରେ ରହିବା ଉପରେ ବାରଣ କରାଯାଇଥିବ ବେଳେ ପୂଜକ ଏବଂ ଅନ୍ୟାନ୍ୟ ମନ୍ଦିର କର୍ମଚାରୀଙ୍କ ସମେତ ୨୫ରୁ ଅଧିକ ଲୋକଙ୍କୁ ରଥ ଉପରେ କଟକଣା ଜାରି କରାଯାଇଛି । ସେହିପରି ପ୍ରତ୍ୟେକ ଦିନ ସଂଧ୍ୟାରେ ଗୁଣ୍ଡିଚା ଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ବାଙ୍କମଠ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ଅନ୍ୟମାନଙ୍କ ମଧ୍ୟରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ବନବିଭାଗ. ଜନସ୍ୱାସ୍ଥ୍ୟ ବିଭାଗ, ଟାଟ ପାୱାର ବିଦ୍ୟୁତ ବିଭାଗ, ଟାଉନ୍ ଥାନା ପୁଲିସ, ଜିଲ୍ଲା ଚିକିତ୍ସାଳୟ ସୂଚନ ଓ ଲୋକସମ୍ପର୍କ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## କୋଡ଼ିଙ୍ଗା ହାଇସ୍କୁଲ ରୋଷେୟାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋଷାଗୁମୁଡ଼ା,୮।୬ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ସମସ୍ତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା କୋଡ଼ିଙ୍ଗା ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ରୋଷେୟା ତଥା ସେବାୟତ ଦଇମତି ଭତ୍ରା ଗତ ମେ ମାସ ୩୧ତାରିଖରେ ତାଙ୍କ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଉଚ୍ଚ ବିଦ୍ୟାଳୟ ଠାରେ ଏକ ବିଦାୟକାଳୀନ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ କୋଷାଗୁମୁଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ସଂଘର କର୍ମକର୍ତ୍ତା ମାନେ ଯୋଗଦେଇ ଦଇମତି ଭତ୍ରାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ସଭାରେ ଜିଲ୍ଲା ସଂଘର କୋଷାଧ୍ୟକ୍ଷ କୈଳାସ ପ୍ରଧାନୀ , ଉପଦେଷ୍ଟା ରାଜେନ୍ଦ୍ର ନାୟକ, ଉପସଭାପତି ସମ୍ବାରୁ ରନ୍ଧାରୀ,ସମ୍ପାଦକ ସମ୍ବାରୁ ହରିଜନ, ଜିଲା ସଂଘ ସଦସ୍ୟ ଘାସିରାମ ପୂଜାରୀ, ସଦସ୍ୟ ଲକ୍ଷମୂ ଭତ୍ରା ଯୋଗ ଦେଇଥିବାବେଳେ କୋଷାଗୁମୁଡ଼ା ବ୍ଲକ ସଭାପତି ଲକ୍ଷ୍ମୀଚନ୍ଦ୍ର ଭତ୍ରା ଉପ ସଭାନେତ୍ରୀ ସାବିତ୍ରୀ ଭତ୍ରା, ସମ୍ପାଦକ ଚୈତନ ଭତ୍ରା, କୋଷାଧ୍ୟକ୍ଷ ଡିସେମ୍ବର ପୂଜାରୀ, ବରିଷ୍ଠ ସେବାୟତ ଯୋଗୁରାମ ପାତ୍ର, ଐଶ୍ୱିନୀ ବୈପାରି, ବନମାଳୀ ଭତ୍ରା, ଗୋପି ଭତ୍ରା, ରାମବତୀ ପୂଜାରୀ, ଗୁରୁବାରୀ ଦିଶାରୀ, ମୋତିସିଂ ଭତ୍ରା, ସୈରେନ୍ଦ୍ର ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ବଢୁଛି ବାଲି ଚୋରା ଚାଲାଣ

# ଖଣି ବିଭାଗର ଚଢ଼ଉ; ବାଲି ବୋଝେଇ ଟ୍ରକ୍ ଜବତ

ମାଲକାନଗିରି, ୮।୬ (ସମିସ): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବାଲି ଚୋରା ଚାଲାଣ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଖଣି ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ ହୋଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବାଲି ଉତ୍ତୋଳନ ଓ ଚାଲାଣ ସମ୍ପର୍କରେ ଲଗାତାର ଅଭିଯୋଗ ଆସୁଥିବାରୁ ଖଣି ବିଭାଗ ସତର୍କ ହୋଇ ବିଶେଷ ଯାଞ୍ଚ ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚମ୍ପାଖାରି ଚେକପୋଷ୍ଟ ଠାରେ ଚାଲିଥିବା ଯାଞ୍ଚ ବେଳେ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରକକୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜିଲ୍ଲାର ମାଥିଲି ଅଞ୍ଚଳରେ ଦୀର୍ଘ ଦିନ ଧରି ବାଲି ଚୋରା ଚାଲାଣ ଚାଲିଥିବା ନେଇ ସ୍ଥାନୀୟ ଲୋକେ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲା। ନଦୀ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ରାତି ଅଧିଆରେ ଅନ୍ୟ ଅଞ୍ଚଳକୁ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ବଢ଼ିବା ପରେ



ଖଣି ବିଭାଗ ପକ୍ଷରୁ ତନାଘନା ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚମ୍ପାଖାରି ଚେକପୋଷ୍ଟ ଠାରେ ବିଭାଗୀୟ ଅଧିକାରୀମାନେ ଯାନବାହନ ଯାଞ୍ଚ କରୁଥିବା ବେଳେ ସନ୍ଦେହଜନକ ଭାବେ ବାଲି ବୋଝେଇ ହୋଇ ଆସୁଥିବା ଦୁଇଟି ଟ୍ରକକୁ ଅଟକାଇଥିଲେ। ଯାଞ୍ଚ ବେଳେ ଗାଡ଼ି ଚାଳକଙ୍କ ନିକଟରେ ବାଲି ପରିବହନ ପାଇଁ ଆବଶ୍ୟକ ବୈଧ ଅନୁମତି ପତ୍ର କିମ୍ବା ଚାଲାଣ ସମ୍ପର୍କିତ କୌଣସି ଦସ୍ତାବିଜ ନଥିବା ଜଣାପଡ଼ିଥିଲା। ଫଳରେ ଖଣି ଆଇନ ଅନୁଯାୟୀ ଉଭୟ ଗାଡ଼ିକୁ ଜବତ କରାଯାଇଥିଲା। ସ୍ଥାନୀୟ ସୂତ୍ରରୁ ପ୍ରକାଶ ଯେ, ରାତି ସମୟରେ ଚୋରା ଚାଲାଣକାରୀମାନେ ନଦୀ ଘାଟରୁ ବାଲି ଉଠାଇ ବିଭିନ୍ନ ସ୍ଥାନକୁ ପଠାଉଥିବାରୁ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହିତ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀ ତଟବର୍ତ୍ତୀ ଅଞ୍ଚଳରେ କ୍ଷୟକ୍ଷତି ବଢୁଥିବା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଉଛି। ଖଣି ବିଭାଗର ଅଧିକାରୀମାନେ କହିଛନ୍ତି ଯେ, ବାଲି ଚୋରା ଚାଲାଣ ରୋକିବା ପାଇଁ ଆଗାମୀ ଦିନରେ ଆହୁରି କଡ଼ା ଯାଞ୍ଚ ଓ ଚଢ଼ାଉ କରାଯିବ। ଜବତ ହୋଇଥିବା ଦୁଇଟି ଟ୍ରକ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏହା ସହିତ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ କରୁଥିବା ବ୍ୟକ୍ତି ଏବଂ ଗୋଷ୍ଠୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ସତର୍କ କରିଛି।

## ● ଗୁଣପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ୨୦ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ରାୟଗଡ/ଗୁଣପୁର,୮।୬(ସମିସ): ରାୟଗଡ଼ ଜିଲ୍ଲା ଗୁଣପୁର ଠାରେ ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣୀଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରାସାଦ, ଡିଏଫଓ ସଚିନ୍ ଆନ୍ନା ସାହେବ ଓହୋଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ୍ ଅଭିଷେକ ଦିଲୀପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଆଜି ୨୦ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ। ସେଥିରୁ ବ୍ୟକ୍ତିଗତ ୫ ଟି ଏବଂ ୧୫ ଟି ସାମୁହିକ ଅଭିଯୋଗ ଦରଖାସ୍ତ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ଜଣଙ୍କୁ ରେଡ୍‌କ୍ରସ ପାଣ୍ଠି ତରଫରୁ ଚିକିତ୍ସା ପାଇଁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ ଜିଲ୍ଲାପାଳ। ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାର ବାବୁଲି ନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଯ୍ୟା, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଧନଞ୍ଜୟ ବେହେରା, ଏସଓ ପ୍ରଦୀପ୍ତ କୁମାର ଦଳାଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଜସ୍ମିନ୍ ଭୂୟାଁ, ଅଜୟ ଶବର, ବିନୋଦ କୁମାର ଶବର, ତପନ ରଥ ଏବଂ ମାଧବ ସାହୁ ସହଯୋଗ କରିଥିଲେ।




## ● ରଥର ଉଚ୍ଚତା ଓ ଓସାର ବୃଦ୍ଧି

# ଏଥର ନୂଆ ରଥରେ ବସିବେ ଚତୁର୍ଦ୍ଧାମୂର୍ତ୍ତି

ଜୟପୁର, ୮।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ଠାରେ ରାଜାରାଜୁଡା ସମୟରୁ ରଥଯାତ୍ରା ପାଳନ କରାଯାଉଛି। ଏହିପରି ପରମ୍ପରା ଅନୁଯାୟୀ ବଡ ରଥରେ ତିନି ଠାକୁର ଏବଂ ସାନ ରଥରେ ପତିତପାବନଙ୍କ ମୂର୍ତ୍ତି ବିରାଜମାନ ହୋଇ ଗୁଣ୍ଡିଚା ଓ ବାହୁଡା ଯାତ୍ରାରେ ଯୋଗ ଦେଇଥାଆନ୍ତି। ଏହିପରି ଚଳିତବର୍ଷ ରାମଗିରି ଜଙ୍ଗଲରୁ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ୩୪ଟି ବଡ ଶାଳ ଗଛକୁ କଟାଯାଇ ନୂତନ କାଠରେ ରଥ ନିର୍ମାଣ କାର୍ଯ୍ୟ ଗତ ମାସ ଠାରୁ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ନୂତନ ରଥର ଉଚ୍ଚତାକୁ ବୃଦ୍ଧି କରାଯାଇ ୪୨ ଫୁଟ ଏବଂ ଓସାର ୨୮ ଫୁଟ କରାଯାଇଛି। ପୂର୍ବରୁ ଉଚ୍ଚତା ୩୮ ଏବଂ ଓସାର ୨୪ ଫୁଟ ରହିଥିଲା। ସେହିପରି ପୁରୀ ରଥ ଭଳି ୮ଟି ଚକା, ୪ ଟି ଅଖ, ୪ଟା ନାଇକା ଖୁଣ୍ଟ ଏବଂ ରଥର ନିର୍ମାଣ କରାଯିବ ବୋଲି ମୁଖ୍ୟ ରଥ ନିର୍ମାଣ ମହାରଣା ସନ୍ତୋଷ ମହାରଣା ପ୍ରକାଶ କରିଛନ୍ତି । ଏହିପରି ସମୁଦାୟ ୧୫ ଜଣ ମହାରଣା ରଥର ଚକ, ଖୁଣ୍ଟ ପ୍ରଭୃତି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ନିର୍ମାଣ ହେଉଥିବା ବେଳେ, ରଥର ୪ଟି ମୁଖ୍ୟ ଅଖ ରଥପଡିଆ ଛକରେ ନିର୍ମାଣ କରାଯିବ। ସୂଚନା ଯୋଗ୍ୟ, ଗତ ୨୦୨୪ ମସିହାରେ ଜୟପୁର ରାଜାରାଜୁଡା ସମୟର ରଥ ନିର୍ମାଣ ଅନଯାୟୀ ନୂତନ ରଥ ନିର୍ମାଣ କରାଯାଇଥିଲା। କିନ୍ତୁ ବୈଷୟିକ ତ୍ରୁଟି ଯୋଗୁଁ ଗତ ଦୁଇବର୍ଷ ରଥ ଗୋଟିଏ ପାଶ୍ୱର୍ରେ ପାଖେଇ ଯାଇ ବିଦ୍ୟୁତ ଖୁଣ୍ଟ ଏବଂ ଟାଣିବାରେ ସମସ୍ୟା ସୃଷ୍ଟି ହେଉଥିଲା। ଫଳରେ ଜୟପୁର ସହରର ପରମ୍ପରା ଅନୁଯାୟୀ ସୂର୍ଯ୍ୟ ଅସ୍ତ ପରେ ରଥଟଣା ଯାଇନଥାଏ। କିନ୍ତୁ ଗତ ଦୁଇବର୍ଷ ଏହି ପରମ୍ପରାକୁ ଭଙ୍ଗ କରାଯାଇ ରାତି ୮ ପର୍ଯ୍ୟନ୍ତ ରଥ ଟଣା ଜାରି ରହୁଥିଲା। ଏଥିନେଇ ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।



# କୋରୁକୋଣ୍ଡାରେ ମିଳିତ ଜନ ଅଭିଯୋଗ ଶୁଣାଣି

ମାଲକାନଗିରି/କୋରୁକୋଣ୍ଡା, ୮।୬(ସମିସ): ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ କୋରୁକୋଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣୀ କରିଥିଲେ। କୋରୁକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ପ୍ରୀତମ ଦେବତା ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ସ୍ୱତନ୍ତ୍ର ସମାଧାନ ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସହାୟତା, ଜମିଜମା ବିବାଦ, ରାସନ କାର୍ଡ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୋଟ ୭୦ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭତ୍ତା, ବାସଗୃହ ଓ ଚିକିତ୍ସା ସହାୟତା ସମ୍ପର୍କିତ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମର ରାସ୍ତାଘାଟ, ବିଜୁଳି ଓ ସାମୂହିକ ବିକାଶକୁ ନେଇ ଆଉ ୩୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଆବେଦନ ଆସିଥିଲା। ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମାମଲାର ସ୍ଥଳଭାଗରେ ତୁରନ୍ତ ଫଇସଲା କରାଯିବା ସହ ବାକି ସମସ୍ୟା ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନ ସର୍ବଦା ଲୋକଙ୍କ ସେବା ଓ ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ। ପ୍ରତିଟି ଅଭିଯୋଗର ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ତଥା ସମୟସୀମା ମଧ୍ୟରେ ପ୍ରତିକାର କରିବା ପ୍ରଶାସନର ମୂଳ ଲକ୍ଷ୍ୟ, ଯେପରି କୌଣସି ବି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେବେ ନାହିଁ। ଜନସାଧାରଣ ନିଜ ସମସ୍ୟା ବିଷୟରେ ବିନା ଦ୍ୱିଧାରେ ପ୍ରଶାସନକୁ ଜଣାନ୍ତୁ, ପ୍ରଶାସନ ପ୍ରତିଟି ସ୍ତରରେ ଜନସାଧାରଣଙ୍କ ସହ ରହିଛି। ପ୍ରଶାସନିକ ଅଧିକାରୀମାନେ ନିଜେ ଲୋକଙ୍କ ପାଖକୁ ଆସି ସମସ୍ୟା ବୁଝୁଥିବାରୁ କୋରୁକୋଣ୍ଡା ଅଞ୍ଚଳବାସୀ ଏହି ମିଳିତ ଅଭିଯୋଗ ପ୍ରତିକାର ଶିବିରକୁ ବେଶ୍ ଉଚ୍ଚ ପ୍ରଶଂସା କରିଛନ୍ତି।



**୭୦ଟି ସମସ୍ୟାର ତୁରନ୍ତ ସମୀକ୍ଷା**

# ତେନ୍ତୁଳିଖୁଣ୍ଟିରେ ଜନ ଅଭିଯୋଗ ଶୁଣାଣି ଶିବିର




ତେନ୍ତୁଳିଖୁଣ୍ଟି, ୮।୬ (ସମିସ): ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୨୨ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୪ଟି ଗ୍ରାମ୍ୟ ଓ ସାମୂହିକ ସମସ୍ୟା ଆବେଦନ ଥିଲା। ତେନ୍ତୁଳିଖୁଣ୍ଟିରେ ବେଆଇନ ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ମହିଳା ମାନେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀଙ୍କ ସହ ବ୍ଲକ୍‌ର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ରାୟଗଡ,୮।୬(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କାର୍ଲାକଣା ଉଚ୍ଚ ବିଦ୍ୟାଳୟରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଂଜୁଳା ମିଣିଆକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ ଜିଲ୍ଲାର ଭାରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ରାୟଗଡ ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି, କାର୍ଲାକଣା ଗ୍ରାମ ପଞ୍ଚାୟତ ସରପଞ୍ଚ ନିଲାମ୍ବର ବିଡିକା, ସମିତି ସଭ୍ୟା ବନ୍ଦନା ଅଟକା ଓ ରାୟଗଡ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଛବିଲାଲ ସିଂ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବି.ସାରଳା, ସିନିୟର ଟିସି ସଂଜୀବ ପାଢୀ, ସୁନିଲ ମହାନ୍ତି, ବୁଲ ସାବତ, ଗୋବର୍ଦ୍ଧନ ତାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ରାୟଗଡ ବ୍ଲକ୍‌ର ମାଟିକଣା ଉଚ୍ଚ ବିଦ୍ୟାଳୟ ଓ ଗୁମ୍ମା ସରକାରୀ ଉନ୍ନତୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏସଏମସି କମିଟି ସମସ୍ତ ସଭ୍ୟସଭ୍ୟା, ପିଏସଏସର ସମସ୍ତ ସଭ୍ୟ, କାର୍ଲାକଣା ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଜେକେ କାଗଜକଳର ଲୋକ ସମ୍ପର୍କ ବିଭାଗ କର୍ତ୍ତୃପକ୍ଷ ହରିହର ଖମାରୀ ଉପସ୍ଥିତ ଥିଲେ।



# ନାଗାବଳୀ ଲାୟନ୍ସ କ୍ଲବର ଚାରାରୋପଣ କାର୍ଯ୍ୟକ୍ରମ




ରାୟଗଡ,୮।୬(ସମିସ): ଆଜି ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ନାଗାବଳୀ ଲାୟନ୍ସ କ୍ଲବ ଦ୍ୱାରା ମହିଳା ମହାବିଦ୍ୟାଳୟ ରାୟଗଡ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗାବଳୀ ଲାୟନ୍ସ କ୍ଲବ ରାୟଗଡର ଚାର୍ଟଡ଼ ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତି ଉକ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ନାଗାବଳୀ ଲାୟନ୍ସ କ୍ଲବ ରାୟଗଡର ସମସ୍ତ ଲାୟନ୍ସ ସଦସ୍ୟମାନେ ସହଯୋଗ କରିଥିବା ବେଳେ ମହିଳା ମହାବିଦ୍ୟାଳୟର ଅଧକ୍ଷା ଲାୟନ୍ସ ଡ. ଅର୍ଚ୍ଚନା ପଟ୍ଟନାୟକ ସମସ୍ତଙ୍କୁ ଆପ୍ୟାୟିତ କରିବା ସହ ସହଯୋଗ କରିଥିଲେ। ନାଗାବଳୀ ଲାୟନ୍ସ କ୍ଲବର ଏଭଳି କାର୍ଯ୍ୟକ୍ରମକୁ ରାୟଗଡବାସୀ ଭୂୟସୀ ପ୍ରଶଂସା କରିଛନ୍ତି।

## ଏମ୍‌ଓୟୁର ସର୍ତ୍ତ ଓ ନିୟମ ମାନୁନି ଜେକେ ପେପର ମିଲ୍

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀଙ୍କ ଦାବିପତ୍ର

ରାୟଗଡ,୮।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ଚାନ୍ଦିଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜେକେପୁର ଠାରେ ଅବସ୍ଥିତ ଜେକେ ପେପର ମିଲ କମ୍ପାନୀ ବିରୁଦ୍ଧରେ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପାଶ୍ୱର୍ବର୍ତ୍ତୀ ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଜେକେ ପେପର ମିଲ ଏବଂ ଏହାର ପାଶ୍ୱର୍ବର୍ତ୍ତୀ ଗ୍ରାମମାନଙ୍କ ମଧ୍ୟରେ ସମଗ୍ର ବିକାଶ ପାଇଁ ସ୍ୱାକ୍ଷରିତ ଏମଓୟୁର ସର୍ତ୍ତ ଓ ନିୟମ ମାନିବାରେ କମ୍ପାନୀର ବିଫଳତା ସମ୍ବନ୍ଧରେ ଦାବିପତ୍ରରେ ଉଲ୍ଲେଖ କରାଯିବା ସହ ଗତ ୨୫।୯।୨୦୧୭ ଏବଂ ୨୯।୧୧।୨୦୨୧ରେ ହୋଇଥିବା ପ୍ରଶାସନିକ ଆଦେଶ ଓ କାର୍ଯ୍ୟବିଧି ପାଳନ ନ କରିବା ସମ୍ବନ୍ଧରେ ଅଭିଯୋଗ ଏବଂ ପାଶ୍ୱର୍ବର୍ତ୍ତୀ ଗ୍ରାମବାସୀଙ୍କ ପ୍ରତି ଜେକେ ପେପର ମିଲ କର୍ତ୍ତୃପକ୍ଷଙ୍କ ଅବହେଳା ମନୋଭାବ ବିରୋଧରେ ଉଲ୍ଲେଖ କରାଯାଇଛି। ଜେକେ ପେପର ମିଲ କମ୍ପାନୀ ନିକଟରେ ବଡ ଓ ସାନ ଚାନ୍ଦିଲି ଗ୍ରାମ ଅବସ୍ଥିତ। ଏହି ଦୁଇ ଗ୍ରାମରେ ଅନୁସୂଚିତ ଜାତି ଓ ଜନଜାତି ସମୁଦାୟର ଲୋକେ ବସବାସ କରି ଆସୁଛନ୍ତି। ଜେକେ ପେପର ମିଲ ସ୍ଥାପନ ପାଇଁ କମ୍ପାନୀ ପ୍ରଭାବିତ ଲୋକଙ୍କ ଶାନ୍ତିପୂର୍ଣ୍ଣ ଅଧିକାରରୁ ଚାଷଯୋଗ୍ୟ ଜମି ଅଧିଗ୍ରହଣ କରିଥିଲା। ଜମି ଅଧିଗ୍ରହଣ କରିବା ପରେ ଜେକେ ପେପର ମିଲ କମ୍ପାନୀ ଜମି ହରାଇଥିବା ଲୋକମାନଙ୍କୁ ସଂପୂର୍ଣ୍ଣ ଭାବେ ଅବହେଳା କରି ଆସୁଥିବା ଅଭିଯୋଗ ହୋଇଛି। ଲୋକମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଅନେକ ଥର ଦାବି ଉଠାଇଛନ୍ତି କିନ୍ତୁ ସବୁ ବ୍ୟର୍ଥ ହୋଇଛି ବୋଲି କୁହାଯାଇଛି। କମ୍ପାନୀ ଜାଣିଶୁଣି ପାଶ୍ୱର୍ବର୍ତ୍ତୀ ଗ୍ରାମଗୁଡିକରେ ଉନ୍ନତି କାର୍ଯ୍ୟକୁ ଅବହେଳା କରୁଛି ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ କେବଳ କମ୍ପାନୀ ନୁହେଁ ବରଂ ପ୍ରଶାସନ ଓ ସରକାରଙ୍କ ଠାରେ ମଧ୍ୟ ଅନେକ ଥର ଦାବି କରିଛନ୍ତି। କିନ୍ତୁ ଗ୍ରାମବାସୀଙ୍କ ମୌଳିକ ଦାବିକୁ କେହି ଶୁଣୁ ନ ଥିବା କୁହାଯାଇଛି। ଗ୍ରାମବାସୀ କମ୍ପାନୀର ବୈମାତୃକ ମନୋଭାବ ଓ ଠକାମୀର ଶୀକାର ହେଉଥିବା ଅଭିଯୋଗରେ ଉଲ୍ଲେଖ ହୋଇଛି। ଜମିହରା ଲୋକେ ଆଜି ଯାଏଁ ମଧ୍ୟ ଯଥୋଚିତ କ୍ଷତି ପୂରଣ ପାଇ ନ ଥିବା ଦର୍ଶାଯାଇଛି। ଶିକ୍ଷିତ ଲୋକଙ୍କୁ ଚାକିରି ଦିଆଯାଉନାହିଁ। ସେମାନଙ୍କ ପାଇଁ କୌଣସି ଉନ୍ନତିମୂଳକ କାମ କରାଯାଉ ନ ଥିବା, ହସ୍ପିଟାଲ ଓ ଆମ୍ବୁଲାନ୍ସ ସେବା ଉପଲବ୍ଧ ନ କରାଇବା, ଆବଶ୍ୟକ ସମୟରେ କୌଣସି ଚିକିତ୍ସା ଶିବିର ନ କରାଇବା, ଆଇଟିଆଇ ଓ ଇଂଜିନିୟରିଂ ପାସ କରିଥିବା ଦକ୍ଷ ଯୁବକଯୁବତୀମାନଙ୍କୁ ଚାକିରି ଦେବା ପରିବର୍ତ୍ତେ କମ୍ପାନୀ ବାହାର ଲୋକଙ୍କୁ ପ୍ରାଥମିକତା ଦେଉଛି ବୋଲି ଅଭିଯୋଗ ହୋଇଛି। ସେହିପରି ଉଚ୍ଚ ଶିକ୍ଷା ଓ ପ୍ରାୟୋଗିକ ଶିକ୍ଷା ପାଇଁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଉ ନ ଥିବା ବେଳେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ କୌଣସି ସହଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଛି। କମ୍ପାନୀ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ୱଚ୍ଛ ପରିବେଶ ଦେବାକୁ ଆଶ୍ୱାସନା ଦେଇଥିଲା । କିନ୍ତୁ ସେଭଳି କିଛି କାମ କରାଯାଇ ନ ଥିବା ବେଳେ ଗ୍ରାମରେ କ୍ଲଷ୍ଟର ଶୌଚାଳୟ ନିର୍ମାଣ ହୋଇ ନ ଥିବା ଏବଂ ସବୁଜୀକରଣ ପାଇଁ ଗଛ ଲଗାଣ କାମ ମଧ୍ୟ କରାଯାଉ ନାହିଁ। କମ୍ପାନୀ ସ୍ଥାନୀୟ ନଦୀନାଳଗୁଡିକୁ ସଂପୂର୍ଣ୍ଣ ଦୂଷିତ କରି ଦେଇଥିବାରୁ ସ୍ଥାନୀୟ ଲୋକେ ପିଇବା ପାଇଁ ପାଣି ଓ ଚାଷ କାମ ପାଇଁ ପାଣି ପାଇ ପାରୁ ନ ଥିବା ଏବଂ କମ୍ପାନୀ ତରଫରୁ ଗୋଟିଏ ହେଲେ କମ୍ୟୁନିଟି ହଲ ମଧ୍ୟ ନିର୍ମାଣ କରାଯାଇ ନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି କମ୍ପାନୀ ପ୍ରତ୍ୟେକ ପରିବାରର ଗୋଟିଏ ସଦସ୍ୟଙ୍କୁ ଚାକିରି ଦେବାକୁ ଆଶ୍ୱସନା ଦେଇଥିଲା । କିନ୍ତୁ ସେହି ଆଶ୍ୱସନା ମଧ୍ୟ କାଗଜରେ ହିଁ ରହିଗଲା। କମ୍ପାନୀ ତିଆରି କରିଥିବା ଓଭରହେଡ୍ ପାଣି ଟ୍ୟାଙ୍କର ପାଣି ପାଇପ ଲିକ ହେଉଥିବା, ଶିଶୁଙ୍କ ପାଇଁ କୌଣସି ପାର୍କ ତିଆରି ନ କରିବା, ହନୁମାନ ମୂର୍ତି ଓ ବିର୍ସା ମୁଣ୍ଡାଙ୍କ ପ୍ରତିମା ଆଜି ପର୍ଯ୍ୟନ୍ତ ତିଆରି ନ କରିବା, କମ୍ପାନୀ ଗ୍ରାମର ସମସ୍ୟାକୁ ନେଇ ମାସିକ ବୈଠକ ନ କରିବା ଏବଂ ଚାକିରି ନ ଦେବାରୁ ସ୍ଥାନୀୟ ଲୋକେ ବାହାରକୁ ଦାଦନ ଖଟିବାକୁ ଚାଲି ଯାଉଥିବା ଏବଂ କମ୍ପାନୀ ଯୋଗୁଁ ଧୂଳି ଓ ଜଳ ପ୍ରଦୂଷଣ ବହୁ ମାତ୍ରାରେ ହେଉଥିବା ବେଳେ କୋଇଲା ଓ କାଠ ଧୂଳି ଯୋଗୁଁ ଚର୍ମ ଓ ଅନ୍ୟାନ୍ୟ ରୋଗରେ ଗ୍ରାମବାସୀ ପୀଡିତ ହେଉଥିବା ଅଭିଯୋଗ ହୋଇଛି। ସେହିପରି କମ୍ପାନୀରୁ ନିର୍ଗତ ରାସାୟନିକ ପଦାର୍ଥ ନଦୀରେ ମିଶି ଜଳକୁ ଦୂଷିତ କରିବାରୁ ଚାଷୀମାନେ ବହୁତ କ୍ଷତି ସହୁଥିବା ବେଳେ ଚାଷ କାମ ପାଇଁ ଶୁଦ୍ଧ ନଦୀ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବା ଅଭିଯୋଗ ହୋଇଛି। ୨୦୧୧ ମସିହାରେ ଗ୍ରାମବାସୀଙ୍କ ଆନ୍ଦୋଳନ ପରେ ଜେକେ ପେପର ମିଲ କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷର ହୋଇଥିଲା। କିନ୍ତୁ ତାହା ପାଳନ କରୁନି କମ୍ପାନୀ। ଗତ ୨୦୧୭ ସେପ୍ଟେମ୍ବର ୯ ତାରିଖ ଓ ୨୦୨୧ ନଭେମ୍ବର ୨୯ତାରିଖରେ କମ୍ପାନୀ, ଗ୍ରାମବାସୀ ଓ ପ୍ରଶାସନର ତ୍ରିପାକ୍ଷିକ ବୈଠକରେ ବହୁ ଦାବି ଉପରେ ଆଲୋଚନା ହେବା ପରେ ଦାବି ପୂରଣ ପାଇଁ ପ୍ରଶାସନର ନିର୍ଦ୍ଦେଶ ହୋଇଥିଲା କିନ୍ତୁ କମ୍ପାନୀ ତାହାକୁ ଅବହେଳା କରି ଆସିଛି ବୋଲି ଉଲ୍ଲେଖ ହୋଇଛି। ତେଣୁ ପୁଣିଥରେ କମ୍ପାନୀର ଏଭଳି ମନୋଭାବ ବିରୋଧରେ ଲିଖିତ ଅଭିଯୋଗ କରାଯିବା ସହ ନୂତନ ଗ୍ରାମ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେବା ଏବଂ ଏମ୍‌ଓୟୁ ୨୦୧୧ ଅନୁଯାୟୀ ସମ୍ବନ୍ଧିତ ବିଷୟର ସମାଧାନ ପାଇଁ ଜେକେ ପେପର ମିଲ କମ୍ପାନୀ ପରିଚାଳନାକ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇ ଥିଲା। ଗ୍ରାମର ବସନ୍ତ କୁମାର ପେଦେଂଟି, ସଦାନନ୍ଦ ପେଦେଂଟି, ସୁନୀଲ ପେଦେଂଟି, ଟିକେଶ୍ୱର ପେଦେଂଟି, ବିଜୁ ପେଦେଂଟି, ମୁନା କାଡ୍ରକା, ଶଙ୍କର କୃଷିକା, ମୋହନ ପେଦେଂଟି, ବାରିକା ପୁଲାକା, ଲିଙ୍ଗାରାଜୁ ପେଦେଂଟିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।



**ଅଟିକିଛି ବଡ଼ ଓ ସାନ ଚାନ୍ଦିଲି ପାଶ୍ୱର୍ବର୍ତ୍ତୀ ଗ୍ରାମର ବିକାଶ**

# ସମ୍ପାଦକୀୟ



ଜ୍ଞାନ-ବିଜ୍ଞାନ ରାଷ୍ଟ୍ରଶକ୍ତିର ସର୍ବୋତ୍ତମ ଗଣତାନ୍ତ୍ରିକ ଉତ୍ସ।
-ଆଲ୍ଭିନ୍ ଟଫ୍ଲର

ସକାଳ THE SAKALA

## ଖସି ଯାଉଥିବା ଗୋଡ଼

ଏସ୍ଆଇଆର ଜରିଆରେ ଭୋଟ ଲୁଟ୍(ନିର୍ବାଚନ ଅନିୟମିତତା) ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କୁ ପତ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ପ୍ରତି ଦୁଇମାସରେ ଥରେ ବୈଠକ ଭଳି କେତେକ ଅନାକର୍ଷଣୀୟ ଓ ଅନୌପଚାରିକ ପ୍ରସ୍ତାବ ପାରିତ ହେବା ସହିତ 'ଇଣ୍ଡିଆ' ମେଣ୍ଟର ବୈଠକ ସମାପ୍ତ ହୋଇଛି। ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳ ଯେଉଁଭଳି ଭାବେ କ୍ଷମତାରୁ ଅପସରି ଯାଉଛନ୍ତି ଏବଂ ଏନ୍‌ଡିଏ ସହିତ ବିରୋଧୀ ସାଂସଦ ଓ ବିଧାୟକମାନଙ୍କର ଯେଉଁଭଳି ବିଲୀନ ଘଟିବାରେ ଲାଗିଛି ତାହା ବୈଠକରେ ମୁଖ୍ୟ ପ୍ରସଙ୍ଗ ହେବ ବୋଲି ରାଜନୈତିକ ବିଶାରଦମାନେ କଳ୍ପନା କରିଥିଲେ। କିନ୍ତୁ ସେଭଳି କୌଣସି ଆକର୍ଷଣୀୟ ଓ ପ୍ରଭାବଶାଳୀ ଆଲୋଚନା ହୋଇ ନଥିବାରୁ ଆପାତତଃ 'ଏନ୍‌ଡିଏ' ଆଶ୍ୱସ୍ତ ହୋଇଥିବ।

ଭାରତର ସାମ୍ପ୍ରତିକ ଗଣତାନ୍ତ୍ରିକ ସ୍ଥିତି ଏକ ଦୃଢ଼ ଓ ସଂଘବଦ୍ଧ ବିରୋଧୀ ଦଳ ଲୋଡ଼ୁଛି। ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଯେ ଏହି ଭୂମିକା ନିର୍ବାହ କରିବା ସ୍ଥିତିରେ ନାହିଁ ଏହି ଧାରଣା କ୍ରମଶଃ ଦୃଢ଼ ହେବାରେ ଲାଗିଛି। ନେତୃତ୍ୱ କାହା ହାତରେ ରହିବ ନିର୍ବାଚନ ରଣାଙ୍ଗନରେ କିଏ ପ୍ରଧାନ ସେନାପତି ହେବ ତାହା ଯେକୌଣସି ଦଳର ଆଭ୍ୟନ୍ତରୀଣ ବ୍ୟାପାର। କିନ୍ତୁ ଭାରତ ଭଳି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ସେ ନିଷ୍ପତ୍ତି ଗଣତନ୍ତ୍ର ସମ୍ମତ ହେବା ଆବଶ୍ୟକ। 'ଇଣ୍ଡିଆ' ମେଣ୍ଟ ବୈଠକ ଚାଲିଥିବା ବେଳେ ଅନ୍ୟତମ ଅଂଶୀଦାର ଟିଏମ୍‌ସିର ଜଣେ ରାଜ୍ୟସଭା ସାଂସଦ ଇସ୍ତଫା ଦେଇଛନ୍ତି ଏବଂ ଆହୁରି ୨୦ ଜଣ ଲୋକସଭା ସାଂସଦ ଏନ୍‌ଡିଏରେ ସାମିଲ୍ ହେବା ପାଇଁ ଲୋକସଭା ବାଚସ୍ପତିଙ୍କୁ ପତ୍ର ଲେଖିଥିବା ସୂଚନା ମିଳିଛି। ଅପରପକ୍ଷରେ ତାମିଲ୍‌ନାଡୁରେ ଟିଭିକେ ସହିତ କଂଗ୍ରେସ ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରିଥିବା ଅଭିଯୋଗରେ ଡିଏମ୍‌କେ ଏବଂ ବ୍ୟକ୍ତିଗତ କାରଣରୁ ଆପ୍ ଏହି ବୈଠକରେ ଯୋଗ ଦେଇନାହାନ୍ତି। ତେଣୁ 'ଇଣ୍ଡିଆ' ମେଣ୍ଟର ବୈଠକର ଜାତୀୟ ରାଜନୀତି ଉପରେ ପ୍ରଭାବ ସେତେ ବାରି ହେଉନାହିଁ। ସମ୍ପ୍ରତି ଭାରତର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର ଆଧାର ଶିଳା ହେଉଛି ଶତ୍ରୁର ଶତ୍ରୁ ହିଁ ମିତ୍ର। ଏହା ପଛରେ ଥିବା ମୁଖ୍ୟ ଉଦ୍ଦେଶ୍ୟ କେବଳ ଯେ ଦଳୀୟ କ୍ଷମତା ଓ ସ୍ୱାର୍ଥ ହାସଲରେ ନିହିତ ତାହା ବୁଝାଇ କହିବା ଆବଶ୍ୟକ ନାହିଁ। ନିକଟରେ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମ୍‌ସି ବିଧାୟକଙ୍କ ଭିନ୍ନ ଗୋଷ୍ଠୀଗଠନରେ ଏହାର କିଛିଟା ଝଲକ୍ ଦେଖିବାକୁ ମିଳିଥିବା ବେଳେ ଲୋକସଭାରେ ଏହାର ପ୍ରତିଫଳନ ଘଟିବାକୁ ଯାଉଛି। ସେହି ଦୃଷ୍ଟିରୁ 'ଇଣ୍ଡିଆ' ମେଣ୍ଟରେ ଯେଉଁ ରଣନୀତି ପ୍ରସ୍ତୁତ ହେବା କଥା ତାହା ଦେଖିବାକୁ ମିଳିନାହିଁ।

ବସ୍ତୁତଃ, 'ଇଣ୍ଡିଆ' ମେଣ୍ଟର ମୂଳଦୁଆ ପଡ଼ିବା ଠାରୁ ପ୍ରଧାନମନ୍ତ୍ରୀ କିଏ ହେବ ତାହାକୁ ନେଇ ଅଂଶୀଦାର ଦଳର ମୁଖ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ପ୍ରତିଯୋଗିତା ଆରମ୍ଭ ହୋଇସାରିଥିଲା। କ୍ଷମତା ଦୌଡ଼ 'ଇଣ୍ଡିଆ' ମେଣ୍ଟକୁ ଦୁର୍ବଳ କରିବା ସହିତ 'ଏନ୍‌ଡିଏ' ମେଣ୍ଟକୁ ସୁହାଇଥିଲା। ନୀତୀଶ କୁମାର ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ଆଗରେ ଥିବା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ଦିଲ୍ଲୀ ଅଧ୍ୟାଦେଶକୁ ଜାତୀୟ ପ୍ରସଙ୍ଗର ରୂପ ଦେବାକୁ ଚାହିଁଥିଲେ। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ରାହୁଲ୍ ଗାନ୍ଧୀଙ୍କୁ ଆଗକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଜାତୀୟ ସ୍ତରରେ କୌଣସି ଦଳ ଏକାକୀ ବିଜେପି ନେତୃତ୍ୱାଧୀନ 'ଏନ୍‌ଡିଏ'ର ମୁକାବିଲା କରିବା ସ୍ଥିତିରେ ନଥିବା ବେଳେ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟ ମତୈକ୍ୟର ଅଭାବ ଯୋଗୁଁ 'ଇଣ୍ଡିଆ' ମେଣ୍ଟର ସହଯୋଗୀ ଆଞ୍ଚଳିକ ଦଳମାନେ ନିଜ ନିଜ ରାଜ୍ୟରେ ମେଣ୍ଟ ଅଂଶୀଦାରଙ୍କ ବିପକ୍ଷରେ ହିଁ ଲଢ଼ି ପରୋକ୍ଷରେ 'ଏନ୍‌ଡିଏ' ମେଣ୍ଟକୁ ଫାଇଦା କରାଇଥିଲେ।

ଏବେ 'ଇଣ୍ଡିଆ' ମେଣ୍ଟର ମୁଖ୍ୟ ସମସ୍ୟା ହେଉଛି ଦେଶର ସର୍ବପୁରାତନ ଦଳ କଂଗ୍ରେସର ଛତ୍ରଛାୟାରେ ସବୁ ରାଜନୈତିକ ବିରୋଧୀ ଦଳ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ନୁହନ୍ତି। ଏଭଳି ପରିସ୍ଥିତିରେ ବିରୋଧୀ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଆଦର୍ଶଗତ ସମାନତା ନଥିବାରୁ କେବଳ ସାମୟିକ ବୁଝାମଣା, ନିର୍ବାଚନୀ ସାଲିସ୍ ଓ ପାରସ୍ପରିକ ବିରୋଧକୁ ଅନେକାଂଶରେ ଅଣଦେଖା କରି ଏକକ ଶତ୍ରୁ ସାଙ୍ଗରେ ଲଢ଼ିବା ପାଇଁ ଏକତ୍ରିତ ହେଉଛନ୍ତି। ଏହାଛଡ଼ା ବିରୋଧୀ ଦଳମାନଙ୍କ ମଧ୍ୟରେ ଥିବା ପୂର୍ବ ତିକ୍ତତା 'ଇଣ୍ଡିଆ' ମେଣ୍ଟରେ ପ୍ରଗତିରେ ଆଉ ଏକ ବାଧକ ହେଉଛି। ବିଜେପି ବିରୋଧରେ ଏକାଠି ହେବା ପାଇଁ କେନ୍ଦ୍ରର ନୀତି ଜନବିରୋଧୀ ବୋଲି ଭୋଟରମାନଙ୍କୁ ବୁଝାଇ ସମ୍ମିଳିତ ବିରୋଧାଭାସ ସୃଷ୍ଟି କରିବାକୁ ପଡ଼ିବ। ଆଞ୍ଚଳିକ ପ୍ରସଙ୍ଗରୁ ଊର୍ଦ୍ଧ୍ୱକୁ ଉଠି ବିରୋଧୀ ଦଳର ନେତାମାନଙ୍କର ଆଭିମୁଖ୍ୟ ଜାତୀୟ ସ୍ୱାର୍ଥ ସମ୍ବଳିତ ହେବା ଆବଶ୍ୟକ। ଏ କଥା 'ଇଣ୍ଡିଆ' ମେଣ୍ଟର ଆବାହକମାନେ ନ ବୁଝିବା ପର୍ଯ୍ୟନ୍ତ 'ଏନ୍‌ଡିଏ'ର କୌଣସି କ୍ଷତି ହେବ ନାହିଁ। ଅପରପକ୍ଷରେ 'ଇଣ୍ଡିଆ' ମେଣ୍ଟ ଗଠନ ହେବା ପରଠାରୁ ଆଞ୍ଚଳିକ ଦଳମାନଙ୍କର ବିପର୍ଯ୍ୟୟ ଆରମ୍ଭ ହୋଇସାରିଛି। ପ୍ରଥମେ ଆବାହକ ନୀତୀଶ କୁମାର ହଠାତ୍ 'ଏନ୍‌ଡିଏ'ର ହାତ ଧରିଥିବା ବେଳେ ଶରଦ୍ ପାୱାରଙ୍କ ଦଳ ଏନ୍‌ସିପି ଓ ଉଦ୍ଧବ ଠାକରେଙ୍କ ଶିବସେନା ଦୁଇ ଫାଳ ହୋଇଯାଇଥିଲା। ଏବେ ଟିଏମ୍‌ସି ସମଦଶା ଭୋଗିବାକୁ ଯାଉଛି।

ସ୍ୱୀକାର କରିବାକୁ ହେବ ଯେ ଏବେ ମଧ୍ୟ କଂଗ୍ରେସ ହିଁ ଜାତୀୟସ୍ତରରେ ବିଜେପିର ମୁକାବିଲା କରିବାର କିଛିଟା ଯୋଗ୍ୟତା ରଖିଛି ଏବଂ କେତେକ ରାଜ୍ୟରେ ଦଳ ଶାସନ କ୍ଷମତାରେ ରହିଛି। ତେଣୁ କଂଗ୍ରେସକୁ ବାଦ୍ ଦେଇ 'ଇଣ୍ଡିଆ' ମେଣ୍ଟର ପରିକଳ୍ପନା ସମ୍ଭବ ନୁହେଁ। ତେଣୁ ଏକକ ସର୍ବସମ୍ମତ ନେତୃତ୍ୱ ସହିତ ବିରୋଧୀ ଦଳଗୁଡ଼ିକ 'ସମାନ ସର୍ବନିମ୍ନ କାର୍ଯ୍ୟ ଯୋଜନା' ବା କୌଣସି ନୀତିଗତ ଅନୁବନ୍ଧନର ତର୍କକୁ ସମ୍ପୂର୍ଣ୍ଣ ଏଡ଼ାଇଯିବା ଉଚିତ ହେବ ନାହିଁ। ଗଣତନ୍ତ୍ରରେ ଶକ୍ତିଶାଳୀ ବିରୋଧୀଦଳର ଭୂମିକା ଅନସ୍ୱୀକାର୍ଯ୍ୟ। ଅସାଧୁ ଓ ସୁବିଧାବାଦୀ ମେଣ୍ଟ କରି କ୍ଷମତା ହାସଲ କରିବା ପ୍ରୟାସ ସର୍ବଦା ନିନ୍ଦନୀୟ। ଏହା ମଧ୍ୟ ବୃହତ୍ତର ଜନସମର୍ଥନ ଲାଭ କରିନଥାଏ ଏବଂ ସତ୍ତା ପାଇଁ ଲଢ଼େଇରେ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ଦୁର୍ବଳ ହୋଇପଡ଼େ। 'ଇଣ୍ଡିଆ' ଏ କଥା ହୃଦୟଙ୍ଗମ କଲେ ଭାରତର ଗଣତନ୍ତ୍ର ପ୍ରତି ମଙ୍ଗଳକର ହେବ।

ଓଡ଼ିଆରେ ଏକ ପ୍ରବାଦ ଅଛି ଖସି ଯାଉଥିବା ଗୋଡ଼ ତଳକୁ ତଳକୁ। ବର୍ତ୍ତମାନ 'ଇଣ୍ଡିଆ' ମେଣ୍ଟର ଅଂଶୀଦାର ଦଳମାନଙ୍କର ସ୍ଥିତି ସେଭଳି ହେବାରେ ଲାଗିଛି। କ୍ଷମତା ରାଜନୀତିର ପଙ୍କ ଭିତରେ ଖସିଯାଉଥିବା ଦଳମାନଙ୍କୁ ଉଦ୍ଧାର କରିବାର କ୍ଷମତା ଓ ଦକ୍ଷତା କେବଳ କଂଗ୍ରେସର ରହିଛି। କିନ୍ତୁ ସେହି ଦଳ ଏବେ ପ୍ରବୀଣ ଓ ନବୀନଙ୍କ ମଧ୍ୟରେ ଚାଲିଥିବା ଅହଂ ଲଢ଼େଇରେ ଆକ୍ରାନ୍ତ। ନିରେଖି ଦେଖିଲେ କ୍ଷମତା ରାଜନୀତିରୁ କ୍ରମଶଃ ଅପସରି ଯାଉଥିବା ଏହି ଜାତୀୟ ଦଳର ଗୋଡ଼ ମଧ୍ୟ ଖସି ଖସି ଯାଉଛି। ତେଣୁ ପ୍ରଥମେ ସେହି ଦଳକୁ ଗୋଡ଼ ସଳଖି ରଖିବାକୁ ହେବ। ତା' ପରେ ଯାଉ ସେ ଅନ୍ୟମାନଙ୍କୁ ଉଦ୍ଧାର କରିପାରିବ।

# ଜଳ ନଷ୍ଟ: ଜଳ କଷ୍ଟ

**ଛନ୍ଦା ମିଶ୍ର**

ଛୋଟ ପିଲାଟିଏ, ବୟସ ଏଇ ଦଶ କି ବାର। ଗାଁର ପାନୀୟ ଜଳସଙ୍କଟ ଯେ କେତେ ଉତ୍କଟ, ତାହା ସେ ଏକ ଭିଡିଓ ମାଧ୍ୟମରେ ବଖାଣିଛନ୍ତି। ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ଚାହାଳି ଗ୍ରାମର ଏହି ନାବାଳକ, ପିଇବା ପାଣି ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନୁଗୁଳରେ ରହୁଥିବା ସାଇ ସନ୍ତୋଷ ମିଶ୍ର ଖରା ଛୁଟିରେ ଗାଁକୁ ଆସି ଜଳକଷ୍ଟକୁ ଦେଖି ବିବ୍ରତ ହୋଇ ଯାଇଥିଲେ। ଗାଁ ଠାରୁ ଦୁଇ କିଲୋମିଟର ଦୂର ଯିବା ପରେ ନଦୀ ବାଲିରେ ଚୁଆ ଖୋଳି ପାଣି ସଂଗ୍ରହ କରୁଥିବାର ଦୃଶ୍ୟ ତାଙ୍କୁ ବ୍ୟଥିତ କଲା। ସକାଳ ନହେଉଣୁ ଗାଁର ମହିଳା, ପୁରୁଷ, ବୃଦ୍ଧ ଓ ଶିଶୁମାନେ ଗରା ଓ ବାଲଟି ଧରି ଯାଉଥିବାର ଦୃଶ୍ୟ ଦେଖି ସେ କିଛି କରିବା ପାଇଁ ଆଗେଇ ଆସିଲେ। ଗ୍ରାମ ନିକଟରେ ଥିବା ବିଦ୍ୟାଳୟ ପରିସରର କୂଅଟି ପାଖରେ ଲୋକଙ୍କ ଲମ୍ବା ଭିଡ଼ ଦେଖିବାକୁ ମିଳିଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ବି ପ୍ରଶାସନର ତାହାର ସମାଧାନ ପାଇଁ ପଦକ୍ଷେପ ନେଇ ନାହିଁ। ମାତ୍ର ସାଇଙ୍କ ଏହି ଭିଡିଓଟି ଭାଇରାଲ୍ ହେବା ପରେ ଚାରିଦିନ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି ନୂଆଗାଁ ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

କଥାରେ ଅଛି ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଆମେ ଯେଉଁମାନେ ଭାଗ୍ୟବାନ୍, ଜଳର ଅଭାବ କ'ଣ ଜାଣିନେ, ଜଳର ପ୍ରକୃତ ମୂଲ୍ୟ ବୁଝିବା ଏତେ ସହଜ ନୁହେଁ। ହେଲେ ଯେଉଁମାନେ ଗୋଟିଏ ବାଲଟି ଜଳରେ ପରିବାର ସାରା ଦିନ କାମ ଚଳାନ୍ତି, ସେମାନେ ଜଳକୁ ଏକ ଅମୂଲ୍ୟ ଦ୍ରବ୍ୟ ରୂପେ ଜ୍ଞାନ କରନ୍ତି। ଏବେ ଖରା ଦିନ। ଲାଇନ୍ ପ୍ରାୟ ସମୟରେ ଯାଉଚି। ଆମେ ଗାଧୋଇବାକୁ, ପିଇବାକୁ, ରାନ୍ଧିବା ପାଇଁ ଯେତିକି ଆବଶ୍ୟକ ତା' ଠାରୁ ଯଥେଷ୍ଟ ଅଧିକ ଜଳ ସଂଗ୍ରହ କରି ରଖି ଦେଉଛେ। ଏପରିକି ଅଧିକ ଜଳ ସଂଗ୍ରହ କରି ପରଦିନ ନଷ୍ଟ କରିବା ପାଇଁ ବି କୁଣ୍ଠାବୋଧ କରୁନେ। ଆମେ ଭୁଲି ଯାଉଛେ ଯେ ଲୋକେ ପାଣି ବୁନ୍ଦାଏ ପାଇଁ ବି ହେଉଛନ୍ତି ଡହଳବିକଳ ବୋଲି।

ଗାଁ ଗହଳିରେ ଲୋକେ ପରିଷ୍କାର ପାଣି ମୁନ୍ଦାଏ ପାଇବା ପାଇଁ ଅନେକ କସରତ କରନ୍ତି। ଗ୍ରୀଷ୍ମ ଋତୁରେ ତାହା ଗମ୍ଭୀର ରୂପ ଧାରଣ କରେ। ଜଗତସିଂହପୁରର କୁସୁପୁର ଗ୍ରାମରେ ଲୋକେ ପାଣି ବାଲଟିଏ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରନ୍ତି। ବାଲି ସାହି ହରିରାଜପୁର ଗ୍ରାମର ଲୋକେ ମହାନଦୀ ଶୁଖିଯିବା ପରେ ବାଲି ଖୋଳି ଚୁଆରୁ ପାଣି ଆଣି ବ୍ୟବହାର କରନ୍ତି। ନୟାଗଡ଼ର ସିନ୍ଧୁରିଆ, ଶରଧାପୁର, ଇଟାମାଟି ଆଦି ଗ୍ରାମଗୁଡ଼ିକରେ ଭୂତଳ ଜଳସ୍ତର ହ୍ରାସ ଏବଂ ଜଳରେ ଫ୍ଲୋରାଇଡ ସମସ୍ୟା ଯୋଗୁଁ ପାନୀୟ ଜଳର ଘୋର ଅଭାବ ଦେଖାଯାଏ। ନଗଡ଼ା ଓ ଗୁମୁଡୁମାହା ଆଦି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ପାଇପ୍ ଜଳ ଯୋଗାଣ କଷ୍ଟକର ହେଉଥିବାରୁ ଚୁଆ ପାଣି ଉପରେ ଭରସା କରିବାକୁ ହୁଏ। ସେହିପରି ମୟୁରଭଞ୍ଜର ସୀତାରାମ ସାହି ଗ୍ରାମ, ଗଜପତିର କେଶରା, ଝାରସୁଗୁଡ଼ାର ହରିଜନ ପଡ଼ା, ବଡ଼ମାଲ - ଏହିପରି ଏ ତାଲିକା ଖୁବ୍ ଲମ୍ବା।

ତେବେ ଏ ଘୋର ସମସ୍ୟାର ମୂଳ କାରଣ ହେଉଛି, ଅତ୍ୟଧିକ ଜଳ ଉତ୍ତୋଳନ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ, ରକ୍ଷଣାବେକ୍ଷଣ ଅଭାବରୁ ଗାଁର କୂଅ, ପୋଖରି, ଗାଡ଼ିଆ ଆଦି ପାରମ୍ପରିକ ଉତ୍ସଗୁଡ଼ିକର ଅବକ୍ଷୟ, ପାହାଡ଼ିଆ ଅଞ୍ଚଳରେ ପଥୁରିଆ ମାଟି ଯୋଗୁଁ ଜଳ ସଂରକ୍ଷଣ ନ ହୋଇ ପାରିବା ଆଦି ଅନ୍ୟତମ। ଯେଉଁଥିପାଇଁ ମହିଳା ଓ ଶିଶୁମାନଙ୍କୁ ପାଣି ଟିକିଏ ପାଇଁ ମାଇଲ ମାଇଲ ଚାଲିବାକୁ ହୋଇଥାଏ। ବାଧ୍ୟ ହୋଇ ସେମାନେ ଦୂଷିତ ଚୁଆ ବା ନଦୀ ପୋଖରୀର ପାଣି ପିଇ ଜଣ୍ଡିସ ଓ ଝାଡାବାନ୍ତିରେ ପଡ଼ନ୍ତି। ଯେତେବେଳେ ପିଇବା ପାଣି ପାଇଁ ମଣିଷ ଏତେ ହନ୍ତସନ୍ତ ହୁଏ, ସେତେବେଳେ ଗାଈଗୋରୁଙ୍କ କଥା କୁ କିଏ ବା ଗୁରୁତ୍ୱ ଦିଏ? ଏଇଥିପାଇଁ ଗ୍ରୀଷ୍ମକାଳୀନ ଚାଷବାସ ଖୁବ୍ କ୍ଷତିଗ୍ରସ୍ତ ହୁଏ। 'ବସୁଧା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପିଇବା ପାଣି ପହଞ୍ଚାଇବାର ପ୍ରୟାସ କରାଯାଉଚି। ଜଳସ୍ତର ବୃଦ୍ଧି ପାଇଁ ବର୍ଷା ଜଳ ସଂଗ୍ରହ ଓ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରାଯାଉଛି। ଜଳଛତ୍ରମାନ ଖୋଲିବା ସହିତ ଟାଙ୍କି ମାଧ୍ୟମରେ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ତା' ସତ୍ତ୍ୱେ ଅନେକସ୍ଥାନରେ ଲୋକେ ଜଳ ପାଇଁ ହେଉଛନ୍ତି ବିକଳ।

ତେବେ ଜଳ କଷ୍ଟ ଦୂର କରିବା ପାଇଁ ଅନେକ ବ୍ୟକ୍ତି ଓ ଗ୍ରାମବାସୀ, ସରକାରୀ ସାହାଯ୍ୟକୁ ଅପେକ୍ଷା ନ କରି ବ୍ୟକ୍ତିଗତ ସ୍ତରରେ ବେଶ୍ ପ୍ରଶଂଶନୀୟ ଉଦ୍ୟମ କରୁଛନ୍ତି। ଅନୁଗୁଳ ଜିଲ୍ଲାର ଭଗତପୁର ଗ୍ରାମ ଜଳ ସଂରକ୍ଷଣ ଓ ସାମୂହିକ ସହଭାଗିତାର ବିଶ୍ୱସ୍ତରୀୟ ମଡେଲ ପାଲଟିଛି। ପ୍ରାୟ ୧୩୫ଟି ପରିବାର ରହୁଥିବା ଏହି ଗ୍ରାମରେ ଏକଦା ଗ୍ରୀଷ୍ମଋତୁରେ ପାଣିର ଘୋର ସଙ୍କଟ ସୃଷ୍ଟି ହେଉଥିଲା। ଯେଉଁଥି ପାଇଁ ଗ୍ରାମବାସୀ ସହରମୁହାଁ ହେଉଥିଲେ। କିନ୍ତୁ ଗ୍ରାମବାସୀ ଓ ଜଳସମିତିର ମିଳିତ ଉଦ୍ୟମରେ ନାବାର୍ଡର ଆର୍ଥିକ ସହାୟତାରେ, ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ନାମକ ସଂସ୍ଥାର ମାର୍ଗଦର୍ଶନରେ ଗାଁ ଲୋକେ ନିଜେ ଶ୍ରମଦାନ କରି ପ୍ରାୟ ତିରିଶରୁ ଅଧିକ ପୋଖରି, ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଂରକ୍ଷଣ କରିବା ସହିତ ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ଫଳରେ ଗ୍ରାମର ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହିତ ପାନୀୟ ଜଳସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିଛି। ସେହିପରି କଳାହାଣ୍ଡି ଜିଲ୍ଲାର ଡୁକୁଗୁଡ଼ା ଗ୍ରାମର ଆଦିବାସୀ ମହିଳା ଶାନ୍ତିଲତା ମାଝୀ ଗ୍ରାମ୍ୟ ଉନ୍ନୟନ କମିଟି ଜରିଆରେ ଗାଁର ଶୁଖି ଯାଉଥିବା ଝରଣାଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ନେତୃତ୍ୱ ନେଇଥିଲେ। ସେମାନେ ପାହାଡ଼ିଆ ଅଞ୍ଚଳରେ ୧୦୦୦ରୁ ଅଧିକ ଖାଲ ଖୋଳି ଏବଂ ପ୍ରାୟ ୯୦୦୦ ଗଛ ଲଗାଇ ଜଳଉତ୍ସକୁ ବଞ୍ଚାଇ ରଖିପାରିଛନ୍ତି। ଯାହାଦ୍ୱାରା ଆଜି ଗାଁକୁ ୨୪ ଘଣ୍ଟା ପାଣି ମିଳୁଛି।

ଗ୍ରାମବାସୀଙ୍କ ଏଭଳି ବ୍ୟକ୍ତିଗତ ଉଦ୍ୟମରେ ଯଦି କୌଣସି ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ଓ ସମ୍ପୃକ୍ତି ହୁଏ ତେବେ କାର୍ଯ୍ୟ ସଫଳତାର ଶିଖର ଛୁଏଁ। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ଦୁର୍ଗମ କେନ୍ଦୁଝରୀ ଗ୍ରାମରେ ପାଣି ପାଇଁ ଲୋକେ ପାଞ୍ଚ କିଲୋମିଟର ଯିବାକୁ ପଡୁଥିଲା। ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ବ୍ୟକ୍ତିଗତ ଆଗ୍ରହ ଓ ସ୍ୱତନ୍ତ୍ର ଉଦ୍ୟମରେ ବିନା ବିଦ୍ୟୁତରେ କେବଳ ମାଧ୍ୟାକର୍ଷଣ ଶକ୍ତିର ବ୍ୟବହାର କରି ପାହାଡ଼ିଆ ଝରଣାର ପାଣିକୁ ପାଇପ୍ ଯୋଗେ ସେହି ଆଦିବାସୀ ଗ୍ରାମରେ ପହଞ୍ଚାଇ ଇତିହାସ ରଚିଲେ। ସେମିତି ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର କେତେକ ଗ୍ରାମରେ ସ୍ଥାନୀୟ ଯୁବକମାନେ 'ଜଳବନ୍ଧୁ' ନାମରେ ସଂଗଠନ କରି ନିଜ ଖର୍ଚ୍ଚରେ ବାଲି ଚୁଆ ସଫା କରିବା ସହିତ ପୁରୁଣା କୂଅଗୁଡ଼ିକୁ ଗଭୀର କରି ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ପାଣିର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାରେ ଏପରି ଅନେକ୍ 'ଜଳଯୋଦ୍ଧା' ଅଛନ୍ତି, ଯେଉଁମାନେ ନିଜ ଗାଁ ଲୋକଙ୍କ ଜଳକଷ୍ଟ ଦେଖି ନ ପାରି ନିଜେ କୋଦାଳ ଧରି କୂଅପୋଖରି ବା ନାଳ ଖୋଳିବା ପାଇଁ ଆଗେଇ ଆସି ଆମ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

ଆମେ ଯେଉଁମାନେ ଜଳ କଷ୍ଟ କଣ ଜାଣିନାହୁଁ, ଜଳ ଆମ ପାଇଁ ସୁଲଭ ହୋଇପାରେ। ମାତ୍ର ଆମର ସାମାନ୍ୟ ଅସାବଧାନତା ଯୋଗୁଁ ଆମେ ଯେଉଁ ଜଳ ନଷ୍ଟ କରୁ ସେଥିପାଇଁ ଆଉ କେହି ଖୁବ୍ କଷ୍ଟ ଅନୁଭବ କରେ। ଦୈନନ୍ଦିନ ଜୀବନରେ କେତୋଟି ଛୋଟ ଛୋଟ ଅଭ୍ୟାସରେ ପରିବର୍ତ୍ତନ ଆଣି ଆମେ ଜଳ ସଂରକ୍ଷଣ ଅଭିଯାନରେ 'ଜଳବନ୍ଧୁ' ସାଜିପାରିବା। ଦାନ୍ତ ଘଷିବା, ହାତ ଧୋଇବା, ଦାଢ଼ି କାଟିବା ସମୟରେ ଟ୍ୟାପକୁ ଖୋଲା ନ ରଖି ଆବଶ୍ୟକ ମୁତାବକ ବନ୍ଦ କରିବା। ଘରେ ପାଇପ୍ ବା ଟ୍ୟାପରୁ ପାଣି ଲିକ୍ ହେଉଥିଲେ ତୁରନ୍ତ ତା'ର ମରାମତି କରିବା, ଗାଧୋଇବା ଓ ଗାଡ଼ି ଧୋଇବା ପାଇଁ ସାୱାର କିମ୍ବା ପାଇପ୍ ବ୍ୟବହାର ନ କରି ବାଲଟି ବ୍ୟବହାର କରିବା ଆଦି ଛୋଟ ମୋଟ ସଚେତନତା ଏ ଦିଗରେ ହେବ ଆମର ସହଯୋଗ। ଏସବୁ ସହିତ ଆମ ଛାତ ଉପରେ ପଡୁଥିବା ବର୍ଷାଜଳକୁ ସଂରକ୍ଷଣ କରି ଅଧିକରୁ ଅଧିକ ଗଛ ଲଗାଇ ଭୂତଳ ଜଳର ସ୍ତରକୁ ବୃଦ୍ଧି କରିବାରେ ସହାୟକ ହେବା। ଆମକୁ ମନେ ରଖିବାକୁ ହେବ ଯେ ଆମ ଦ୍ୱାରା ଜଳ ନଷ୍ଟ ଯୋଗୁଁ କେହି ଜଳ କଷ୍ଟ ଅନୁଭବ କଲେ, ସେ ପାପର ଭାଗୀଦାର ଆମେ ହିଁ ହେବା।

ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

# ଆପଣ କିଣନ୍ତୁ, ଆମେ ବୋହିବୁ

**ବିଶ୍ୱନାଥ ପାଢ଼ୀ**

ଦିଲ୍ଲୀର ଲାଜପତ ନଗର ମାର୍କେଟ୍‌ରେ ସାପ୍ତାହିକ ଛୁଟି ଦିନର ଏକ ଗହଳିପୂର୍ଣ୍ଣ ଅପରାହ୍ନ। ପ୍ରବଳ ଗରମ। ଚାରିଆଡ଼େ ମଣିଷର ଭିଡ଼ ଓ କୋଳାହଳ। ସେହି ଗହଳି ଭିତରେ ଜଣେ ୬୭ ବର୍ଷୀୟା ବୃଦ୍ଧା ଓ ତାଙ୍କ ଝିଅ ଘର ପାଇଁ ପରଦା ଓ ବେଡ୍‌ସିଟ୍ କିଣୁଥିଲେ। ମାତ୍ର ଚାରି-ପାଞ୍ଚଟି ଦୋକାନ ବୁଲିଲା ବେଳକୁ ଦୁହିଁଙ୍କ ହାତରେ ଭାରି ଭାରି ବ୍ୟାଗ୍‌ର ବୋଝ ଓ ଗୋଡ଼ରେ ପ୍ରବଳ ବିନ୍ଧା ଆରମ୍ଭ ହୋଇଯାଇଥିଲା। ସେହି ସମୟରେ ଜଣେ ୟୁନିଫର୍ମ ପିନ୍ଧିଥିବା ଯୁବକ ତାଙ୍କ ପାଖକୁ ଆସି ହାତରୁ ସବୁ ବ୍ୟାଗ୍ ନିଜେ ଟେକିନେଲେ। ନିଜେ ଧରି ଥିବା ବ୍ୟାଗ୍‌ରୁ ଏକ ଫୋଲ୍ଡିଂଚେୟାର୍ ବାହାର କରି ବୃଦ୍ଧାଙ୍କୁ ବସିବାକୁ ଦେଲେ ଏବଂ ତାଙ୍କ ନିସ୍ତେଜ ହୋଇଯାଇଥିବା ମୋବାଇଲ୍‌କୁ ଚାର୍ଜ କରିବା ପାଇଁ ପାୱାର୍ ବ୍ୟାଙ୍କ ବଢ଼ାଇଦେଲେ। ବୃଦ୍ଧାଙ୍କ ମୁହଁରେ ଆଶ୍ୱସ୍ତିର ହସ ଖେଳିଗଲା। ଏହା କୌଣସି ସିନେମାର ଦୃଶ୍ୟ ନୁହେଁ, ବରଂ ନିକଟରେ ଦିଲ୍ଲୀର ଲାଜପତ ନଗରରେ ଆରମ୍ଭ ହୋଇଥିବା 'କ୍ୟାରିମ୍ୟାନ୍' ଷ୍ଟାର୍ଟଅପ୍‌ର ଏକ ବାସ୍ତବ ଚିତ୍ର। ଉପଭୋକ୍ତାଙ୍କ ସେବା ପାଇଁ ପ୍ରତିଘଣ୍ଟା ହିସାବରେ ମିଳୁଥିବା ଏହି ସହାୟକମାନେ ଏବେ ଦିଲ୍ଲୀ ବଜାରର ଚେହେରା ବଦଳାଇ ଦେଇଛନ୍ତି।

'କ୍ୟାରିମ୍ୟାନ୍' ହେଉଛି ଦିଲ୍ଲୀର ଜଣେ ସ୍ଥାନୀୟ ଯୁବକଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ନିଆରା 'ସପିଂ ଆସିଷ୍ଟାନ୍ସ ସର୍ଭିସ୍(ବଜାର ସହାୟତା ସେବା)'। ଏହାର ସହଜ ସ୍ଲୋଗାନ ହେଉଛି 'ଆପଣ କିଣନ୍ତୁ, ଆମେ ବୋହିବୁ(ୟୁ ସପ୍, ୱି କ୍ୟାରି)'। ଯେତେବେଳେ ଆପଣ ଲାଜପତ ନଗର ଭଳି ବଡ଼ ବଜାରକୁ ସପିଂ ପାଇଁ ଯିବେ, ଆପଣ ଘଣ୍ଟା ପ୍ରତି ୧୧୯ ଟଙ୍କା ରୁ ୧୪୯ ଟଙ୍କା (ସମୟ ଅନୁସାରେ ପ୍ୟାକେଜ୍) ଦେଇ ଜଣେ ପ୍ରଶିକ୍ଷିତ ସହାୟକ(କ୍ୟାରିମ୍ୟାନ୍)ଙ୍କୁ ନିଜ ସହିତ ନେଇପାରିବେ। ଏହି ସହାୟକମାନେ ଆପଣ କିଣୁଥିବା ସମସ୍ତ ଭାରି ବ୍ୟାଗ୍ ଓ ସାମଗ୍ରୀକୁ ନିଜେ ବୋହିବା ସହ(ସର୍ବାଧିକ ୧୨ କିଲୋ ପର୍ଯ୍ୟନ୍ତ) ସେମାନଙ୍କ ପାଖରେ ଥିବା ପାୱାର୍ ବ୍ୟାଙ୍କ ଦ୍ୱାରା ଆପଣଙ୍କ ମୋବାଇଲ୍ ଚାର୍ଜ, ଖରା କିମ୍ବା ବର୍ଷା ପାଇଁ ଛତା, ଛୋଟ ପିଲାଙ୍କୁ ଧରିବା, ପିଇବା ପାଇଁ ପାଣିର ବ୍ୟବସ୍ଥା ଇତ୍ୟାଦି ସୁବିଧା ଯୋଗାଇଥା'ନ୍ତି। ଆହୁରି ମଧ୍ୟ ଗ୍ରାହକ କ୍ଳାନ୍ତ ହୋଇପଡ଼ିଲେ ବସିବା ପାଇଁ ପୋର୍ଟେବଲ୍ ଫୋଲ୍ଡିଂ ଚେୟାର୍, ବଜାରରେ ଖାଇବା ଦୋକାନ କିମ୍ବା ବିଲ୍ କାଉଣ୍ଟର ଆଗରେ ଲମ୍ବା ଲାଇନ୍‌ରେ ଛିଡ଼ା ହେବା ସହ ଗାଡ଼ି ପାର୍କିଂ କିମ୍ବା ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ସାଥିରେ ଯାଆନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀରେ ବିକଶିତ ହୋଇଥିବା ଏହି ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହି ଚିନ୍ତାଧାରା ପାଇଥିଲେ। ଦିଲ୍ଲୀର ଲାଜପତ ନଗର, ଚାନ୍ଦିନୀଚୌକ କିମ୍ବା ସରୋଜିନୀ ମାର୍କେଟ ଭଳି ସ୍ଥାନରେ ସପିଂ କରିବା ଏକ ଆନନ୍ଦଦାୟକ ଅନୁଭୂତି ହୋଇଥିଲେ ସୁଦ୍ଧା ପ୍ରବଳ ଭିଡ଼ ଓ ଭାରି ବ୍ୟାଗ୍ ଯୋଗୁଁ ଏହା ଶାରୀରିକ ଭାବେ ଅତ୍ୟନ୍ତ କ୍ଳାନ୍ତିକର ହୋଇଯାଏ। ବିଶେଷକରି ବୃଦ୍ଧବୃଦ୍ଧା, ଗର୍ଭବତୀ ଏବଂ ଛୋଟ ପିଲାଙ୍କୁ ଧରି ସପିଂ



କରୁଥିବା ମାତାପିତାଙ୍କ ପାଇଁ ଏହା ଏକ ଯୁଦ୍ଧ ଜିତିବା ସଦୃଶ। ଏହି ସମସ୍ୟାର ସମାଧାନ ପାଇଁ ନିକଟରେ ୨୦୨୬ ଅପ୍ରେଲ ମାସରେ ଲାଜପତ ନଗରର ସେଣ୍ଟ୍ରାଲ୍ ମାର୍କେଟ୍ (ଡୋଲ୍ମା ଆଣ୍ଟି ମୋମୋ ଦୋକାନ ସାମ୍ନାରେ) ଏହି ସେବାର ପ୍ରଥମ ବୁଥ୍ ସ୍ଥାପନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସପିଂରୁ ଶାରୀରିକ ଚାପ ଓ କ୍ଳାନ୍ତିକୁ ଦୂର କରି ଏହାକୁ ସହଜ ଓ ଆରାମଦାୟକ କରିବା।

ଏହା କୌଣସି ବିଳାସପୂର୍ଣ୍ଣ ସେବା ନୁହେଁ, ବରଂ ସହରୀ ଜୀବନରେ ଏକ ଅତି ଆବଶ୍ୟକୀୟ ବ୍ୟାବହାରିକ ସହାୟତା। ସ୍ଥାନୀୟ ଯୁବକ ବା ଛାତ୍ରମାନଙ୍କ ପାଇଁ ଏହା ଏକ ପାର୍ଟ-ଟାଇମ୍ କିମ୍ବା ଫୁଲ୍-ଟାଇମ୍ ସମ୍ମାନଜନକ ରୋଜଗାରର ମାଧ୍ୟମ ମଧ୍ୟ ସାଜିଛି, ଯେଉଁଥିରେ ସେମାନଙ୍କୁ ଦରମା ସହ କମିଶନ ମଧ୍ୟ ମିଳୁଛି। ସେବା ଆରମ୍ଭ ଓ ଶେଷ ସମୟରେ ମୋବାଇଲ୍‌କୁ ଓଟିପି ଓ ଇ-ରସିଦ୍ ଆସୁଥିବାରୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ବିଶ୍ୱାସଯୋଗ୍ୟ। ପରିବର୍ତ୍ତନଶୀଳ ସହରୀ ଜୀବନରେ ଆମେ ପ୍ରତିଟି ଛୋଟ ଛୋଟ କାମକୁ ଆଉ କାହା ଦ୍ୱାରା କରାଇନେବାକୁ ପସନ୍ଦ କରୁଛୁ। ଖାଦ୍ୟ ବିତରଣ ଠାରୁ ଆରମ୍ଭ କରି ଘର ସଫା କରିବା ପର୍ଯ୍ୟନ୍ତ। ସେହିକ୍ରମରେ 'କ୍ୟାରୀମ୍ୟାନ୍' ହେଉଛି ଆଧୁନିକ ବଜାରର ଏକ ସମୟୋଚିତ ଉଦ୍ଭାବନ। ଏହି ସୁବିଧା ଆମର ଶାରୀରିକ ପରିଶ୍ରମ ଓ ବ୍ୟାଗ୍ ବୋହିବାର କଷ୍ଟକୁ କମାଇ ଦେଇପାରେ। କିନ୍ତୁ ଏକଥା ମଧ୍ୟ ସତ ଯେ, ପୂର୍ବରୁ ପରିବାର ସହ ସପିଂ କରିବା ସମୟରେ ବାପା କିମ୍ବା ସ୍ୱାମୀ ଯେଉଁଭଳି ଭାବେ ହସିହସି ସବୁ ବ୍ୟାଗ୍ ନିଜ ହାତକୁ ନେଇଯାଉଥିଲେ, ସେହି ସ୍ନେହ ଆଉ ଭାବପ୍ରବଣତାକୁ କୌଣସି ଷ୍ଟାର୍ଟଅପ୍ କେବେହେଲେ ଟଙ୍କା ବଦଳରେ ପ୍ୟାକେଜ୍ କରି ବିକ୍ରି କରିପାରିବ ନାହିଁ।

ସତ୍ୟବାଦୀ(ପୁରୀ),ମୋ: ୯୨୩୮ ୮୩୧୬୫୮

# ଆଦ୍ୟ ଯୌବନରେ ପୃଥୁଳତା ଓ ହୃଦ୍‌ରୋଗ

**ଶ୍ରୀନନ**

**ବିଜ୍ଞାନ ବାର୍ତ୍ତା**

ପୃଥୁଳତା ସହିତ ହୃଦ୍‌ରୋଗର ଆଶଙ୍କା ନିଶ୍ଚିତ। ଏପରିକି ବାଲ୍ୟକାଳରେ ମଧ୍ୟ 'ଶରୀର ଭାର ସୂଚକାଙ୍କ'(ବଡି ମାସ୍ ଇଣ୍ଡେକ୍ସ( ଅଧିକ ହେଲେ ଜୀବନର ପରବର୍ତ୍ତୀ କାଳରେ ତାହା ଏ ରୋଗର ଆଶଙ୍କା ସୃଷ୍ଟି କରେ। 'ଶରୀର ଭାର ସୂଚନା'ଙ୍କ ଗଣନା କରାଯାଏ କିଲୋଗ୍ରାମରେ ଶରୀରର ଓଜନକୁ ବର୍ଗମିଟରରେ ବ୍ୟକ୍ତିର ଉଚ୍ଚତାକୁ ବିଭାଜନ କରି। ଏହା ୧୮.୫ରୁ କମ୍ ରହିଲେ ବ୍ୟକ୍ତିଟି କମ୍ ଓଜନ ବିଶିଷ୍ଟ, ୧୮.୫ରୁ ୨୪.୯ ହେଲେ ସାଧାରଣ ବା ସୁସ୍ୱାସ୍ଥ୍ୟ ଫଳ, ୨୫ରୁ ୨୯.୯ ହେଲେ ଅଧିକ ଓଜନ ବିଶିଷ୍ଟ ଏବଂ ୩୦.୦ରୁ ଅଧିକ ହେଲେ ପୃଥୁଳକାୟ ବୋଲି ଧରାଯାଏ। କୌଣସି ବ୍ୟକ୍ତି ଶୈଶବ କାଳରେ ପୃଥୁଳକାୟ ହୋଇଥିଲେ ଏବଂ ତାହାକୁ ୮/୧୦ ବର୍ଷ ବୟସ ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିଲେ ହୃଦରୋଗ ଆଶଙ୍କା ହ୍ରାସ ପାଏ। ଅନ୍ୟପକ୍ଷରେ, ଆଦ୍ୟ ଯୌବନ ପର୍ଯ୍ୟନ୍ତ ତାହା ପ୍ରସାରିତ ହେଲେ, ନତୁବା ସେହି କାଳରେ ଆରମ୍ଭ ହେଲେ ହୃଦ୍‌ରୋଗ ବିପତ୍ତି ଅନେକ ପରିମାଣରେ ବଢ଼ିଯାଏ।

୧୯୬୦-୧୯୬୮ ମସିହା ମଧ୍ୟରେ ଜନ୍ମିତ ୧, ୦୩, ୦୦୦ ଲୋକଙ୍କ ଉପରେ ହୋଇଥିବା ଏ ସମ୍ପର୍କିତ ଏକ ଅଧ୍ୟୟନ ନିକଟରେ (ଡିସେମ୍ବର ୨୦୨୫) ପ୍ରକାଶ ପାଇଛି। 'ଜର୍ଣ୍ଣାଲ ଅଫ୍ ଆମେରିକାନ ମେଡିକାଲ ଆସୋସିଏସନ - ପେଡ଼ିଆଟ୍ରିକ୍ସ' ପତ୍ରିକାରେ। ଏଥିରେ ସ୍ୱିଡେନରେ କିଛି ଗବେଷକ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ପୁରାତନ ରେକର୍ଡରୁ ତାଙ୍କ ଉଚ୍ଚତା ଓ ଶରୀରର ଓଜନ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପରବର୍ତ୍ତୀ ଜୀବନରେ ତାହା କିପରି



ହୃଦ୍‌ରୋଗ ସହିତ ସମ୍ପୃକ୍ତ ହୋଇଛି, ତାହା ନିର୍ଦ୍ଧାରଣ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଉଭୟ ଶୈଶବ ଏବଂ ଆଦ୍ୟ ଯୌବନ କାଳରେ ପୃଥୁଳକାୟ ହେବା ହୃଦ୍‌ରୋଗ ବିପତ୍ତି ଆଶଙ୍କାକୁ ତ୍ୱରାନ୍ୱିତ କରିଥାଏ। ତେବେ ଶୈଶବରୁ ତାହା ଅଧିକ ବୟସ ପର୍ଯ୍ୟନ୍ତ ପ୍ରସାରିତ ହେଲେ କିମ୍ବା ଆଦ୍ୟ ଯୌବନରେ ଆରମ୍ଭ ହେଲେ ଏ ଆଶଙ୍କା ଅଧିକ ହୋଇଥାଏ। ବିଶେଷକରି ଆଦ୍ୟ ଯୌବନରେ ପୃଥୁଳତାର ପ୍ରଭାବ ସର୍ବାଧିକ। ଏଣୁ ବର୍ତ୍ତମାନ କାଳରେ ସୁଷମ ଖାଦ୍ୟ ଓ ଶାରୀରିକ ଶ୍ରମ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରିବା ଉପରେ ଗବେଷକମାନେ ଗୁରୁତ୍ୱ ଆରୋପ କରିଛନ୍ତି।

ଏହି ଗବେଷକମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ପ୍ରଫେସର ତଥା ବରିଷ୍ଠ ସ୍ୱାସ୍ଥ୍ୟ ବିଜ୍ଞାନୀ କ୍ଲାଏସ ଓହେସନ୍। ସେ କହନ୍ତି ଯେ, ଯୌବନର ପ୍ରାରମ୍ଭରେ ପୃଥୁଳତା କାହିଁକି ହୃଦ୍‌ରୋଗର ଆଶଙ୍କାକୁ ସର୍ବାଧିକ ବୃଦ୍ଧି କରେ ତାହା ଆଜି ଯାଏଁ ସମ୍ପୂର୍ଣ୍ଣ ରୂପେ ବ୍ୟାଖ୍ୟା କରିବା ସମ୍ଭବ ହୋଇପାରିନାହିଁ। ତେବେ ସମ୍ଭବତଃ ଏ ବୟସରେ କ୍ଷରିତ ହେଉଥିବା ମାତ୍ରାଧିକ ଯୌନ ହର୍ମୋନର ଏଥିରେ ଭୂମିକା ରହିଛି। ତାଙ୍କ ମତରେ ଏହା ଶରୀର ମଧ୍ୟରେ କୋଲେଷ୍ଟରଲର ବୃଦ୍ଧି ଘଟାଏ। ତେବେ ବର୍ତ୍ତମାନ ସୁଦ୍ଧା ଏହି ପ୍ରକ୍ରିୟାର କ୍ରିୟାବିଧି ନିର୍ଦ୍ଧାରିତ ହୋଇପାରିନାହିଁ। ତାହା କରିବା ପାଇଁ ସେ ଏବଂ ତାଙ୍କ ସହଯୋଗୀମାନେ ଗବେଷଣା ଚଳାଇଛନ୍ତି।

ସେମାନଙ୍କ ମତରେ ଏହି ଅଧ୍ୟୟନର ଫଳାଫଳ ପୃଥୁଳତାର ଚିକିତ୍ସା ମାଧ୍ୟମରେ ହୃଦ୍‌ରୋଗର ଆଶଙ୍କା ହ୍ରାସ ଦିଗରେ ନୂତନ ପଥ ଉନ୍ମୁକ୍ତ କରିବ। ବାଲ୍ୟକାଳଠାରୁ ଆରମ୍ଭ କରି ଆଦ୍ୟ ଯୌବନ ପର୍ଯ୍ୟନ୍ତ ସବୁ ସମୟରେ ଏହାର ନିରାକରଣ ଏହାଦ୍ୱାରା ସମ୍ଭବ ହୋଇପାରିବ। ଅତଏବ ହ୍ରାସ ପାଇବ ତଦ୍‌ଜନିତ ହୃଦ୍‌ରୋଗର ଆଶଙ୍କା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଓଜେଇଇ ପରୀକ୍ଷା ଫଳ

## ୬୨,୬୯୧ ଜଣଙ୍କୁ ର୍ୟାଙ୍କ

ଭୁବନେଶ୍ୱର, ୮ ।୬ (ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଫଳ ସୋମବାର ପ୍ରକାଶ ପାଇଛି । ଚଳିତବର୍ଷ ମୋଟ ୧,୦୩,୪୩୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ପଞ୍ଜିକରଣ କରିଥିବା ବେଳେ ୯୨,୬୨୮ ଜଣ ଅର୍ଥାତ୍ ୮୯.୫୫ ପ୍ରତିଶତ ପିଲା ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ୬୨,୬୯୧ଜଣ ପରୀକ୍ଷାର୍ଥୀଙ୍କୁ ର୍ୟାଙ୍କ ପ୍ରଦାନ କରାଯାଇଛି । ପରୀକ୍ଷାର୍ଥୀମାନେ www.ojee.nic.in ୱେବସାଇଟ୍‌ରୁ ନିଜର ର୍ୟାଙ୍କ୍ କାର୍ଡ ଡାଉନଲୋଡ୍ କରିପାରିବେ ।

**ଜୁଲାଇ ତୃତୀୟ ସପ୍ତାହରେ ସ୍ୱତନ୍ତ୍ର ଓଜେଇଇ**

ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ ବିଫାର୍ମରେ ଶୁଭ୍ରାଂଶୁ ସୁତାର ଟପ୍ପର ହୋଇଥିବାବେଳେ ଡିପ୍ଲୋମା ଲାଟେରାଲ ଏଣ୍ଟ୍ରିରେ ଅରୁଣ କୁମାର ଜେନା, ବିଏସ୍‌ସି ଲାଟେରାଲ ଏଣ୍ଟ୍ରିରେ ସୁରଜ କୁମାର ଝା, ଫାର୍ମ ଲାଟେରାଲ ଏଣ୍ଟ୍ରିରେ ଦେବାଶିଷ ବେହେରା, ଏମ୍‌ବିଏରେ ତ୍ରିବିକ୍ରମ ପ୍ରଧାନ, କମ୍ପ୍ୟୁଟର ସାଇନ୍ସରେ ଏମ୍‌ସିଏ ବା ଏମ୍‌ଏସ୍‌ସି ପାଇଁ ନରେନ ପାତ୍ର, ଇଣ୍ଟିଗ୍ରେଟେଡ ଏମ୍‌ବିଏରେ ଶ୍ରୀମୟୀ ପାଣିଗ୍ରାହୀ, ବି.କ୍ୟାଟରେ ଦେବ ମଣ୍ଡଳ, ଏମ୍ ଫାର୍ମରେ ଶ୍ୟାମସୁନ୍ଦର ବେହେରା, ଏମ୍.ଆର୍କରେ ସାଇ ଆର୍ଯ୍ୟ ଅନୁଷ୍କା ନାୟକ, ଏମ୍. ପ୍ଲାନରେ ସାଗରିକା ଆଚାର୍ଯ୍ୟ ପ୍ରଥମସ୍ଥାନ ଅଧିକାର କରିଛନ୍ତି । ଅନୁରୂପ ଭାବେ ଏମ୍‌ଟେକ୍ ବିଭାଗର ସମସ୍ତ ପାଠ୍ୟକ୍ରମ ପାଇଁ ସ୍ୱାଗତ କୁମାର ବେହୁରା ଟପ୍ପର ହୋଇଛନ୍ତି । ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷା ଫଳ ଘୋଷଣା କରିବା ସହ ରେଜଲ୍ଟ ପୁସ୍ତିକା ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ପରିଶ୍ରମ ଓ ଅଧ୍ୟବସାୟକୁ ଅବ୍ୟାହତ ରଖିଲେ ଜୀବନରେ ସଫଳତା ମିଳିବ । ଜଣେ ସଫଳ ଓ ପ୍ରତିଷ୍ଠିତ ନାଗରିକ ହୋଇ ଓଡ଼ିଶାର ନାମକୁ ଦେଶ ଓ ବିଦେଶରେ ଅଧିକ ଉଦ୍ଧିମନ୍ତ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ର୍ୟାଙ୍କ୍ ଅନୁଯାୟୀ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ପାଇଁ କାଉନସେଲିଂରେ ଅଂଶ ଗ୍ରହଣ କରିବେ । ଏହାପରେ ପ୍ରାୟ ୧୬ ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ହେବ । ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପ୍ରବେଶିକା ପରୀକ୍ଷା ହୋଇଥିଲା । ରାଜ୍ୟର ସମସ୍ତ ଜିଲ୍ଲା ସମେତ କୋଲକାତା, ପାଟନା ଏବଂ ରାଞ୍ଚିର ପ୍ରାୟ ୯୯ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ । ଓଜେଇଇ ପରୀକ୍ଷା ଫଳ ଘୋଷଣା କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଓଜେଇଇ ଅଧ୍ୟକ୍ଷ ଦେବପ୍ରକାଶ ଶତପଥୀ, ଓଜେଇଇ ସଚିବ ରଞ୍ଜନ କୁମାର ଜେନା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଶ୍ୱରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଅପରପକ୍ଷରେ କାଉଁସେଲିଂ ସରିବା ପରେ ବଳକା ସିଟ୍‌ରେ ନାମଲେଖା ପାଇଁ ଜୁଲାଇ ତୃତୀୟ ସପ୍ତାହରେ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ସ୍ୱତନ୍ତ୍ର ଓଜେଇଇ) ଅନୁଷ୍ଠିତ କରିବାକୁ ଓଜେଇଇ ପ୍ରସ୍ତୁତି ଆରମ୍ଭ କରିଛି ।

## ବଜ୍ରପାତରେ ଦିଅର-ଭାଉଜ ମୃତ

ହିନ୍ଦୋଳ/ଖଜୁରିଆକଟା, ୮ ।୬(ସମିସ): ହିନ୍ଦୋଳ ଥାନା ବାଉଁଶପୋଖରୀ ଗାଁରେ ବଜ୍ରପାତ ଦୁଇଜଣଙ୍କ ଜୀବନ ନେଇଛି । ମୃତକଦ୍ୱୟ ହେଲେ, ବନ୍ଧାଭୂଇଁ ଗ୍ରାମର ପୂର୍ବତନ ସଭାପତିଙ୍କ ସ୍ତ୍ରୀ ସୁବାସିନୀ ସାହୁ ଏବଂ ତାଙ୍କ ଦିଅର ଗଣିଆ ସାହୁ । ସୋମବାର ଅପରାହ୍ନରେ ଅଚାନକ କାଳବୈଶାଖୀ ମାଡ଼ିଆସିଲା । ବିଜୁଳି ଘଡ଼ଘଡ଼ି ସହ ବର୍ଷା-ପବନ ହୋଇଥିଲା । ଏହି ସମୟରେ ସୁବାସିନୀ ଓ ଗଣିଆ ଆମ୍ବ ବଗିଚାରେ ଥିଲେ । ବର୍ଷା ଯୋଗୁଁ ଉଭୟ ଏକ ଗଛମୂଳରେ ଆଶ୍ରୟ ନେଇଥିବା ବେଳେ ହଠାତ୍ ଉକ୍ତ ଗଛ ଉପରେ ବଜ୍ରପାତ ହୋଇଥିଲା । ଗୁରୁତର ଅବସ୍ଥାରେ ଉଭୟଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

## ଜୁଆ ଆଡ୍ଡାରୁ ୨୮.୪ ଲକ୍ଷ ନଗଦ ଜବତ

**■ ୨ ଜୁଆଡ଼ି ଗିରଫ; ୪୦୫ ଗ୍ରାମ୍ ସୁନା, ୩ଟି କାର, ୫ ବାଇକ୍ ଜବତ**

ରାଉରକେଲା, ୮ ।୬ (ସମିସ): ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରାରେ ଚାଲିଥିବା ଏକ ବଡ଼ଧରଣର ଜୁଆ ଆଡ୍ଡାରେ ଚଢ଼ଉ କରି ପୁଲିସ ୨ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୮ ଲକ୍ଷ ୩୯ ହଜାର ୪୦୦ଟଙ୍କା ଜବତ କରିଛି । ଗିରଫ ଜୁଆଡ଼ିଦ୍ୱୟ ହେଲେ, ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରା ଗାଁର ବାହାନ କଂସାରୀ(୪୮) ଏବଂ ଦିଲୀପ କଂସାରୀ(୫୯) ।

ଏନେଇ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଲୁଆକେରା ଗାଁରେ ଏକ ଅନ୍ତଃରାଜ୍ୟ ବଡ଼ଧରଣର ସଂଗଠିତ ଜୁଆ ଆଡ୍ଡା ଚାଲିଥିବା ନେଇ ସୂଚନା ମିଳିବା ପରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ



ସୋମବାର ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ଉ କରିଥିଲା । ଚଢ଼ଉ ବେଳେ ପୁଲିସ ଲୁଆକେରା ଗାଁର ବାହାନ କଂସାର ଏବଂ ଦିଲୀପ କଂସାରୀଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୨୭ଲକ୍ଷ ୩୯ହଜାର ୪ଶହ ଟଙ୍କା ନଗଦ ଜବତ କରିଥିଲା । ଏହାସହ ଚଢ଼ଉକାରୀ ଦଳ ଜୁଆଡ଼ିମାନଙ୍କର ୩ଟି ଦାମୀ କାର, ୪ଟି ବାଇକ୍, ଏକ ଟଙ୍କା ଗଣା ମେସିନ, ୪ଟି ମୋବାଇଲ ଫୋନ୍, ଜୁଆ ଖେଳରେ ବ୍ୟବହୃତ ୬୮ଟି ତାଏସ୍, ୪ଟି ବାଉଁଶ ବାସ୍କେଟକୁ ଜବତ କରିଥିଲା । ହଠାତ୍ ପୁଲିସର ଚଢ଼ଉ ଦେଖି କିଛି ଜୁଆଡ଼ି ଖସିପଳାଇଥିଲେ । ଏନେଇ ସେକ୍ଟର-୧୫ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଛି । ଗିରଫଦ୍ୱୟଙ୍କ ନାମରେ ବନ୍ଧମୁଣ୍ଡା ଓ ବିଶ୍ରା ଥାନାରେ ପୂର୍ବରୁ ଜୁଆଖେଳ ସଂଗଠିତ କରିବା ଅଭିଯୋଗରେ ମାମଲା ରହିଛି ।

## ଅବଶିଷ୍ଟାଂଶ

### ୭.୮ ତୀବ୍ରତା ଭୂକମ୍ପରେ...

ଜେନେରାଲ ସାଣ୍ଟୋସ ସହରର ଆନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଥିବା ଅନେକ କୋଠା ଭାଙ୍ଗି ପଡ଼ିଛି । ଭୂକମ୍ପର ତୀବ୍ରତା ଏତେ ଭୟଙ୍କର ଥିଲା ଯେ ଡାଭାଓ ସହର ।।ରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ଯୋଗୁଁ ହଠାତ୍ ଅନ୍ଧକାର ହୋଇଯାଇଥିଲା ।

ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ଜୀବନ ବଞ୍ଚାଇବା ପାଇଁ ଶ୍ରେଣୀଗୃହରୁ ଖୋଲା ପଡ଼ିଆ ଆଡ଼କୁ ଦୌଡ଼ୁଥିବାର ଦୃଶ୍ୟ ସାମନାକୁ ଆସିଛି । ଭୂକମ୍ପ ଯୋଗୁଁ ସମୁଦ୍ର ମଧ୍ୟରେ ବଡ଼ ବଡ଼ ଜୁଆର ସୃଷ୍ଟି ହୋଇଛି । ଉପକୂଳବର୍ତ୍ତୀ ଅଞ୍ଚଳର ରାସ୍ତାଘାଟ ଏବଂ ଜନବସତି ମଧ୍ୟକୁ ସମୁଦ୍ରର ଲୁଣି ପାଣି ମାଡ଼ିଆସିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି । ଫିଲିପାଇନ୍ସ, ଇଣ୍ଡୋନେସିଆ ଏବଂ ଆମେରିକାର ଭୂକମ୍ପ ଏବଂ ସୁନାମି ନିରୀକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳ ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରାଯାଇଛି । ସମୁଦ୍ରରେ ଏକରୁ ତିନି ମିଟର ଉଚ୍ଚତାର ସୁନାମି ତରଙ୍ଗ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି । ପ୍ରଶାସନ ପକ୍ଷରୁ ସମସ୍ତ ଉପକୂଳବାସୀଙ୍କୁ ନିରାପଦ ଏବଂ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ଉଦ୍ଧାରକାରୀ ଦଳ ପ୍ରଭାବିତ ଅଞ୍ଚଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ ସହ ସହାୟତା କାର୍ଯ୍ୟ ଜାରି ରଖିଛନ୍ତି ।

### ମମତାଙ୍କୁ ଛାଡ଼ିଲେ...

ହୋଇ ତାଙ୍କ ସହିତ ଆଲୋଚନା କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୪ ଜଣ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି । ତେବେ ଏହି ବୈଠକ କିମ୍ବା ସାକ୍ଷାତ ଆଲୋଚନା ବେଳେ କଲ୍ୟାଣ ବାନାର୍ଜୀ, ସୌଗତ ରାୟ, ସାୟୋନି ଘୋଷ କିମ୍ବା ମହୁଆ ମୈତ୍ର ଉପସ୍ଥିତ ନଥିବା କୁହାଯାଉଛି ।

ସୂଚନାଯୋଗ୍ୟ ଯେ ଲୋକସଭାରେ ଟିଏମ୍‌ସିର ୨୮ ଜଣ ସାଂସଦ ଥିବା ବେଳେ ରାଜ୍ୟସଭାରେ ୧୩ ଜଣ ସାଂସଦ ଅଛନ୍ତି । ଲୋକସଭାରେ ସଂସଦୀୟ ଦଳରେ ବିଭାଜନ ପାଇଁ ଦୁଇ ତୃତୀୟାଂଶ ସଭ୍ୟ (୧୯) ଆବଶ୍ୟକ ଥିବା ବେଳେ ୨୦ ଜଣ ସଭ୍ୟ ବିଦ୍ରୋହ କରିଛନ୍ତି । ତେଣୁ ସେମାନଙ୍କ ପ୍ରତି ଦଳବଦଳ ବିରୋଧୀ ଆଇନ ଲାଗୁ ହେବ ନାହିଁ । ସେହିଭଳି ରାଜ୍ୟସଭାରେ ମଧ୍ୟ ବିଦ୍ରୋହ ପାଇଁ ଯୋଜନା ଚାଲିଛି । ଦଳର ବରିଷ୍ଠ ସାଂସଦ ତଥା ରାଜ୍ୟସଭାର ମୁଖ୍ୟ ସଚେତକ ସୁଖେନ୍ଦୁ ଶେଖର ରାୟ ଆଜି ଉଭୟ ଟିଏମସିରୁ ଏବଂ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି । ଫଳରେ ରାଜ୍ୟସଭାରେ ଏବେ ଟିଏମସି ସାଂସଦ ସଂଖ୍ୟା ୧୨କୁ ହ୍ରାସ ପାଇଛି । ରାଜ୍ୟସଭାରେ ମଧ୍ୟ ୫ ଜଣ ସାଂସଦ ସୁଖେନ୍ଦୁଙ୍କୁ ସମର୍ଥନ କରୁଥିବା ଜଣାପଡ଼ିଛି । ସୁଖେନ୍ଦୁ ଶେଖର ରାୟ ଦଳୀୟ ମୁଖ୍ୟ ମମତା ବାନାର୍ଜୀଙ୍କ ନିକଟକୁ ପଠାଇଥିବା ଇସ୍ତଫା ପତ୍ରରେ ରାଜ୍ୟର ଶାସନ ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିଛନ୍ତି । ପଶ୍ଚିମବଙ୍ଗରେ ବ୍ୟାପକ ଦୁର୍ନୀତି, ନାରୀ ନିର୍ଯାତନା, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଯୋଗୁଁ ଜନସାଧାରଣ ତୃଣମୂଳ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଏଥିସହ ସେ ଭାରତୀୟ ଜନତା ପାର୍ଟିର ସଫଳତା ଓ ବିକାଶମୂଳକ କାର୍ଯ୍ୟସୂଚୀକୁ ପ୍ରଶଂସା କରିଛନ୍ତି ।

ଇତିମଧ୍ୟରେ ଟିଏମ୍‌ସିର ଲୋକସଭା ସାଂସଦ କିର୍ତି ଆଜାଦ କହିଛନ୍ତି ଯେ ଗତକାଲି ବିଜେପି ନେତା ଭୂପେନ୍ଦରଙ୍କ ଘରେ ଦଳର ୨୦ ଜଣ ସାଂସଦ ଉପସ୍ଥିତ ଥିଲେ ବୋଲି ଯାହା ପ୍ରଚାର କରାଯାଉଛି ସେଥିରେ ସତ୍ୟତା ନାହିଁ । ଏଥିରେ ଲୋକସଭାର ୧୨ ଏବଂ ରାଜ୍ୟସଭାର ଜଣେ ମାତ୍ର ସାଂସଦ ଥିଲେ । ବହୁସଂଖ୍ୟାରେ ସାଂସଦ ଟିଏମସି ଛାଡୁଛନ୍ତି ବୋଲି ବିଦ୍ରୋହୀମାନେ ପ୍ରଚାର କରୁଛନ୍ତି । ଏହାପଛରେ ବିଜେପିର ଷଡ଼ଯନ୍ତ୍ର ରହିଥିବା ସେ ଅଭିଯୋଗ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ସପ୍ତାହ ରାଜ୍ୟରେ ଟିଏମ୍‌ସି ବିଧାୟକ ଦଳ ଦୁଇ ଫାଳ ହୋଇଯାଇଥିଲା । ଦଳର ୮୦ ବିଧାୟକଙ୍କ ମଧ୍ୟରୁ ୫୮ ଜଣ ମମତାଙ୍କ ବିରୋଧରେ ବିଦ୍ରୋହ କରି ଅଲଗା ଗୋଷ୍ଠୀ ଗଠନ କରିଛନ୍ତି । ପ୍ରଥମ ଥର ବିଧାୟକ ନିର୍ବାଚିତ ହୋଇଥିବା ରତବ୍ରତ ବାନାର୍ଜୀ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ଏବଂ ତାଙ୍କୁ ବିରୋଧୀ ଦଳ ନେତାର ମାନ୍ୟତା ମଧ୍ୟ ମିଳିସାରିଛି ।

### ଶୋଇଥିବା ମା'-ଝିଅଙ୍କୁ...

ସେମାନଙ୍କୁ ଆକ୍ରମଣ କରିଥିଲା । ପରେ ଏ ସଂପର୍କରେ ପୁଲିସକୁ ଖବର ଦେଇଥିଲା । ରାତିରେ ଥାନାଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଆଜି ସକାଳେ ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ କରିଥିଲେ । ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଭାରପ୍ରାପ୍ତ ସଦର ଏସ୍‌ଡିପିଓ ଯୋଗେଶ ପଣ୍ଡା ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଅତିରିକ୍ତ ଏସ୍‌ପି ଶ୍ରୀମନ୍ତ ବାରିକଙ୍କ ସୂଚନା ଅନୁଯାୟୀ, ରାତିରେ ୧୧୨କୁ ପଡ଼ୋଶୀ ଅଜୟ ପଧାନ ଫୋନ କରି ଖବର ଦେଇଥିଲେ । ପ୍ରାଥମିକ ତଦନ୍ତରୁ ସେ ହତ୍ୟା କରିଥିବା ଅନୁମାନ କରି ତାଙ୍କୁ ଅଟକ ରଖାଯାଇଥିଲା । ଅପରପକ୍ଷେ, ଆଜି ବୁର୍ଲା ଭିମସାରରେ ମା'-ଝିଅଙ୍କ ବ୍ୟବଚ୍ଛେଦ ପରେ ଶବଦ୍ୱୟକୁ ପରିବାରକୁ ହସ୍ତାନ୍ତର କରାଯାଇଛି ।

### ସାହାଯ୍ୟ ଆଳରେ...

ତେଣୁ ଅନ୍ୟ ଏକ ଫୋନ୍ ନମ୍ବରରୁ ପ୍ରଥମେ ସେ ଯୁବତୀଙ୍କୁ କଲ୍ କରିଥିଲା । ନିଜକୁ ପୁଲିସର ମିଛ ପରିଚୟ ଦେଇ କରି ଗିରଫଦାରୀର ଧମକ ଦେଇଥିଲା । ପରେ ଯୁବତୀଙ୍କୁ ନିଜ ଫୋନ୍‌ରୁ କଲ୍ କରି କିଛି ହେବ ନାହିଁ ବୋଲି କହି ସାହସ ଦେଇଥିଲା । ତେବେ ପୁଲିସ ଗିରଫ କରିଦେବ କହି ଡରାଇବା ସହ ଯୁବତୀଙ୍କୁ ଡରାଇ ପିପିଲିର ଏକ ହୋଟେଲକୁ ଡକାଇ ଆଣି ସେଠାରେ ଦୁଷ୍କର୍ମ କରିଥିଲା । ଏନେଇ ଯୁବତୀ ଏବଂ ତାଙ୍କ ମା' ଧଉଳି ଥାନାରେ ଅଭିଯୋଗ କରିଥିଲେ ।

### ଆଉ ୯ ନୁହେଁ...

ଉପରେ ବଢୁଥିବା ସରକାରୀ ବ୍ୟୟ ଓ ଆନ୍ତର୍ଜାତିକ ବଜାରରେ ଉଚ୍ଚ ଇନ୍ଧନ ମୂଲ୍ୟ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉଜ୍ଜ୍ୱଳା ଯୋଜନା ୨୦୧୬ ମସିହାରେ ଆରମ୍ଭ ହୋଇଥିଲା । ଏହା ମାଧ୍ୟମରେ ୧୦ କୋଟିରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଏଲପିଜି ସଂଯୋଗ ପ୍ରଦାନ କରାଯାଇଛି ।

### ଆତିଥ୍ୟ ଭିତ୍ତିଭୂମି...

ସାମିଲ କରାଯିବ । ଏହି ଯୋଜନା ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ମୋଟ ୫ ବର୍ଷ କାର୍ଯ୍ୟକାରୀ ହେବ । ବାର୍ଷିକ ୩୦୦ କୋଟି ଲେଖାଏଁ ମୋଟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ଯୋଜନା ଦ୍ୱାରା ହୋଟେଲ, ରିସର୍ଟ, ୱେଲ୍‌ନେସ ସେଣ୍ଟର, ଇକୋ-ଟୁରିଜିମ ପ୍ରକଳ୍ପ, ସମ୍ମିଳନୀ କକ୍ଷ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିରେ ନିବେଶ ସୁଯୋଗ ସୃଷ୍ଟି ହେବ ବୋଲି ସରକାର ଆଶା ରଖିଛନ୍ତି । ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଜଳତଟ ବିକାଶ ଯୋଜନାକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ । ଏହି ଯୋଜନା ପାଇଁ ମୋଟ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ ।

ବିଭାଗର ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ, ଦୟା ଓ ଗଙ୍ଗୁଆ ନାଳର ସଂଗମ ସ୍ଥଳରେ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ସହ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ(ଇପିସି) ଚୁକ୍ତିନାମା ଅନ୍ତର୍ଗତ ୫ ବର୍ଷ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟାର ଫଳାଫଳକୁ କ୍ୟାବିନେଟ ଅନୁମୋଦନ ଦେଇଛି । ଏଥିପାଇଁ ୧୦୦ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପ କାର୍ଯ୍ୟ ଏସ୍ ଏସ୍ ଇଷ୍ଟ ଇଣ୍ଡିଆ ଉଦ୍ୟୋଗ ଲିମିଟେଡ କାର୍ଯ୍ୟାନ୍ୱୟନ କରିବାକୁ ଥିବାବେଳେ ଏହା ୨୦୨୮ ମେ ୩୧ ତାରିଖ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ବିଡିଏ ଅଧୀନସ୍ଥ ଟାଉନ ପ୍ଲାନିଂ (ଟିପି ୧, ୨ ଏବଂ ୩) ପାଇଁ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟାନ୍ୱୟନ ହେବ । ଏହାସହ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତିନାମା ଅନ୍ତର୍ଗତ ୫ ବର୍ଷିଆ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ବିଡିଂ ପ୍ରକ୍ରିୟାର ଫଳାଫଳକୁ କ୍ୟାବିନେଟରେ ଅନୁମୋଦନ ମିଳିଛି । ଏଥିପାଇଁ ମୋଟ ୧୧୨ କୋଟି ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଆସନ୍ତା ୨୦୨୮ ମସିହା ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି । ବିଭାଗର ଚତୁର୍ଥ ପ୍ରସ୍ତାବ ଯଥା ପିଏମ୍ ଆବାସ(ସହର) ଅଧୀନରେ ଆର୍ଥିକ ଦୁର୍ବଳ ବର୍ଗ(ଇଡବ୍ଲ୍ୟୁଏସ୍) ହିତାଧିକାରୀଙ୍କ ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ବା ନିବନ୍ଧନ ଶୁଳ୍କ ଛାଡ଼କୁ ଅନୁମୋଦନ ମିଳିଛି । ଅନୁମୋଦନ ଅନୁଯାୟୀ ଶସ୍ତା ଆବାସ ଉପରେ ଲାଗୁ ହେଉଥିବା ଷ୍ଟାମ୍ପ ଶୁଳ୍କ ଓ ନିବନ୍ଧନ ଶୁଳ୍କକୁ ୧ ପ୍ରତିଶତରୁ କମ୍ କରି ୦.୬ ପ୍ରତିଶତ ରୁ ୦.୭ ପ୍ରତିଶତ ପର୍ଯ୍ୟନ୍ତ ରଖାଯିବ ।

ସେହିପରି ଜଳସମ୍ପଦ ବିଭାଗର ଅନୁମୋଦିତ ପ୍ରସ୍ତାବ ଅନୁଯାୟୀ, ସମ୍ବଲପୁରରେ ମହାନଦୀ ଉପରେ ଅବସ୍ଥିତ ଅଯୋଧ୍ୟାସାଗର ୱେୟାର୍‌ର ନିମ୍ନ ଭାଗରେ ଏକ ଆନ୍ତଃନଦୀ ଜଳାଶୟ(ଆଇଏସ୍‌ଏସ୍) ନିର୍ମାଣ କରାଯିବ । ପ୍ରସ୍ତାବିତ ପ୍ରକଳ୍ପରେ ଏକ ବ୍ରିଜ-କମ୍-ବ୍ୟାରେଜ ପ୍ରକଳ୍ପ ସହ ଆନୁଷଙ୍ଗିକ କାର୍ଯ୍ୟ କରାଯିବାର ଯୋଜନା ରହିଛି । ପ୍ରକଳ୍ପର ନିର୍ମାଣ ତଥା ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ମୋଟ ୪୪୦ କୋଟି ୩୩ ଲକ୍ଷ ୯୧୪୭୦ କୋଟିର ଟେଣ୍ଡରକୁ ଅମୁମୋଦନ ମିଳିଛି । ପ୍ରକଳ୍ପଟି ୩୦ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ବିଭାଗର ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ ନୟାଗଡ଼ ଜିଲ୍ଲାର ବୃତଙ୍ଗ ଜଳସେଚନ ପ୍ରକଳ୍ପର ସ୍ପିଲ୍ ୱେ ନିର୍ମାଣକୁ ଅନୁମୋଦନ ଦେଇଛି ରାଜ୍ୟ କ୍ୟାବିନେଟ । ଏଥିପାଇଁ ମୋଟ ୧୯୪ କୋଟି ୭ ଲକ୍ଷ ୨୮୮୭୦ ଟଙ୍କା ଖର୍ଚ୍ଚ ହେବ । ୩୦ ମାସ ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାଦ୍ୱାରା ଜିଲ୍ଲାର ୨୩୩୦୦ ହେକ୍ଟର ଚାଷଜମିରେ ଜଳସେଚନ କ୍ଷମତା ସୃଷ୍ଟି ହେବ ।

ସେହିପରି ଶିଳ୍ପ ବିଭାଗ ଅଧୀନରେ ଖୋର୍ଦ୍ଧା କାଲିବେଟି ଶିଳ୍ପାଞ୍ଚଳରେ ମହିଳା ଶ୍ରମଜୀବୀ ହଷ୍ଟେଲ ବିକାଶ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି । ଏହି ଶ୍ରମିକ ହଷ୍ଟେଲ ୪୦୦୦ ମହିଳା କର୍ମଚାରୀଙ୍କୁ ସେବା ଯୋଗାଇବ ଏବଂ ସୁରକ୍ଷା, ଉତ୍ପାଦକତା ପରିବେଶ, ୟୁନିଟ ପିଛା ଖର୍ଚ୍ଚ ସଞ୍ଚୟ ଏବଂ କର୍ମସ୍ଥଳୀକୁ କମ୍ ଯାତ୍ରା ସମୟ ସୁନିଶ୍ଚିତ କରିବ । ଏଥିପାଇଁ ୨୧୦.୩୬ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୨୪ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ।


**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**

Letter No. **1042 /MI.MKG**, Date **05.06.2026**

**1st Corrigendum of Tender**

32001/350/2627

**Corrigendum to Tender Call Notice No. SEMIDMKG-03/26-27, dated 27.05.2026 (Online)**

In partial modification of the Tender Call Notice No. **SEMIDMKG-03/26-27**, dated **27.05.2026**, the following correction may please be noted and treated as part of the original tender documents:

**i)** For **Sl. No. 4** of the tender notice, the class of contractor has been inadvertently mentioned as **"C" & "B" Class**. It shall be read as **"B" Class only**.

All other terms and conditions of the Tender Call Notice No. **SEMIDMKG-03/26-27**, dated **27.05.2026 (Online)** shall remain unchanged.

Any addendum/corrigendum/cancellation of tender can be seen in the website: www.tendersodisha.gov.in

**Superintending Engineer**
**M.I. Division, Malkangiri**

OIPR-32001/32556/1/26-27/0004

**GOVERNMENT OF ODISHA** 25001/362/2627

**OFFICE OF THE SUPERINTENDING ENGINEER,**
**KALAHANDI RWS&S DIVISION, BHAWANIPATNA**

e-mail: eerwsskld@gmail.com, eerwss_kld@nic.in

Phone No: 06670-230784

**INVITATION OF BID THROUGH e-TENDERING**

**Bid Identification No- 12/SE/RWSS/2026-27/Bpt Dated.04.06.2026**

**01. Name of the Work: As per ANNEXURE - A**

| Procurement Officer | Bid Identification No | Availability of Tender Online for Bidding (Office Hour Only) From | To | Date of Opening (Technical Bid) |
|---|---|---|---|---|
| Superintending Engineer, Kalahandi RWS&S Division, Bhawanipatna | 12/SE/RWSS/2026-27/Bpt Dated-04.06.2026 | 12.06.2026, 10.00 AM | 29.06.2026, 05.30 PM | 30.06.2026, 10.00 AM onwards |

**Cost of tender paper to be made online payment system.**
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.

**Superintending Engineer,**
**Kalahandi RWS&S Division,**
**Bhawanipatna**

OIPR-25001/25005/1/26-27/0004

**GOVERNMENT OF ODISHA** 34001/318/2627

**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**

**e-Procurement Notice**

**Bid Identification No. S.E (R&B)-05/2026-27/JYP(K)**

**No. 3637 Date: 06.06.2026**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work:** Road & Building Works as mentioned in DTCN.
2. **No. of Works:** 4 Nos.
3. **Estimated Cost:** Rs. 17.04 lakh to Rs. 25.61 lakh.
4. **Period of Completion:** 1 (One) to 12 (Twelve) Months.
5. **Date & Time of Bidding:** From 11:00 Hrs. of 11.06.2026 up to 17:00 Hrs. of 17.06.2026.
6. **Last Date & Time for Receipt of Bids in Portal:** 17:00 Hrs. of 17.06.2026.
7. **Opening of Bids:** 11:00 Hrs. of 18.06.2026.
8. **Name & Address of the Officer Inviting Bid:** Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

**Superintending Engineer**
**Jeypore (R&B) Division, Jeypore**

OIPR-34001/34027/1/26-27/0005

**GOVERNMENT OF ODISHA** 25001/354/2627

**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

**e-Procurement for Building works**
**Bid Identification No: EERWJYP – Online -03/2026-27**

Letter No. 3026 Date: 04.06.2026

01. Name of the work :: Building works
02. Total Number of works :: 20 (Twenty) Nos.
03. Approximate Estimated cost :: Rs. 1.27 lakhs to Rs. 8.47 lakhs (approximately)
04. Class of Contractor : "D" Class & "C" Class
05. Period of Completion :: within 60 days
06. Other Details

| Procurement Officer | Bid Identification No. | Sl. No. of works in notice | Availability of Tender online for bidding: From | Availability of Tender online for bidding: To | Last Date & Time of seeking tender clarification | Date & Time of Opening of Tender in O/o E.E., R.W. Division, Jeypore. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Jeypore | Online Tender/03/RWD-JYP/2026-27 | 20 Nos. | 11.06.2026 at 10.00 A.M. | 20.06.2026 up to 5.00 P.M. | 19.06.2026 up to 1.30 P.M. | 22.06.2026 at 10.00 A.M. |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Jeypore.

OIPR-25001/25160/1/26-27/0003

**A.E.S. COLLEGE, TARBHA**

At/Po- Tarbha, Dist- Subarnapur

**WALK-IN-INTERVIEW**

Interested eligible candidates are hereby advised to attend a Walk-in-Interview for selection of the following posts:

1. **Lecturer in Physics (Guest Faculty) (PG Degree having 55%)**
2. **Lecturer in Education (Guest Faculty) (PG Degree having 55%)**
3. **Asst. Librarian (Contractual) (B.Lib Degree)**

The Interview will be held in the Office of the **Principal, A.E.S. College, Tarbha, Dist-Subarnapur at 10.00 am on dt. 25.06.2026.**

The undersigned reserves the rights to accept or cancel any or all of the candidatures without assigning any reason thereof.

**N.B.: No TA/DA will be provided for the same.**

**Principal-cum-Secretary,**
**G.B., A.E.S. College, Tarbha**

**AFFIDAVIT**

I RASHMITA PATRA, W/O ANIL KUMAR PATRA, resident of At- Gulipatna, PO/PS - Umarkote, Dist - Nabarangpur, Pin -764073, Odisha declare by this Affidavit No.2281, Dated - 08/06/2026, that now onwards I shall be known as JAMI RASMITA PATRA for all future purpose.

**AFFIDAVIT**

I, Rama Parida, aged about 74 years, S/o- Uday Parida, resident of At- Narayan Nagar, Kodala, Dist- Ganjam, PIN- 761032, Odisha declared by this affidavit No. 2022, dtd- 06/06/2026 that now onwards I shall be known as **RAMA CHANDRA PARIDA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, I JUHI SHANKER W/o Gautam Shanker,resident of Plot No-695/926, near Radhakrishna temple, BJB Nagar, Badagada, Bhubaneswar declare that my correct name is Juhi Shanker, which is reflected in my Aadhaar Card but before marriage my maiden name was Tillotama Mohanty, D/o Sudarsan Mohanty and consequent upon my marriage as per Hindu Rites and customs my name has been changed from Tillotama Mohanty D/o Sudarsan Mohanty to Juhi Shanker W/o Gautam Shanker. That my date of birth is 13.10.1975 as per my Aadhaar Card.That Tillotama Mohanty & Juhi Shanker is one and same person who is myself.

**AFFIDAVIT**

By virtue of an affidavit CF No.51 sworn before The Executive Magistrate, Bhubaneswar, dated: 08/06/2026, I, Pratima Samantaray, resident of Plot No.795/C, Jharapada, Near Bharati Bidya Mandira, Po-Budheswari, PS- Laxmisagar, Bhubaneswar, Dist-Khordha, PIN-751006, declare that I have changed the name of son from PRITI RANJAN SAMANTARAY to PREET RANJAN SAMANTARAY. Henceforth, he shall be known as **PREET RANJAN SAMANTARAY** for all purposes.

**AFFIDAVIT**

By virtue of an affidavit No.1658 sworn before Notary Public, Sambalpur Dtd.22.05.2026 I, Subhendu Kumar Purohit, S/o- Late Aswini Kumar Purohit, At- Shiv Vihar, Near Metakani Restaurant, Burla, PO- Jyoti Vihar, PS- Burla, Dist.- Sambalpur- 768019 declare that in some documents, my name mentioned as Subhendu Purohit instead of Subhendu Kumar Purohit which have mentioned in Aadhar No.509417093356. Both **Subhendu Kumar Purohit** and **Subhendu Purohit** is one and same person.

**AFFIDAVIT**

I, Subash Kumar Khuntia, aged about 63 years, S/o- Golak Bihari Khuntia, resident of At/Po- Gobara, Ps- Gurudijhatia, Dist-cuttack, Pin- 754028, Odisha do hereby declare by this affidavit No. 3486, dtd- 29/05/2026, that now onwards I shall be known as **SUBAS KUMAR KHUNTIA** for all future purposes.

**AFFIDAVIT**

By virtue of an Affidavit resident before Notary Public, Malkangiri, I Deepa Mistry, aged about 21 Years, W/o.: Debabrata Mistry, D/o.: Parimal Paramanik, of village: M.P.V-22, PO.: Kangurukonda, P.S.: Kalimela, Dist.: Malkangiri, Odisha declare by this Affidavit No.: 844/2026, Dated: 12/05/2026, That I have changed my name from **Deepa Paramanik to Deepa Mistry.** Henceforth I shall be known as **Deepa Mistry** for all future purposes.

**AFFIDAVIT**

I, Kangresa Nayak, aged about 42 years, S/o- Bhagirathi Nayak, resident of At/Po- Pudamari, Dist- Ganjam, PIN- 761014, Odisha declared by this affidavit No.367, dtd- 08/06/2025 that now onwards I shall be known as **KANGRESH NAYAK** for all future purposes.

**AFFIDAVIT**

By virtue of an affidavit before the Executive Magistrate, Kalampur, Dist.- Kalahandi, dtd. 08.06.2026, I, Ghasiram Majhi, At-Matikhal, Po-Mingur, P.S.- Kalampur, Dist.-Kalahandi, hereby declare that I have changed my daughter's name from "Hrudayani Majhi" to "Hrudayini Majhi". Henceforth she shall be known as **Hrudayini Majhi** for all purposes.

**Sd/- Ghasiram Majhi**

**AFFIDAVIT**

**By virtue of an affidavit sworn before Notary Public, Bhubaneswar, my actual name is PRAMOD DAS in Aadhaar Card, but in my Metlife Policy name has been mentioned as PRAMOD BHOI. Hence, I declare that PRAMOD DAS & PRABOD BHOI both are one and same person for all purposes.**

**AFFIDAVIT**

By virtue of an affidavit sworn before the Executive Magistrate Kaptipada. Udala on Dated 03rd June 2026, I, Mrs Kandini Murmu, W/o-Ratha Murmu, Address At-Jatiadangar, Po-Dimagadia, Ps-Udala, Dist-Mayurbhanj, State-Odisha, Pin-757101, Odisha, have changed my name from "Kalini Murmu" to "Kandini Murmu". Henceforth, I shall be known as **"Kandini Murmu"** for all purposes.

"Kandini Murmu"

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-284

**କାର୍ଯ୍ୟର ନାମ :** ମଣ୍ଡଳ ଯନ୍ତ୍ରୀ / ପୂର୍ବ ଏବଂ ମଣ୍ଡଳ ଯନ୍ତ୍ରୀ/କେନ୍ଦ୍ରୀୟ ପରିସୀମା ଅଧିନସ୍ଥ 7 ନନ୍-ଇଣ୍ଟରଲକ୍‌ଡ ଲେଭେଲ କ୍ରସିଙ୍ଗ ଫାଟକରେ ସଙ୍କେତ ଓ ଦୂରସଂଚାର ସର୍ଭିସ୍ ରୁମ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 22,52,032.41, EMD : ₹ 45,100/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 6 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.06.2026ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-222/R/26-27

**AFFIDAVIT**

By virtue of an affidavit sworn before the Executive Magistrate, Kesinga , Kalahandi on dt.23/12/2025, I Mangal Sing ,S/o - Sailandra Sing, Permanent Resident of At - Kesinga, word no 10, Po - Kesinga, Dist - Kalahandi , Odisha , PIN - 766012, Declared that I have Changed my name from Piter Kumar Kerketta to Mangal Sing. Henceforth ,I shall be Known as **Mangal Sing** for all Purposes .

**Sd/- Mangal sing**

**AFFIDAVIT**

By virtue of an affidavit before the Notary Public, Bhadrak, dtd. 21.05.2026, I, Sunima Jena, formerly known as Sunia JenaAt-Jayantara, P.O.-Sohada, P.S.-Dhamnagar, Dist.-Bhadrak, hereby declare that I have changed my name from Sunia Jena to Sunima Jena. Henceforth, I shall be known as **Sunima Jena** for all purposes.

**Sd/- Sunima Jena**

# ବିଦ୍ୟୁତ୍ ଅଫିସ ଘେରିଲା ବିଜୁ ଜନତା ଦଳ






ଉମରକୋଟ,୮।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ବିଜୁ ଜନତାଦଳ ପକ୍ଷରୁ ନୂତନ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଉମରକୋଟ ଇଲେକ୍ଟ୍ରିକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ଋତୁ ଚାଲିଥିବା ବେଳେ ଜନ ଜୀବନକୁ ଦୁର୍ବିସହ କରି ଦେଉଛି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅନ୍ୟ ପଟେ ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କୁ ହନ୍ତସନ୍ତ କରିଦେଉଛି। ବିଦ୍ୟୁତ ଯୋଗାଣ ବନ୍ଦ ଥିଲେ ମଧ ବିଦ୍ୟୁତ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଉ ନଥିବା ଯୋଗୁଁ ଉପଭୋକ୍ତା ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖାଯାଇଛି। ବିଦ୍ୟୁତ ବିଭାଗର ଏଭଳି ଲୁଚକାଳି ଖେଳ ଯୋଗୁଁ ଶେଷରେ ଆଜି ଟିପିସିଓଡିଏଲ୍ ଉମରକୋଟ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ଜନତା ଦଳର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ୪ ଦଫା ସମ୍ବଳିତ ଦାବିପତ୍ରରେ ଅଘୋଷିତ ବିଦ୍ୟୁତ୍ କାଟ କାହିଁକି ହେଉଛି, ବିଜେପିର ମିଥ୍ୟା ପ୍ରତିଶ୍ରୁତି ୩୦୦ ୟୁନିଟ୍ ଫ୍ରୀ ବିଜୁଳି କେବେ, ଅତ୍ୟାଧିକ ବିଜୁଳି ଦର ବୃଦ୍ଧି, ଉମରକୋଟ ପୌର ପରିଷଦ ଠାରେ ବାରମ୍ବାର ଦୁର୍ଘଟଣା ପରେ ମଧ ଶୋଚନୀୟ ଅବସ୍ଥା ତଳକୁ ଝୁଲି ରହି ଥିବା ଇଲେକ୍ଟ୍ରିକ-ତାରର ବଦଳି କାହିଁକି ହେଉନାହିଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହା ବାଦେ ସ୍ମାର୍ଟ ମିଟର ନ ଲଗାଇବା ପାଇଁ ବାରମ୍ବାର ଅଭିଯୋଗ କଲେ ମଧ ଯୋର ଜବରଦସ୍ତ କାହିଁକି ସ୍ମାର୍ଟ ମିଟର ଲଗାଯାଉଛି। ଏସବୁ ଦାବିନେଇ ଉମରକୋଟ ଇଲେକ୍ଟ୍ରୋ ଅଫିସ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ମନୋହର ରନ୍ଧାରୀ , ପୂର୍ବତନ ସାଂସଦ ପ୍ରଦିପ ମାଝୀ, ରାଇଘର ବ୍ଲକ୍ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର , ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଇଘରର ପୂର୍ବତନ ବ୍ଲକ୍ ଅଧକ୍ଷା ନବୀନା ନାୟକ, ଉମରକୋଟ ବ୍ଲକ୍ ଅଧକ୍ଷା ଶୁଶିଳା ମାଝୀ, ପୌର ପରିଷଦ ଅଧକ୍ଷା ରାଧାଭତ୍ରା, ଉମରକୋଟ ବିଜେଡି ସଭାପତି ଚନ୍ଦନ ବେହେରା, ପୂର୍ବତନ ସରପଞ୍ଚ ବିରସିଂ ମାଝୀ, ଯୁବନେତା ଜୁମେରା ସାନ୍ତା, ସମସ୍ତ ସରପଞ୍ଚ, ସମିତି, ଏବଂ ପୌର ପରିଷଦର ସମସ୍ତ କାଉନସିଲର ଓ ସମସ୍ତ ବିଜୁ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ରହି ବିଦ୍ୟୁତ ବିଭାଗର ଏସ୍‌ଡିଓ ସୂରପ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସରକାରୀ ଭଲ୍‌ଭୋ ବସ୍ ଉପରକୁ ପଥର ମାଡ଼

ସେମିଳିଗୁଡ଼ା,୮।୬(ସମିସ): ମଧରାତ୍ରିରେ ମାତାଲ ଯୁବକଙ୍କ ଉନ୍ମତ୍ତ କାଣ୍ଡ। ଚଳନ୍ତା ସରକାରୀ ଭଲଭୋ ବସ୍ ଉପରେ ଅତର୍କିତ ପଥର ମାଡ଼। ଭାଙ୍ଗି ଚୁରମାର ହୋଇଗଲା ବସ୍‌ର ଆଗ କାଚ। ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ। କୋରାପୁଟ ଜିଲ୍ଲା ସେମିଳିଗୁଡାର ଦାମନଯୋଡି ଛକରେ ରବିବାର ରାତିରେ ଘଟିଥିବା ଏହି ଘଟଣା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ , ରବିବାର ରାତି ରେ ସରକାରୀ ଭଲ୍‌ବୋ ବସ ଭବାନୀ ପାଟଣାରୁ ବାହାରି ବିଶାଖାପାଟଣା ଯାଉଥିଲା। ବସ ସେମିଳିଗୁଡା ନାଲ୍‌କୋ ଛକରେ ଆସିବା ପରେ କିଛି ଦୁର୍ବୃତ୍ତ ହଠାତ୍ ବସ ଉପରକୁ ବଡ଼ ବଡ଼ ପଥର ମାଡ଼ କରିଥିଲେ। ସମ୍ପୂର୍ଣ୍ଣ ସିନେମା ଷ୍ଟାଇଲେରେ ଏଭଳି ପଥର ମାଡ଼ କରିଛନ୍ତି, ଯାହାର ଭିଡିଓ ଭାଇରାଲ ହୋଇଛି। ପଥର ମାଡ଼ ଦେଖି ବସରେ ଥିବା ଯାତ୍ରୀ ଭୟଭୀତ ହୋଇ ଚିତ୍କାର କରୁଥିଲେ। ସେମିଳିଗୁଡା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ବୃତ୍ତମାନେ ଏକ ବୋଲେରୋ ମାଧ୍ୟମରେ ଫେରାର ହୋଇ ଯାଇଥିଲେ। ସିସି ଟିଭି ମାଧ୍ୟମରେ ବୋଲେରୋ ନମ୍ବର ପୋଲିସ ଜାଣି ପାରିଛି ଏବଂ ସେମାନଙ୍କୁ ଧରିବା ପାଇଁ ଚାରିଆଡେ ଛାପା ମରା ଚାଲିଛି। କୋରାପୁଟ ଏସ ପି ମଧ ଉକ୍ତ ଘଟଣା କୁ ସଂଜ୍ଞାନ ନେଇଛନ୍ତି ଖୁବ ଶୀଘ୍ର ଧରା ପଡିବେ ବୋଲି ସେମିଳିଗୁଡା ଏସ୍‌ଆଇ ପ୍ରଫୁଲ୍ଲ କୁମାର ପାତ୍ର ସୂଚନା ଦେଇଛନ୍ତି।




## ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ



ଉମରକୋଟ,୮।୬ (ସମିସ): ଉମରକୋଟ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ଠାରେ ଆୟୋଜିତ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଉଦ୍‌ଯାପିତ ହୋଇଯାଇଛି। ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁଙ୍କ ନିରୀକ୍ଷଣ ଏବଂ ମଲ୍ଟି-ପର୍ପସ ସ୍ପୋର୍ଟ ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ଏମ୍. ବିଜୟ କୁମାରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ଯୁବ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ କ୍ରୀଡ଼ା ଦକ୍ଷତାର ବିକାଶ ଘଟାଇବା। ଉଦ୍‌ଯାପନୀ ଉତ୍ସବରେ ଉମରକୋଟ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଧୁଭୂଷଣ ବେହେରା ଏବଂ ଅତିରିକ୍ତ ସରକାରୀ ଅଧିବକ୍ତା ରାମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ଆୟୋଜିତ ଅନ୍ୟାନ୍ୟ ଶିବିର ତୁଳନାରେ ଉମରକୋଟ ଶିବିରରେ ସର୍ବାଧିକ କ୍ରୀଡ଼ାବିତ ପଞ୍ଜୀକରଣ କରିଥିଲେ। ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତଙ୍କୁ ଓଡ଼ିଶା ସରକାରଙ୍କ ଅନୁମୋଦିତ ମାନପତ୍ର ପ୍ରଦାନ କରାଯାଇଥିଲା ଓ ଶିବିର ସଫଳ ଆୟୋଜନ ପାଇଁ ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁ, ପରିଚାଳନା ନିର୍ଦ୍ଦେଶକ ଏମ୍. ବିଜୟ କୁମାରଙ୍କ ସମେତ ପ୍ରଶିକ୍ଷକ ପ୍ରଫୁଲ୍ଲ କଲାର, ନକୁଳ ସାନ୍ତା, ସୁବାସ ସାନ୍ତା, ଶ୍ରୀରାମ ଚଲାଣ, ଆନନ୍ଦ କୁମାର ହରିଜନ, ଧାକଲ ସିଂ ଗଣ୍ଡ, ସୁରେଶ ଭତ୍ରା ଓ ପ୍ରଶିକ୍ଷିକା ନବୀନା ସାନ୍ତା, ପୁନେଇ ପୂଜାରୀ, ଲଳିତା ଭତ୍ରା, ଜୟମଣି ଭତ୍ରା ଏବଂ ସୁମତି ଭତ୍ରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ସଂଘର ମହିଳା କ୍ରୀଡ଼ା ସଂଯୋଜିକା ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ।

## ସେମିଳିଗୁଡାରେ ମିଳିତ ଜନଶୁଣାଣି ଶିବିର




ସେମିଳିଗୁଡା,୮।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ନିଜେ ଉପସ୍ଥିତି ରହି ଜନଶୁଣାଣି କରିଥିଲେ। ଶିବିରରେ ମୋଟ ୩୬ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ଯେଉଁଥିରେ ୨୫ଟି ଗୋଷ୍ଠୀଗତ ଓ ୧୧ଟି ବ୍ୟକ୍ତିଗତ ଅଭିଯୋଗ ସାମିଲ ଥିଲା। ସେଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅତିତକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ତହସିଲଦାର ଦେବବ୍ରତ କରତେ, ସମିତି ଅଧକ୍ଷା ଲିଲି ଅଣ୍ଟା ବିରିଆ, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ତୋଫାନ କୁମାର ନାଇକ, ସିସିପିଓ ବିନୋଦିନୀ ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଭୋଟର ତାଲିକା ସଂଶୋଧନ ପାଇଁ ପ୍ରଶାସନର ପ୍ରସ୍ତୁତି

## 'ଚୁନାବ ପାଠଶାଳା'ରେ ମତଦାତା ସଚେତନତା




ମାଲକାନଗିରି, ୮।୬(ସମିସ): ଆଗାମୀ ସ୍ପେଶାଲ ସମରୀ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ଶତ ପ୍ରତିଶତ ସଫଳ କରିବା ଏବଂ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ୟାପକ ସ୍ୱିପ୍ କାର୍ଯ୍ୟକ୍ରମ ଓ 'ଚୁନାବ ପାଠଶାଳା' ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଖଇରପୁଟ ବ୍ଲକ ଅନ୍ତର୍ଗତ କୁମାରପୁଟର ବୁଥ୍ ନଂ-୧୦୭ ଏବଂ କୁମାରପୁଟ-୨ର ବୁଥ୍ ନଂ-୧୦୮ ଠାରେ ସ୍ଥାନୀୟ ଏଇଆରଓ-ତଥା-ବିଡିଓ ଙ୍କ ପ୍ରତ୍ୟକ୍ଷ ସଭାପତିତ୍ୱରେ ଏକ ବିଶେଷ 'ଚୁନାବ ପାଠଶାଳା'ର ଆୟୋଜନ କରାଯାଇଥିଲା। ଏହି ବୈଠକରେ ଗ୍ରାମର ବହୁ ସଂଖ୍ୟାରେ ମହିଳା ଓ ଯୁବ ଭୋଟର ଯୋଗ ଦେଇଥିଲେ। ସେମାନଙ୍କୁ ଗଣତନ୍ତ୍ରରେ ଭୋଟରଙ୍କ ଭୂମିକା ଏବଂ ନିଜର ନାମ ଯାଞ୍ଚ କରିବା ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯିବା ସହ ଫର୍ମ ପୂରଣ ବିଷୟରେ ବୁଝାଯାଇଥିଲା। ସେହିପରି ମାଥିଲି ବ୍ଲକର ଭାଗ ସଂଖ୍ୟା ୨୭ ଏବଂ ଭାଗ ସଂଖ୍ୟା ୨୮ ଠାରେ ଏକ ବ୍ୟାପକ ସ୍ୱିପ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଥିଲି ଏଇଆରଓ-ତଥା-ବିଡିଓଙ୍କ ସମେତ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ , ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲ୍‌ଓ ସୁପରଭାଇଜରମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଗ୍ରାମବାସୀଙ୍କୁ ଆଗାମୀ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ବିଶେଷ କରି ୧୮ ବର୍ଷ ବୟସ ହୋଇଥିବା ନୂତନ ଯୁବକ ଯୁବତୀମାନେ ଯେପରି ନିଜର ନାମ ପଞ୍ଜୀକରଣ କରାଇବେ, ସେଥିପାଇଁ ବିଏଲ୍‌ଓମାନଙ୍କୁ ଘରକୁ ଘର ବୁଲି ସୂଚନା ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ, ବାଲିମେଳା ଏନ୍‌ଏସି ଅନ୍ତର୍ଗତ ବୁଥ୍ ନଂ-୧୬୭ ଏବଂ ୧୭୧ ଠାରେ ମଧ ସ୍ଥାନୀୟ ବିଏଲ୍‌ଓ ଏବଂ ସାଧାରଣ ଜନସାଧାରଣଙ୍କୁନେଇ ଚୁନାବ ପାଠଶାଳା ଆୟୋଜିତ ହୋଇଯାଇଛି। ଏହି ପାଠଶାଳାରେ ଉପସ୍ଥିତ ଲୋକଙ୍କ ସହ ଭୋଟର ତାଲିକା ନବୀକରଣ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରାଯାଇଥିଲା। ଆଇଡି କାର୍ଡରେ ଥିବା ଫଟୋ, ନାମ କିମ୍ବା ଠିକଣା ଭୁଲ୍ ଥିଲେ ତାହାକୁ କିଭଳି ଅନଲାଇନ୍ କିମ୍ବା ଅଫଲାଇନ୍ ମାଧ୍ୟମରେ ସଂଶୋଧନ କରାଯାଇପାରିବ, ସେ ନେଇ ଡେମୋ ମାଧ୍ୟମରେ ବୁଝାଯାଇଥିଲା। ଏହି ସମସ୍ତ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜିଲ୍ଲାରେ ଏକ ସ୍ୱଚ୍ଛ, ନିର୍ଭୁଲ ଓ ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତ କରିବା, ଯେପରି କୌଣସି ବି ଯୋଗ୍ୟ ମତଦାତା ନିଜର ଅଧିକାରରୁ ବଞ୍ଚିତ ନ ହୁଅନ୍ତି।

## ଜିଲ୍ଲାପାଳଙ୍କ ସେମିଳିଗୁଡ଼ା ବ୍ଲକ୍ ଗସ୍ତ



ସେମିଳିଗୁଡ଼ା,୮।୬ (ସମିସ):

ସେମିଳିଗୁଡା ବ୍ଲକ୍‌ରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସୋମବାର ଗସ୍ତ କରିଚନ୍ତି। ପ୍ରଥମ ସେ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ। ତା'ପରେ ବ୍ଲକ୍ କାର୍ଯାଳୟ ପରସରରେ ଆୟୋଜିତ ଏକ କାର୍ଯକ୍ରମରେ ଜିଲ୍ଲାପାଳ ବ୍ଲକର ୩୪ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୨ କୋଟି ୬୯ ଲକ୍ଷ ଟଙ୍କା ଋଣ ପ୍ରଧାନ କରିଥଲେ। ସେହିପରି ରାଜପୁଟ ପଞ୍ଚାୟତ ରସାଇପୁଟ ଗ୍ରାମର ଦାମୁ ଆଲଙ୍ଗ, ମଙ୍ଗୁଳି ହନ୍ତାଳଙ୍କୁ ୨ ଲକ୍ଷ ୫୦ ହଜାର ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ତା'ପରେ ଜିଲ୍ଲାପାଳ ସେମିଳିଗୁଡା ମିନି ଷ୍ଟାଡିୟମ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ଷ୍ଟାଡିୟମ୍ ଉନ୍ନତି ଦିଗରେ ବ୍ଲକ୍ ଅଧିକାରୀ ମାନେ ସହ ଆଲୋଚନା କରିଥିଲେ।ଜିଲ୍ଲାପାଳ ଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅତିତକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ତହସିଲଦାର ଦେବବ୍ରତ କରତେ, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ତୋଫାନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୩ ମାସ ହେଲା ଭତ୍ତା ମିଳୁନି



● ବ୍ଲକ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

ତେନ୍ତୁଳିଖୁଣ୍ଟି,୮।୬(ସମିସ): ଆଜି ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ତୁରନ୍ତ ତିନିମାସର ଭତ୍ତା ପ୍ରଦାନ ପାଇଁ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ତିନିମାସ ହୋଇଗଲା ବାର୍ଦ୍ଧକ୍ୟ ଭତ୍ତା ଠାରୁ ଆରମ୍ଭ କରି ଭିନ୍ନକ୍ଷମ, ମଧୁବାବୁ ପେନ୍‌ସନ ଆଦି ଭତ୍ତା ମିଳିପାରିନି। ବ୍ଲକର ୬୫୧୯ ଜଣ ହିତାଧିକାରୀ ତିନିମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ସେମାନଙ୍କ ବିଭିନ୍ନ ପ୍ରକାର ଅସୁବିଧା ହେଉଛି। ହିତାଧିକାରୀ ମାନେ ଭତ୍ତା ଟଙ୍କା ପାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇସାରିଲେଣି। ଏହାକୁ ଦୃଷ୍ଟିରେ ରଖି ଆଜି ବ୍ଲକ୍ କଂଗ୍ରେସ କମିଟି ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଜିଲ୍ଲା କଂଗ୍ରେସ ମହିଳା ସଭାନେତ୍ରୀ ପି.ନଗରତ୍ନମ, ଯୁବନେତା ଅଖିଳ ଭତରା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନରଞ୍ଜନ ତ୍ରିପାଠୀ, ବରିଷ୍ଠ ନେତା କିଶୋର ଚନ୍ଦ୍ର ସିଂହ, ଅବଦୁଲ ଫିରୋଜ, ବିଶ୍ୱନାଥ ସିଂହ ପ୍ରମୁଖ ଭତ୍ତାଧାରୀଙ୍କ ସହ ମିଶି ତୁରନ୍ତ ତିନିମାସର ଭତ୍ତା ଟଙ୍କା ପ୍ରଦାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ନନ୍ଦପୁରରେ ଜେଏମ୍‌ଏଫ୍‌ସି କୋର୍ଟ କାର୍ଯ୍ୟକାରୀ ନେଇ ବଢ଼ୁଛି ଅନିଶ୍ଚିତତା!



### ଫାଇଲରୁ ବାହାରି ବାସ୍ତବ ରୂପ ନେବ କେବେ?

ନନ୍ଦପୁର, ୮।୬(ସମିସ): ନନ୍ଦପୁରରେ ଜେଏମଏଫସି (ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍ ଫାଷ୍ଟ କ୍ଲାସ୍) କୋର୍ଟ କାର୍ଯ୍ୟକାରୀ ନେଇ ଦୀର୍ଘ ୧୫ ବର୍ଷ ଧରି ଅନିଶ୍ଚିତତା ଲାଗି ରହିଛି। ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୨୦୧୧ ମସିହାରେ ତତ୍କାଳୀନ ସରକାର ନନ୍ଦପୁରରେ ଜେଏମ୍‌ଏଫସି କୋର୍ଟ ସ୍ଥାପନ ପାଇଁ ଅନୁମୋଦନ ଦେଇଥିଲେ। ମାତ୍ର ଏତେ ବର୍ଷ ବିତିଯାଇଥିଲେ ମଧ କୋର୍ଟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନନ୍ଦପୁର ଆରକ୍ଷୀ ଉପଖଣ୍ଡ ଅଧୀନରେ ନନ୍ଦପୁର, ପାଡୁଆ ଓ ମାଛକୁଣ୍ଡ ଥାନା ସହ ଜଲାପୁଟ ଏବଂ ରାଣୀତୋଟା ଫାଣ୍ଡି ରହିଛି। ଏହି ଅଞ୍ଚଳର ବିଭିନ୍ନ ମାମଲାର ଶୁଣାଣି ଓ ଆଇନଗତ ସହାୟତା ପାଇଁ ସ୍ଥାନୀୟ ଲୋକଙ୍କୁ ବାଧ ହୋଇ କୋରାପୁଟ ଯିବାକୁ ପଡୁଛି। ନିକଟରେ କୋର୍ଟ କାର୍ଯ୍ୟକାରୀ ହେଲେ ସାଧାରଣ ଲୋକଙ୍କୁ ଶୀଘ୍ର ନ୍ୟାୟ ମିଳିବା ସହ ଆର୍ଥିକ ଓ ସମୟଗତ ବୋଝ ମଧ କମିଥାନ୍ତା। ସୂଚନା ଅନୁଯାୟୀ, କୋର୍ଟ ନିର୍ମାଣ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି, ଏପରିକି ସ୍ଥାୟୀ ଭବନ ନିର୍ମାଣ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ କୋର୍ଟ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ବ୍ୟବସ୍ଥା ଉପରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇସାରିଛି। ତଥାପି କୋର୍ଟ ଆରମ୍ଭ ନେଇ କୌଣସି ସ୍ପଷ୍ଟ ପଦକ୍ଷେପ ଦୃଶ୍ୟମାନ ହେଉନାହିଁ। ଦୀର୍ଘ ୧୫ ବର୍ଷ ଧରି ପ୍ରକଳ୍ପଟି କାଗଜପତ୍ର ଓ ପ୍ରଶାସନିକ ପ୍ରକ୍ରିୟା ମଧ୍ୟରେ ସୀମିତ ରହିଥିବା ବେଳେ ବିଳମ୍ବର କାରଣ ସମ୍ପର୍କରେ କୌଣସି ବିଭାଗ ସ୍ପଷ୍ଟ ଉତ୍ତର ଦେଇପାରୁନାହିଁ। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଆଇନଜୀବୀ ମହଲରେ ଅସନ୍ତୋଷ ବଢ଼ୁଛି। ନନ୍ଦପୁର ଆଇନଜୀବୀ ସଂଘ ଓ ବୁଦ୍ଧିଜୀବୀ ମହଲ ତୁରନ୍ତ ଜେଏମ୍‌ଏଫ୍‌ସି କୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଓ ନ୍ୟାୟ ବିଭାଗଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଆଉ ବିଳମ୍ବ ନକରି କୋର୍ଟ ଚାଲୁ କରାଗଲେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହେବା ସହ ନ୍ୟାୟ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ଆହୁରି ସୁଦୃଢ଼ ହେବ।

## ତେନ୍ତୁଳିଖୁଣ୍ଟିରେ ମଦ ବନ୍ଦ ପାଇଁ ମହିଳାଙ୍କ ମେଳି



### ଜିଲ୍ଲାପାଳଙ୍କ ନିକଟରେ ଫେରାଦ

ତେନ୍ତୁଳିଖୁଣ୍ଟି,୮।୬(ସମିସ): ତେନ୍ତୁଳିଖୁଣ୍ଟିରେ ମଦ ବନ୍ଦ ପାଇଁ ଶତାଧିକ ମହିଳା ଏକତ୍ରିତ ହୋଇଛନ୍ତି। ଗତକାଲି ମାତୃ ଆଶ୍ରମ ଅଧକ୍ଷା କାଦମ୍ବିନୀ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇ ତେନ୍ତୁଳିଖୁଣ୍ଟି ଗ୍ରାମରେ ଏକ ଶୋଭାଯାତ୍ରା କରିଥିଲେ। ତେନ୍ତୁଳିଖୁଣ୍ଟି ଗ୍ରାମରେ ଦେଶୀ ବିଦେଶୀ ମଦ ବନ୍ଦ ପାଇଁ ମହିଳା ମାନେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଗ୍ରାମରେ ମଦ ବିକ୍ରୟ କରୁଥିବା ବ୍ୟବସାୟୀଙ୍କୁ ମଧ ମଦ ବିକ୍ରୀ ପାଇଁ ମନା କରିଥିଲେ। ଆଜି ପୁଣିଥରେ ଅଧକ୍ଷା ଶ୍ରୀମତୀ ତ୍ରିପାଠୀ ଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକାଠି ହୋଇ ମଦ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ। ଶେଷରେ ତେନ୍ତୁଳିଖୁଣ୍ଟିରେ ଚାଲିଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମହିଳା ମାନେ ତେନ୍ତୁଳିଖୁଣ୍ଟି ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ କରିବାକୁ ଲିଖିତ ଅଭିଯୋଗ କରିଛନ୍ତି। ମଦ୍ୟପାନ ଦ୍ୱାରା ସର୍ବଦା ପରିବାରରେ ଅଶାନ୍ତ ଲାଗିରହୁଛି। ଯୁବକ, ବୟସ୍କ ତଥା ଗାଁ ଗହଳିରେ ରହୁଥିବା ପରିବାର ମଦ୍ୟପାନ କରି ପଥଭ୍ରଷ୍ଟ ହେଉଛନ୍ତି। ଏଣୁ ଶତାଧିକ ମହିଳା ଦେଶୀ ବିଦେଶୀ ଓ ପୁଡ଼ି ମଦ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପ୍ରଶାସନର ସହଯୋଗ ଲୋଡିଛନ୍ତି। କେବଳ ତେନ୍ତୁଳିଖୁଣ୍ଟି ସଦର ମହକୁମା ନୁହେଁ, ସମ୍ପୂର୍ଣ୍ଣ ବ୍ଲକ୍‌ରେ ମଦ ବନ୍ଦ ପାଇଁ ମହିଳା ମାନେ ସଚେତନ ହୋଇ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମହିଳାଙ୍କ ଏଭଳି ପଦକ୍ଷେପକୁ ସମସ୍ତ ସ୍ତରରୁ ସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି।

## ଜିଲ୍ଲାପାଳ, ଏସ୍‌ପିଙ୍କ ସ୍ପେଶାଲ୍ ପୁଲିସ ବୈଠକ

### ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ହଟାଇବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ



ମାଲକାନଗିରି, ୮।୬(ସମିସ): ସମାଜକୁ କଳଙ୍କିତ କରୁଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଡାହାଣୀ ସନ୍ଦେହରେ ହେଉଥିବା ଜଘନ୍ୟ ହିଂସାକାଣ୍ଡର ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ସାମାଜିକ ବ୍ୟାଧିକୁ ମୂଳପୋଛ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍‌ଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ପୋଲିସ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମାଞ୍ଚଳ, ବିଶେଷ କରି ଉପାନ୍ତ ଓ ଜନଜାତି ବହୁଳ ଅଞ୍ଚଳରେ ଘଟୁଥିବା ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୁଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସ୍ଥାନରେ ଡାହାଣୀ ସନ୍ଦେହ କିମ୍ବା ଗୁଣିଗାରେଡ଼ି ଅଭିଯୋଗ ଆସିଲେ, ପ୍ରଶାସନ ତୁରନ୍ତ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସ୍ପଷ୍ଟ କରାଯାଇଛି। କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଲୋକଙ୍କ ମନରୁ ଭୟ ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଗ୍ରାମ ସ୍ତରରେ ବ୍ୟାପକ ସଚେତନତା ସଭା, ପଥପ୍ରାନ୍ତ ନାଟକ ଏବଂ କମ୍ୟୁନିଟଇ ପୁଲିସଂ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି ଯେ, ଏହି କୁସଂସ୍କାର ବିରୁଦ୍ଧରେ ସଚେତନ ହେବା ଏବଂ ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ଶିକ୍ଷା ଓ ବିଜ୍ଞାନର ସହାୟତାରେ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସମସ୍ତେ ମିଶି ସଂକଳ୍ପ ନେବା ଜରୁରୀ। ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ ଜନସାଧାରଣ ପୋଲିସ ଓ ପ୍ରଶାସନକୁ ସୂଚନା ଦେଇ ସହଯୋଗ କରିବାକୁ ନିବେଦନ କରାଯାଇଛି।

କୋରାପୁଟ କୁନ୍ଦୁଲି ଅଞ୍ଚଳରେ ଝାଡ଼ାବାନ୍ତି

# ୧୭ ରୁ ଅଧିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି





ସେମିଳିଗୁଡ଼ା/କୁନ୍ଦୁଲ,୮।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲି ପଞ୍ଚାୟତର ବିଲାଇଗୁଡାରେ ଝାଡ଼ାବାନ୍ତି ୧୭ରୁ ଅଧିକ ଗ୍ରାମବାସୀ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ରାତିରୁ ଗାଁର ୫ଟି ପରିବାରର ୧୭ ଜଣ ଲୋକ ଝାଡ଼ାବାନ୍ତିରେ ପୀଡିତ ଅଛନ୍ତି। ସୋମବାର ସକାଳେ ଆଶା କର୍ମୀ ବାସନ୍ତୀ ନାୟକ ଗାଁରେ ପହଞ୍ଚି ସେମାନଙ୍କ ଅବସ୍ଥା ଦେଖି ତୁରନ୍ତ ଏକ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରି ରୋଗୀମାନଙ୍କୁ କୁନ୍ଦୁଲି ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରମାନେ ତୁରନ୍ତ ରୋଗୀମାନଙ୍କୁ ପରୀକ୍ଷା କରି ଔଷଧ ଦେଇଥିଲେ। ଅନ୍ୟପକ୍ଷରେ ଏକ ଡାକ୍ତରୀ ଦଳ ପ୍ରଭାବିତ ଗାଁରେ ଘର ଘର ବୁଲି ପରୀକ୍ଷା କରିଥିଲେ। ଝାଡ଼ାବାନ୍ତି ବ୍ୟାପିବାର କାରଣ ତଦନ୍ତ କରାଯାଉଛି। ଗ୍ରାମବାସୀ କହିଛନ୍ତି ଯେ ଗାଁ ଲୋକେ ଏପରି କିଛି ଖାଇ ନାହାଁନ୍ତି, ଗାଁରେ କୌଣସି ଭୋଜି ମଧ ହୋଇନାହିଁ। ଡାକ୍ତରମାନେ ଗାଁ ପ୍ରତି ବିଶେଷ ଧ୍ୟାନ ଦେଇଥିବା ଜଣାପଡ଼ିଛି।

ତହସିଲଦାରଙ୍କ ଚଢ଼ଉ; ଦୁଇ ଟିପର ଓ ୨ ଟ୍ରାକ୍ଟର ଜବତ

# ୫ ଲକ୍ଷ ଜରିମାନା ଆଦାୟ କଲା ଖଣି ବିଭାଗ





ବିଷମ କଟକ,୮।୬(ସମିସ): ରାୟଗଡ଼ ଜିଲ୍ଲା ବିଷମ କଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡିଙ୍କ ତତ୍ତ୍ୱାବଧାନରେ ୫ ଗୋଟି ଟାସ୍କ ଫୋର୍ସ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଅତର୍କିତ ଭାବେ ଚଢ଼ଉ କରାଯାଇ ଦୁଇଟି ବାଲି ବାଝେଇ ଟିପର, ଗୋଟିଏ ବାଲି ଓ ଗୋଟିଏ ଇଟା ବାଝେଇ ଟ୍ରାକ୍ଟରକୁ ଜବତ କରି ଥାନାରେ ଜିମାରେ ଦିଆଯାଇଛି। ଗତ ୭ ତାରିଖ ସକାଳ ଠାରୁ ସଂଧ୍ୟା ସମୟରେ ପର୍ଯ୍ୟନ୍ତ ବିଷମ କଟକ ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନର ଅତର୍କିତ ଚଢ଼ଉ କରିବା ସହ ବେଆଇନ ଭାବେ ଯାଉଥିବା ବାଲି ଓ ଇଟା ବୋଝେଇ ଗାଡିକୁ ଜବତ କରାଯିବା ସହ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ବିଷମ କଟକ ତହସିଲରେ କୌଣସି ବାଲି ଘାଟ ନଥିବା ବେଳେ ବିଭିନ୍ନ ନଦୀ ନାଳରୁ ବେଆଇନ ଭାବେ ବାଲି ଉଠାଇ ଚୋରାଚାଲାଣ କରୁଥିବା ସମୟରେ ଏହି ଗାଡି ଗୁଡାକ ଜବତ କରାଯାଇ ମୋଟା ଅଙ୍କର ଫାଇନ ଆଦାୟ କରାଯାଇଛି। ତହସିଲ ପକ୍ଷରୁ ଗଠନ ହୋଇଥିବା ଟାସ୍କ ଫୋର୍ସ ଟିମ ଦୁଇଟି ବାଲି ବୋଝେଇ ଟିପର, ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଏବଂ ଗୋଟିଏ ଇଟା ବୋଝେଇ ଟ୍ରାକ୍ଟରକୁ ଧରିବାରେ ସକ୍ଷମ ହୋଇଥିଲା। ଗାଡି ଡ୍ରାଇଭର ପାଖର ବାଲି କିମ୍ବା ଇଟାର ରୟାଲିଟି କାଗଜ ନଥିବାରୁ ଗାଡି ଗୁଡ଼ିକ ଜବତ କରାଯାଇଥିଲା। ବିଷମ କଟକ ତହସିଲଦାର ଏ ନେଇ ରାୟଗଡା ଖଣି ବିଭାଗକୁ ସୂଚନା ଦେଇଥିଲା। ସୂଚନା ପାଇବା ପରେ ଖଣି ବିଭାଗ ଅଧିକାରୀ ବିଷମ କଟକରେ ପହଞ୍ଚି ଜବତ ୪ ଗାଡି ନିକଟରୁ ପ୍ରାୟ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛି। ଏନେଇ ବିଷମ କଟକ ତହସିଲଦାର ଶ୍ରୀ ରେଡି ସୂଚନା ଦେଇଛନ୍ତି।

# ଦୋକାନରୁ ସିନ୍ଧି ଚୋରି; ନେଇଗଲେ ୬ଲକ୍ଷ ୮୫ ହଜାର

ଜୟପୁର,୮।୬(ସମିସ): ଜୟପୁର ସହରର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ବାଇପାସ ରୋଡରେ ଏକ ସିମେଣ୍ଟ ଏବଂ ଲୁହା ସାମଗ୍ରୀ ବିକ୍ରି ଦୋକାନର କାନ୍ଥ କଣା କରିବା ସହିତ ଦୋକାନ ଭିତର କାଉଣ୍ଟର ଆଲମାରୀରେ ଏକ ବ୍ୟାଗରେ ରହିଥିବା ୬ ଲକ୍ଷ ୮୫ ହଜାର ଟଙ୍କା ଚୋରି ହୋଇଥିବା ନେଇ ଦୋକାନର ମାଲିକ ହିତେଶ ଜୈନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଟାଉନଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ଶନିବାର ଜଣେ ଗ୍ରାହକ ସାମଗ୍ରୀ କ୍ରୟ ବାବଦକୁ ୬ ଲକ୍ଷ ୮୫ ହଜାର ଟଙ୍କା ଦୋକାନ ମାଲିକଙ୍କୁ ପ୍ରଦାନ କରିଥିଲେ। ଏହିପରି ଉକ୍ତ ଦିନ ରାତିରେ ଦୋକାନୀ ଉକ୍ତ ଟଙ୍କା ବ୍ୟାଗ ସହିତ କାଉଣ୍ଟରର ଆଲମାରୀରେ ରଖିବା ସହିତ ଘରକୁ ରାତିରେ ଦୋକାନ ବନ୍ଦ କରି ଘରକୁ ଚାଲି ଯାଇଥିଲେ। ଏହାର ପରଦିନ ରବିବାର ଛୁଟି ରହିଥିଲା। ସ୍ଥାନୀୟ କିଛ ଲୋକ ମାନେ ଦୋକାନର କାନ୍ଥ କଣା ହୋଇଥିବା ନେଇ ମାଲିକଙ୍କୁ ସୂଚନା ଦେଇଥିଲେ। ଦୋକାନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୋକାନ ଖୋଲିବା ସହିତ କାଉଣ୍ଟର ଖୋଲିବା ବେଳେ ଆଲମାରୀରୁ ବ୍ୟାଗ ସହିତ ଟଙ୍କା ନଥିଲା। ଏହିପରି ଦୁର୍ବୃତ୍ତମାନେ କାନ୍ଥ କଣା କରିବା ସହିତ କାନ୍ଥର ଆଡ଼ ହୋଇଥିବା ଏକ ବଡ ଲୁହା ପ୍ଲେଟକୁ ମଧ ତଳେ ଠିଲି ତଳେ ପକାଇ ଦେଇଛନ୍ତି। ପୁଲିସ ସିସି ଟିଭି ଏବଂ ଅନ୍ୟାନ୍ୟ ଆଖପାଖର ସୂଚନାକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ଭୂମିଆ ସମାଜର ବନ୍ଧୁମିଳନ



ବୈପାରୀଗୁଡ଼ା,୮।୬(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ ଘସର୍ଡାଛକରେ ଭିମିଆ ସମାଜର ଯୁବ ନେତୃବୃନ୍ଦଙ୍କୁ ନେଇ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଅଭିନ ତଲିଆଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହୋଇଯାଇଛି। ଏଥିରେ ମୁଖ୍ୟତଃ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ବିଦାର୍ଥୀଙ୍କ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ଏବଂ ଅଞ୍ଚଳର ଶିକ୍ଷା ଉନ୍ନତିରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ସ୍ଥାନୀୟ ଶିକ୍ଷକ ଦେବ କତଲିଙ୍କୁ ଭୂମିଆ ସମାଜରେ ତରଫରୁ ସମ୍ବର୍ଦ୍ଧନା କରାଯାଇଛି। ସେ ଓଡିଶା ଲୋକ ସେବା ଆୟୋଗ ଦ୍ୱାରା ପରିଚାଳିତ ପିଜିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ନିଯୁକ୍ତି ହୋଇଛନ୍ତି । ଏଣୁ ଶ୍ରୀ କତଲିଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବୈପାରୀଗୁଡା ବ୍ଲକ ସମତ ଜୟପୁର, କୁନ୍ଦୁରା, ବରିଗୁମ୍ମା ଭଳି ବିଭିନ୍ନ ଅଞ୍ଚଳରୁ ପ୍ରମୁଖ ଯୁବ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅଭି ନାୟକ, ଧନପତି ନାୟକ, ସୁରେନ୍ଦ୍ର ମୁର୍ଜିଆ, ରାଜେନ୍ଦ୍ର ଭୂମିଆ, ଜଗନ୍ନାଥ ନାୟକ, ଭଗବାନ ମାଝୀ, ଗୋପାଳ ଭୂମିଆ, ଦେବ ଭୂମିଆ, ଶିବ ତଳିଆ, ଜୟ ନାୟକ, ଜଗା ମାଝୀ ପ୍ରମୁଖ ପରିଚାଳନା କରିଥିଲେ

ଆଦିବାସୀ ଯୁବକଙ୍କୁ ଛୁରା ମାଡ଼ ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ



ଲକ୍ଷ୍ମୀପୁର,୮।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ସଦର ମହକୁମାରେ ଶନିବାର ଦିନ ବଡ଼ଶଙ୍ଖା ଗାଁର ବୁଟୁ ପ୍ରେପେକାଙ୍କୁ ଛୁରା ମାଡ଼ ଘଟଣାରେ ସାମିଲ ଥିବା ମୁଖ୍ୟ ଅଭିଯୁକ୍ତ ଭଜମନ କୁଲଦୀପକୁ ଲକ୍ଷ୍ମୀପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ ମନୋଜ ବେହେରା ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏସଡିପିଓ ଓ ଆଇଆଇସି ସୁଜ୍ଞାନୀ ସାହୁ ଏବଂ ଥାନା କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ଏହି ଘଟଣାକୁ ନେଇ ଶତାଧିକ ଆଦିବାସୀ ଆସି ଲକ୍ଷ୍ମୀପୁର ଆମ୍ବେଦକର ଛକ ଠାରେ ରାସ୍ତାରୋକ୍ କରିବା ସହ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ପରିବା ଦୋକାନ ସବୁ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା କରି ଥିଲେ। ଦୀର୍ଘ ସମୟ ଧରି ରାଜରାସ୍ତା ଉପରେ ଏପରି ପରିସ୍ଥିତି ଦେଖିବାକୁ ମିଳି ଥିଲା। ସ୍ଥାନୀୟ ଏସ୍‌ଡିପିଓ ଓ ଆଇଆଇସି ଓ ପୁଲିସ୍ ଟିମ୍‌ଙ୍କ ମିଳିତ ଉଦ୍ୟମରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଣି କିଛି ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ଫ୍ଲାଗ ମାର୍ଚ୍ଚ କରି ସ୍ଥାନେ ସ୍ଥାନେ ମୁତୟନ ମଧ ହୋଇଥିବା ଦେଖାଇବାକୁ ମିଳିଛି।

# ଦୁର୍ଘଟଣାରେ ଆହତ ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର,୮।୬(ସମିସ): ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବାଟରେ ବ୍ରେକ ଫେଲ ହେବାରୁ ରବିବାର ରାତିରେ ଏକ ପିକଅପ୍ ଓଲଟି ଦୁଇଣଜଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏମାନେ ସମସ୍ତେ ଚିକିଟି ଅଞ୍ଚଳର। ଆହତ ପରବର୍ତ୍ତୀ ସମୟରେ ଏମାନଙ୍କୁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଅନେକ ସୁସ୍ଥ ହୋଇଥିବା ବେଳେ ସମ୍ପ୍ରତି ୧୦ରୁ ଉର୍ଦ୍ଧ୍ୱ ଆହତଙ୍କ ଚିକିତ୍ସା ଜାରି ରହିଛି।

# ଦୁର୍ଘଟଣାରେ ଯୁବତୀ ମୃତ; ହତ୍ୟା ମାମଲା ରୁଜୁ

ବ୍ରହ୍ମପୁର,୮।୬ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଓଭରବ୍ରିଜ ଉପରେ ଗତକାଲି ରାତିରେ ଏକ ଦୁର୍ଘଟଣା ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ବୋରିଗାଁର ଅମ୍ବିକା ସ୍ୱାଇଁ। ତେବେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ପରେ ବୈଦ୍ୟନାଥପୁର ଥାନା ପୁଲିସ ଏକ ହତ୍ୟାମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଅମ୍ବିକା ବ୍ରହ୍ମପୁରରେ ରହି ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଗତକାଲି ସନ୍ଧ୍ୟାରେ ସେ ନିଜ ପୁରୁଷ ସାଙ୍ଗ ସହିତ ବାଇକରେ ବସି ???ଗୋପାଳପୁର ଯାଇଥିଲେ। ସେଠାରୁ ରାତିରେ ଫେରିବା ବେଳେ ଆଙ୍କୁଲି ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଥିଲା। ସେଥିରେ ଅମ୍ବିକା ଓ ତାଙ୍କ ସାଙ୍ଗ ଗୁରୁତର ହୋଇ ପଡିଥିଲେ। ଉଭୟଙ୍କୁ ଏକ କାର ଯୋଗେ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅମ୍ବିକାଙ୍କୁ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ସେପଟେ ପୁରୁଷ ସାଙ୍ଗଙ୍କୁ ପୁଲିସ ଘଟଣା ଭିତରେ ପଚରାଉଚରା କରୁଥିବା ଜଣାପଡିଛି । ବୈଦ୍ୟନାଥପୁର ଥାନା ପୁଲିସ ଅମ୍ବିକାଙ୍କ ଶବ ଜବତ କରି ବ୍ୟବେଚ୍ଛେଦ ପରେ ପରିବାର ଲୋକଙ୍କ ହସ୍ତାନ୍ତର କରିଛି।

# ପାଠାଗାର ଉଦ୍‌ଘାଟନ କଲେ ବିଧାୟକ

ବ୍ରହ୍ମପୁର,୮।୬(ସମିସ): ବ୍ରହ୍ମପୁର ମହାନଗର ନିଗମର ୩୫ନଂ ୱାଡ଼ର୍ ସ୍ଥିତ ସିଦ୍ଧାର୍ଥ ନଗରଠାରେ ବିଇଏମସି ଦ୍ୱାରା ନିର୍ମିତ ପାଠାଗାରକୁ ବିଧାୟକ କେ ଅନୀଲ କୁମାର ଉଦଘାଟନ କରିଛନ୍ତି। ଏହି ସମୟରେ ମେୟର ସଂଘମିତ୍ରା ଦଳେଇ, କମିଶନର ଏ ସସ୍ୟା ରେଡ୍ଡୀ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, କର୍ପୋରେଟର ସମୀର ମିଶ୍ର ଉପସ୍ଥିତ ଥିଲେ। ସେହିଭଳି ଶିକ୍ଷାବିତ ମନ୍ମଥ ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଲକ୍ଷ୍ୟ ନିକେତନରେ ଏସଆଇଆର୍ ସଚେତନତା

ବ୍ରହ୍ମପୁର,୮।୬(ସମିସ): ଗଞ୍ଜାମ ଲକ୍ଷ୍ୟ ନିକେତନ ପରିସରରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' (ଏସଆଇଆର୍) ୨୦୨୬ ସମ୍ପର୍କିତ ଏକ ଗୁରତ୍ୱପୂର୍ଣ୍ଣ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ସହ ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ ପ୍ରକ୍ରିୟା ଉପରେ ସିଧାସଳଖ ଆଲୋଚନା କରିଥିଲେ। ଆଗାମୀ ନିର୍ବାଚନ ପରିଚାଳନା ଏବଂ ଏସଆଇଆର୍ ୨୦୨୬କୁ ସଫଳ କରିବାରେ ଯୁବ ସମାଜ ତଥା ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏଥିସହ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥାନୀୟ ଅଞ୍ଚଳରେ ଭୋଟର ସଚେତନତାର ବାର୍ତ୍ତା ବାହକ (ଅମ୍ବାସଡର) ସାଜିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟକ୍ରମ ସମୟରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ ସହଯୋଗ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟରେ "ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' ପ୍ରକ୍ରିୟାର ସାମ୍ବିଧାନିକ




ବ୍ୟବସ୍ଥା, ଆଇନଗତ ଆଭିମୁଖ୍ୟ ଏବଂ ସମ୍ପୃକ୍ତ ନିର୍ବାଚନ ଆଇନ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେଣ୍ଟେସନ୍) ପ୍ରଦାନ କରାଯାଇଥିଲା। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସଠିକ୍, ସ୍ୱଚ୍ଛ ତଥା ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତ କରିବାରେ ସମସ୍ତଙ୍କ ସହଭାଗିତାକୁ ନିଶ୍ଚିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଭାଗ ନେଇଥିଲେ। ଆଗାମୀ ଦିନରେ ଏହି ଜନସଚେତନତା ଅଭିଯାନକୁ ବ୍ୟାପକ କରିବା ସହ ଏସଆଇଆର ୨୦୨୬ର ସଫଳତା ପାଇଁ ସେମାନେ ନିଜର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗ

# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ




ବ୍ରହ୍ମପୁର,୮।୬(ସମିସ): ନୀଳକଣ୍ଠନଗର ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ବିଭାଗର ପ୍ରାୟ ୪୦୦ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ ଗତ ତିନିଦିନ ଧରି ଚାଲିଥିବା ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ଉଚ୍ଚ ମାଧ୍ୟମିକ, ମାଧ୍ୟମିକ ବିଭାଗ ଓ କାର୍ଯ୍ୟାଳୟ ସହାୟକ ବିଭାଗର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାମନ୍ଦିର ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିକାଶ ସମିତି ଓଡିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗର ସଂଯୋଜକ ପ୍ରକାଶ ତ୍ରିପାଠୀ ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ସଭାପତିତ୍ୱ କରି ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିକାଶ ସମିତି ଦକ୍ଷିଣ ପୂର୍ବ ସମ୍ଭାଗର ସଭାପତି ଡଃ. ତାରାପ୍ରସାଦ ଦାଶ। ପ୍ରାରମ୍ଭରେ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଦକ୍ଷିଣପୂର୍ବ ସମ୍ଭାଗର ସମ୍ପାଦକ ଦୀପକ ମହାରଣା ସାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଉଚ୍ଚମାଧ୍ୟମିକ ବିଭାଗ ସ୍ତରର ବରିଷ୍ଠ ଆଚାର୍ଯ୍ୟ ସରାଜ୍ୟ ମାଝି ବୃତ୍ତକଥନ କରିଥିବା ବେଳେ ଅଖିଳଭାରତୀୟ ପ୍ରଶିକ୍ଷଣ ପ୍ରମୁଖ ଶ୍ରୀଯୁକ୍ତ ଅଶୋକ କୁମାର ପଣ୍ଡା ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । ଶିକ୍ଷାବିକାଶ ସମିତି ଓଡିଶାଙ୍କ ସଭାପତି ଡଃ. କିଶୋର ଚନ୍ଦ୍ର ମହାନ୍ତି ଆଶୀର୍ବଚନ ପ୍ରଦାନ କରିଥିଲେ। କର୍ଯ୍ୟକ୍ରମର ଅନ୍ତିମ ଚରଣରେ ଉଚ୍ଚମାଧ୍ୟମିକ ବିଭାଗର ଶୈକ୍ଷିକ ସଂଯୋଜକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ମିଶ୍ର କର୍ଯ୍ୟଶାଳାର ସୂଚାନ ପ୍ରଦାନ କରିଥିଲେ। ପରିଶେଷରେ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଏବଂ ଇଂ. ମମତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋଷାଣୀନୂଆଗାଁ ପରିଚାଳନା ସମିତିର ସମ୍ପାଦକ ପ୍ରକାଶ ପାତ୍ର, ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା, ସଂକୁଳ ପ୍ରମୁଖ ଦୀଲ୍ଲପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବାରମ୍ବାର ଦାବି ସତ୍ତ୍ୱେ ଚୁପ୍ ବସିଛି ପ୍ରଶାସନ

# ରାସ୍ତା କାମ ନ ହେଲେ ଆନ୍ଦୋଳନ କରିବେ ଗ୍ରାମବାସୀ



ରାୟଗଡ,୮।୬(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ୍ କାରୁବାଇ ଗ୍ରାମ ପଞ୍ଚାୟତର ଅର୍ପଣା ଠାରୁ ଜାଙ୍ଗିଲି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଦୀର୍ଘ ପ୍ରାୟ ୮ କିମି ରାସ୍ତା ମଧ୍ୟରୁ ଅର୍ପଣା ଠାରୁ ପାନାବାଡି ଗାଁ ପର୍ଯ୍ୟନ୍ତ ୨କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୀର୍ଘ ଦିନ ଧରି ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହୋଇଥିବା ବେଳେ ଆଗାମୀ ବର୍ଷା ଦିନରେ ଯାତାୟାତ କରିବା ଅତ୍ୟନ୍ତ କଷ୍ଟସାଧ ହୋଇପଡିବ। ଉକ୍ତ ରାସ୍ତା ଉପରେ ନିର୍ଭର କରି ଆସୁଥିବା କାରୁବାଇ, ପିପିଲଗୁଡା, ମୀରାବାଲି, ଦୁର୍ଗାପାଡୁ, ବଡ ଆଲୁବାଡି ସମେତ ଅନ୍ୟ ପଞ୍ଚାୟତବାସୀ ତଥା ସ୍କୁଲ ଛାତ୍ରଛାତ୍ରୀ, ରୋଗୀ ଓ ଦୈନନ୍ଦିନ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପାନାବାଡି ଠାରୁ ସିଗୁରୁ, ବଡ କୋଷାପଡୁ, କାରୁବାଇ ଓ ଜାଙ୍ଗିଲି ପର୍ଯ୍ୟନ୍ତ ରାସ୍ତା ମଧ ଖାଲଖମାରେ ଭରି ପଡିଛି। ସ୍ଥାନୀୟ ପଞ୍ଚାୟତବାସୀଙ୍କ ସମେତ ଜନପ୍ରତିନିଧି ମୀରାବାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଅଶୋକ ପୁଆଲା, ପିପିଲିଗୁଡା ସରପଞ୍ଚ ରେଣୁକା ମାଣ୍ଡାଙ୍ଗି, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶଙ୍କର ଜିଲାକାରା, କାରୁବାଇ ସରପଞ୍ଚ, ରାୟଗଡ ବ୍ଲକ୍ ବିଧାୟକ ପ୍ରତିନିଧି ସତ୍ୟବାନ ମାଣ୍ଡାଙ୍ଗି ପ୍ରମୁଖ ଅନେକ ଥର ପ୍ରଶାସନ ଓ ସଂପୃକ୍ତ ବିଭାଗକୁ ରାସ୍ତା ମରାମତି ପାଇଁ ଦାବି କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଦାବି ସ୍ୱତେ ପ୍ରଶାସନ ଚୁପ ବସିଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏପରିକି ସ୍ଥାନୀୟ ଲୋକେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ ସମିତି ବୈଠକରେ ଜନ ପ୍ରତିନିଧିମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ ପଞ୍ଚାୟତବାସୀଙ୍କ ଗୁହାରୀ ଶୁଣିବାରେ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତାଟି ଦୀର୍ଘ ୫ବର୍ଷ ହେବ ଏଭଳି ଶୋଚନୀୟ ଅବସ୍ଥାରେ ପଡି ରହିଥିବା ବେଳେ ବର୍ତ୍ତମାନ ରାସ୍ତାରେ ଯାତାୟାତ କରିବା ଆଉ ସମ୍ଭବପର ହୋଇପାରୁନାହିଁ। ଅପରପକ୍ଷେ ସିଗୁର ଠାରୁ ଗୁରୁସୁବାଡି ଦେଇ ସାନ ଖିଲାପଦର ପର୍ଯ୍ୟନ୍ତ ସେତେ ଆବଶ୍ୟକ ନଥିବା ରାସ୍ତାର ମରାମତି କାମ କରାଯାଉଥିବା ବେଳେ ରାୟଗଡ ଜିଲ୍ଲା ସଦର ମହକୁମାକୁ ସିଧାସଳଖ ସଂଯୋଗ ଥିବା ଜାଙ୍ଗିଲି ଠାରୁ ଅର୍ପଣା ରାସ୍ତା ମରାମତି ପାଇଁ ବିଭାଗ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଅର୍ପଣା ଠାରୁ ପାନାବାଡି ରାସ୍ତା ପାଇଁ ଗତ ମାର୍ଚ୍ଚ ଶେଷ ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ କୌଣସି କାରଣ ବଶତଃ ତାହା ବାତିଲ ହୋଇଯାଇଥିଲା। ତା'ପରେ ଆଉ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ନ ଥିବା ନେଇ ଆଲୋଚନା ହୋଇଥିବା ବିଧାୟକ ପ୍ରତିନିଧି ଶ୍ରୀ ମାଣ୍ଡାଙ୍ଗି କହିଛନ୍ତି। ସେହିପରି ଡେଙ୍ଗାଯୋଡି ଠାରୁ ବାଲୁମତି ଗାଁ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଅବସ୍ଥା ମଧ ଶୋଚନୀୟ ହୋଇ ପଡ଼ିଥିବା ବେଳେ ଏହି ରାସ୍ତାରେ ଜରୁରୀକାଳୀନ ଆମ୍ବୁଲାନ୍ସ ହେଉ କିମ୍ବା ଅନ୍ୟାନ୍ୟ ଗାଡି ଗୁଡିକ ଯାତାୟାତରେ ଅନେକ ଅସୁବିଧା ଉପୁଜୁଛି। ଏହି ରାସ୍ତାରେ ମଧ ପିଚୁ ଉଠି ଯାଇ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ପଡିଛି। ତେଣୁ ଆସନ୍ତା ବର୍ଷା ଦିନ ପୂର୍ବରୁ ଉକ୍ତ ରାସ୍ତାଗୁଡିକର ଶୀଘ୍ର ରାସ୍ତା କାମ ଆରମ୍ଭ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ କେବେ ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ଦୋକାନରୁ ଗହଣା ଚୋରି; କର୍ମଚାରୀ ଗିରଫ

ବ୍ରହ୍ମପୁର,୮।୬(ସମିସ): ସୁନା ଗହଣା ମରାମତି ଦୋକାନର ସୁନା ଚୋରି ହୋଇଥିଲା। ଦୋକାନ ମାଲିକ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ତଥା ଉକ୍ତ ଦୋକାନରେ କାରିଗର ଭାବେ କାମ କରୁଥିବା କେ.ସୀମାଞ୍ଚଳ ଆଚାରୀ((୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୪୦. ୦୩୦ ଗ୍ରାମ ସୁନା ଜବତ କରିଛି। ସୂଚନାଯୋଗ୍ୟ ଯେ, ଶ୍ରୀରାମନଗରର ଜଗନାଥ ନଗରରେ ରହୁଥିବା ଶ୍ରୀନିବାସ ରାଓଙ୍କ ଚନ୍ଦ୍ରମା ସାହିରେ ସୁନା ଓ ରୁପା ଅଳଙ୍କାର ମରାମତି ପାଇଁ ଏକ ଦୋକାନ ଅଛି। ସେଠାରେ ସୀମାଞ୍ଚଳ ଆଚାରୀ କାରିଗର ଭାବେ କାମ କରୁଥିଲେ। ଗତ ମଇ ୧୧ ତାରିଖ ଅପରାହ୍ଣରେ ମାଲିକ ଶ୍ରୀନିବାସ ଖାଇବା ପାଇଁ ଘରକୁ ଯାଇଥିଲେ। ସେତେବେଳେ ଉକ୍ତ କାରିଗର ଦୋକାନରେ ଥିଲେ। ସନ୍ଧ୍ୟା ୫ଟା'ବେଳେ ଶ୍ରୀନିବାସ ଦୋକାନ ଫେରି ଦେଖିବା ବେଳେ ଦୋକାନ ବାହାର ପଟୁ ତାଲା ପଡିଛି। ସେ ସୀମାଞ୍ଚଳଙ୍କ ଫୋନ କରିବା ବେଳେ ତାଙ୍କ ଫୋନ ବନ୍ଦ ରହିଥିଲା। ପରେ ସେ ଘରକୁ ଯାଇ ଦୋକାନରେ ପଡିଥିବା ତାଲାର ଡୁପ୍ଲିକେଟ ଚାବି କାଠି ଆଣି ତାଲା ଖୋଲିଥିଲେ। ଗ୍ରାହକ ମରାମତି ପାଇଁ ଦେଇଥିବା ୪୫ ଗ୍ରାମର ସୁନା ଅଳଙ୍କାର ସେଠାରୁ ଗାୟବ ଥିଲା। ବହୁ ଖୋଜାଖୋଜି ପରେ ଉକ୍ତ କାରିଗର ପତ୍ତା ନମିଳିବାରୁ ସେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୁଲିସ ଏସଂକ୍ରାନ୍ତରୀଙ୍କ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରିଥିଲା। ତାଙ୍କ ମୋବାଇଲ ଟ୍ରାକିଂ ଜରି ରଖିଥିଲା। ଶେଷରେ ରବିବାର ସନ୍ଧ୍ୟାରେ ପୋଲିସ ତାଙ୍କୁ ଗିରଫ କରିବା ସହ ଚୋରି ସୁନା ଜବତ କରିଥିଲା। ସୋମବାର ଅଭିଯୋଗକାରୀ ଶ୍ରୀନିବାସଙ୍କୁ ଉକ୍ତ ସୁନା ପୁଲିସ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।





## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ଯଶସ୍ୱୀ ହେବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ମାଲିମୋକଦ୍ଦମାରେ ବିଜୟୀ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାନ ଧର୍ମ କରନ୍ତୁ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ବ୍ୟକ୍ତିଗତ କଥା କାହା ଆଗେ ପ୍ରକାଶ କରନ୍ତୁନି। ପରୋପକାରୀ ହେବେ।

**ସିଂହ:** ଅତିଥି ସତ୍କାର କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ବନ୍ଧୁଙ୍କଠାରୁ ସହାୟତା ମିଳିବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ଦୀର୍ଘଦିନର ଆଶା ପୂରଣ ହେବ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୯୦୦- ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ପରଲୋକ।
- ୧୯୬୦- ଚୀନ୍‌ରେ ଆସିଥିବା ତୋଫାନ ଯୋଗୁ ୧୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୪- ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ହେଲେ ଲାଲ୍ ବାହାଦୂର ଶାସ୍ତ୍ରୀ।
- ୧୯୮୦- ମହାକାଶଯାନ ସୋୟୁଜ୍-ଟି ୨ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୮ - ଚଣ୍ଡିଗଡ଼କୁ ତମାଖୁ ମୁକ୍ତ ସହର ଭାବେ ଘୋଷଣା କରାଗଲା।

## ‘ଗୋଲମାଲ ୫’ରେ ରଣବୀରଙ୍କ ଏଣ୍ଟ୍ରି



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ‘ଗୋଲମାଲ୍’ ଫ୍ରାଞ୍ଚାଇଜ୍‌ର ଆଗାମୀ ଚଳଚ୍ଚିତ୍ର ‘ଗୋଲମାଲ୍ ୫’ କୁ ନେଇ ଦୀର୍ଘଦିନରୁ ଚର୍ଚ୍ଚା ଚାଲିଛି। ଫିଲ୍ମର ଘୋଷଣା ହେବା ପରଠାରୁ ହିଁ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଅପରପକ୍ଷରେ ଏଥିରେ ଅକ୍ଷୟ କୁମାରଙ୍କ ଏଣ୍ଟ୍ରି ପ୍ରଶଂସକମାନଙ୍କ ଉତ୍କଣ୍ଠାକୁ ଆହୁରି ବଢ଼ାଇ ଦେଇଛି। ଏବେ ଏହି ଫିଲ୍ମରେ ରଣବୀର ସିଂହ ମଧ୍ୟ ନଜର ଆସିବେ ବୋଲି ଜଣାପଡ଼ିଛି। ରଣବୀର ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ‘ଗୋଲମାଲ୍ ୫’ ର କାହାଣୀରେ ଏଥର ସୁପରନ୍ୟାଚୁରାଲ୍ ଏଲିମେଣ୍ଟ ସହିତ ହରର-କମେଡିର ତଡ଼କା ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ଏହାକୁ ଉଟିରେ ସୁଟ୍ କରାଯାଇଥିଲା। ଏହାର ପରବର୍ତ୍ତୀ ସୁଟିଂ ଜୁଲାଇ ମାସରେ ଆରମ୍ଭ ହେବ। ଏହାକୁ ମୁମ୍ବାଇରେ ସୁଟ୍ କରାଯିବ। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ସେହିଭଳି ଗୋଆରେ ଫିଲ୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶର ସୁଟ୍ କରାଯିବ। ଏଥିରେ ଅଜୟ ଦେବଗନ୍, ଅରଶଦ ୱାର୍ସି, ଶ୍ରେୟସ୍ ତଳପଡ଼େ, କୁନାଲ ଖେମୁ ଏବଂ ତୁଷାର କପୁର, ଅକ୍ଷୟ କୁମାର ଆଦି ନଜର ଆସିବେ। ଫିଲ୍ମରେ ଅକ୍ଷୟଙ୍କ ଚରିତ୍ର ତାଙ୍କ ଫିଲ୍ମ ‘ହାଉସ୍‌ଫୁଲ୍ ୪’ର ‘ବାଲା’ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇପାରେ ବୋଲି କୁହାଯାଉଛି। ‘ଗୋଲମାଲ୍ ୫’ ରେ ତାଙ୍କର ଏଣ୍ଟ୍ରି ମୁଖ୍ୟ ଖଳନାୟକ କିମ୍ବା ନେଗେଟିଭ୍ ରୋଲ୍‌ରେ ହେବ। ସେହିଭଳି ‘ଗୋଲମାଲ୍’ ପରେ ଏହି ଫ୍ରାଞ୍ଚାଇଜ୍‌ରୁ ଅଲଗା ହୋଇ ଯାଇଥିବା ଶରମନ ଯୋଶୀ ‘ଗୋଲମାଲ୍ ୫’ରେ ନଜର ଆସିବେ।

## ଆଜି ଆସିଥିଲେ


## ଜନନାୟିକା ନନ୍ଦିନୀ



ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ସେ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା, ସୁଶାସିକା, ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିନ୍ଧାଣୀ। ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରି ଦଶନ୍ଧି ଧରି ସେ ଓଡ଼ିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ରାଜନୀତି କ୍ଷେତ୍ରରେ ତାଙ୍କର ଦୃଢ଼ତା ଓ ସାହସିକତା ପାଇଁ ତାଙ୍କୁ ଓଡ଼ିଶାର “ଆଇରନ ଲେଡି” ବୋଲି କୁହାଯାଏ। ନନ୍ଦିନୀ ୧୯୩୧ ମସିହା ଆଜିର ଦିନରେ କଟକ ଜିଲ୍ଲାର ବକ୍ସିବଜାର ଯାଚକ ଲେନ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ମାତା ରତ୍ନମଣି ଦେବୀ ଥିଲେ। ପିତାଙ୍କ ସୃଜନଶୀଳତା ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୈପ୍ଳବିକ ଚିନ୍ତାଧାରାର ଯୁଗ୍ମ ପ୍ରଭାବ ପଡ଼ିଥିଲା ନନ୍ଦିନୀଙ୍କ ଉପରେ। ଛାତ୍ରାବସ୍ଥାରୁ ରାଜନୀତିରେ ନନ୍ଦିନୀଙ୍କର ଆଗ୍ରହ ଥିଲା। ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ଜାତୀୟ ଯୁବ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ବାରମ୍ବାର ଗିରଫ ହୋଇଥିଲେ। ଖୁବ୍ କମ୍ ବୟସରୁ ସେ କଂଗ୍ରେସରେ ଯୋଗ ଦେଇ ମହିଳା ଫୋରମ୍‌ର ସଭାପତି ହୋଇଥିଲେ। କଟକର ଝିଅ ନନ୍ଦିନୀ ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରି ଢେଙ୍କାନାଳର ବୋହୂ ହୋଇଥିଲେ। ନନ୍ଦିନୀ ପ୍ରଥମେ ୧୯୬୨ ମସିହାରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ। ପରେ ୧୯୬୮ରେ ପୁଣି ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ଥିଲେ। ନନ୍ଦିନୀ ୧୯୭୨ରୁ ୭୩ ଓ ୧୯୭୪ରୁ ୭୬ ପର୍ଯ୍ୟନ୍ତ ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ କଂଗ୍ରେସରୁ ବାହାରି ଜନତା ଦଳରେ ଯୋଗ ଦେଇଥିଲେ। ୧୯୭୭ରୁ ୮୦ ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ ଦଳରେ କିଛି ଦିନ କାର୍ଯ୍ୟ କରିଥିଲେ। ପରେ ସେ ପୁଣି କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମୟରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୦-୯୫ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଭୂମିହୀନ ଓ ନାମମାତ୍ର ଚାଷୀଙ୍କ ସ୍ଥିତିକୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍। ଏହି ଆଇନ୍ ଅନୁସାରେ ବହୁ ଜମିଦାରଙ୍କଠାରୁ ସିଲିଂ ବର୍ହିଭୂତ ଜମି ଆଣି ଭୂମିହୀନଙ୍କୁ ବାଣ୍ଟିବାର ବ୍ୟବସ୍ଥା କରାଯାଇଥିଲା। ନନ୍ଦିନୀଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା । କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ। ସାହିତ୍ୟକ୍ଷେତ୍ରକୁ ଅବଦାନ ପାଇଁ ତାଙ୍କୁ ‘କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର’ ଓ ‘ସାହିତ୍ୟ ଭାରତୀ’ ପୁରସ୍କାର ମିଳିଥିଲା। ରାଜନୈତିକ ବ୍ୟସ୍ତତା ଭିତରେ ମଧ୍ୟ ସେ ଅମୃତା ପ୍ରୀତମ୍‌ଙ୍କ ‘ରସିଦ୍ ଟିକେଟ୍’, ତସଲିମା ନସରିନ୍‌ଙ୍କ ‘ଲଜ୍ଜା’ ପୁସ୍ତକ ଅନୁବାଦ କରିଥିଲେ। ଅଗଷ୍ଟ ୪, ୨୦୦୬ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା।

## ଅଜବ ନିୟମ

## ମୋଟା ଲୋକଙ୍କୁ ଚାକିରି ମନା



ମୋଟାପଣ ବା ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିଶ୍ୱର ଅନେକ ଦେଶରେ ସ୍ୱତନ୍ତ୍ର ନିୟମ ଓ ସରକାରୀ ନୀତି ପ୍ରଣୟନ କରାଯାଇଛି। ଏହି ନିୟମଗୁଡ଼ିକ ପଛର ମୂଳ ଉଦ୍ଦେଶ୍ୟ ହେଉଛି, ନାଗରିକମାନଙ୍କୁ ସୁସ୍ଥ ରଖିବା ଏବଂ ମୋଟାପଣ ଯୋଗୁଁ ହେଉଥିବା ମଧୁମେହ ଓ ହୃଦ୍‌ରୋଗ ଭଳି ସମସ୍ୟାକୁ କମାଇବା। ହେଲେ ଦକ୍ଷିଣ କୋରିଆ ଏପରି ଏକ ଦେଶ ଯେଉଁଠାରେ ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ଓଜନକୁ ଦେଖି ଚାକିରି ଦିଆଯାଏ। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ଗଠନ ଆଧାରରେ ଲୋକଙ୍କ ସହ ଭେଦଭାବ ହେବା ଏକ ସାଧାରଣ କଥା। ସେହିଭଳି ସେଠାକାର କର୍ପୋରେଟ୍ ସଂସ୍କୃତି ଅନୁସାରେ, ଯେଉଁ ବ୍ୟକ୍ତି ନିଜ ଶରୀର ଏବଂ ଓଜନକୁ ନିୟନ୍ତ୍ରଣରେ ରଖିପାରୁ ନାହିଁ, ସେ କମ୍ପାନିର କାମ ଏବଂ ଦାୟିତ୍ୱକୁ ସମ୍ଭାଳିବା କଷ୍ଟକର। ସେଥିପାଇଁ ସେଠାରେ କମ୍ପାନିଗୁଡ଼ିକରେ ନିଯୁକ୍ତି ସମୟରେ ମୋଟା ଲୋକଙ୍କୁ ଅଣଦେଖା କରାଯାଏ। ସେହିପରି ଭାରତ ସମେତ ଅନ୍ୟ ଦେଶ କମ୍ପାନିଗୁଡ଼ିକରେ ରିଜ୍ୟୁମ୍‌ରେ ଫଟୋ ଲଗାଇବା ଅନିବାର୍ଯ୍ୟ ନୁହେଁ। ହେଲେ ଦକ୍ଷିଣ କୋରିଆରେ ଚାକିରି ଆବେଦନ ସମୟରେ ସିଭିରେ ପାର୍ସପୋର୍ଟ ସାଇଜ୍ ଫଟୋ ଲଗାଇବା ଜରୁରି। ଏଥିସହ ସାକ୍ଷାତକାର ସମୟରେ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ସହ ଆବେଦନକାରୀ କେତେ ଫିଟ୍ ଏବଂ ଆକର୍ଷଣୀୟ ତାହା ଦେଖାଯାଉଛି ସେନେଇ ଚର୍ଚ୍ଚା ହୋଇଥାଏ। ଅଧିକ ମୋଟା ହେବା ଏଠାରେ ଆଳସ୍ୟତାର ପ୍ରତୀକ ଭାବେ ଜଣାଯାଏ। ଏଭଳି ସାମାଜିକ ଚାପ ଯୋଗୁଁ, ଦକ୍ଷିଣ କୋରିଆର ଯୁବପିଢ଼ି ଚାପଗ୍ରସ୍ତ ହୋଇ ଭୋକିଲା ରହି ପତଳା ହେବା ଚକ୍କରରେ ରୋଗଗ୍ରସ୍ତ ହୋଇ ପଡ଼ନ୍ତି। ପ୍ରତିଭାବାନ ଏବଂ ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ, ଅନେକ ଯୁବକ ଓଜନ ଅଧିକ ହେବା କାରଣରୁ ଚାକିରିରେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୁଅନ୍ତି। ସୁନ୍ଦର ଦେଖାଯାଉଥିବା କର୍ମଚାରୀମାନେ କମ୍ପାନିର ବ୍ରାଣ୍ଡ ମୂଲ୍ୟ ବୃଦ୍ଧି କରନ୍ତି ବୋଲି ଏଠାକାର କମ୍ପାନିଗୁଡ଼ିକ ଭାବନ୍ତି। ଏବେ ଏହି ସମସ୍ୟାର ସମାଧାନ ପାଇଁ, ଦକ୍ଷିଣ କୋରିଆ ସରକାର କଠୋର ପଦକ୍ଷେପ ନେଇଛନ୍ତି। ସରକାର ଫେୟାର ହାଇରିଂ ପ୍ରାକ୍ଟିସ୍ ଆକ୍ଟରେ ସଂଶୋଧନ କରିଛନ୍ତି, ଯଦ୍ୱାରା ୩୦ ରୁ ଅଧିକ କର୍ମଚାରୀ ଥିବା କମ୍ପାନିଗୁଡ଼ିକ ସେମାନଙ୍କ ଆବେଦନ ଫର୍ମରୁ ଫଟୋଗ୍ରାଫ୍, ଉଚ୍ଚତା, ଓଜନ ଏବଂ ପାରିବାରିକ ପୃଷ୍ଠଭୂମି ଭଳି ଦିଗଗୁଡ଼ିକୁ ହଟାଇବା ବାଧ୍ୟତାମୂଳକ କରାଯାଇଛି। ଏହାସତ୍ତ୍ୱେ ବି ସାକ୍ଷାତାକାର ସମୟରେ ଏଭଳି ଭେଦଭାବ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଦେଖାଯାଉଛି।



## କଲମୀ ବାଇଗଣ ଚାଷରୁ ଆୟ ବୃଦ୍ଧି

**ଅଧିକାଂଶ ଚାଷୀ ପାରମ୍ପରିକ ଚାଷ ବଦଳରେ ଅତ୍ୟାଧୁନିକ କୃଷି ପ୍ରଣାଳୀ ଆପଣାଉଛନ୍ତି। ଏହାଦ୍ୱାରା ଲାଭବାନ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଛତିଶଗଡ଼, ମହାସମୁନ୍ଦ ଜିଲ୍ଲା, ବୋହାରପାର ଗାଁ’ର ନବୀନ ସାୱ। ନବୀନ କଲମୀ ବାଇଗଣ ଚାଷ କରି ନିଜର ଆୟ ବୃଦ୍ଧି କରିପାରିଛନ୍ତି।**

ପାରମ୍ପରିକ ଧାନ ଚାଷରୁ ନବୀନଙ୍କୁ ଲାଭ ନ ମିଳିବାରୁ ସେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସହାୟତାରେ କଲମୀ ବାଇଗଣ ଚାଷ ଆରମ୍ଭ କଲେ। ଉଦ୍ୟାନ ବିଭାଗ ମାର୍ଗଦର୍ଶନରେ ପ୍ରାୟ ତିନି ଏକର ଜମିରେ ଚାଷ କରିଲେ। ଚାଷ ପାଇଁ ସେ ବୁନ୍ଦା ଜଳ ସେଚନ ଏବଂ ମଲଚିଂ ପ୍ରଣାଳୀ ବ୍ୟବହାର କରିଥିଲେ। ଉନ୍ନତମାନର କଲମୀ ଚାରା ଲଗାଇ ଜମିରେ ଏହାର ସଠିକ୍ ଯତ୍ନ ନେବା ଦ୍ୱାରା ଗଛଗୁଡ଼ିକ ବେଶ୍ ହୃଷ୍ଟପୁଷ୍ଟ ହୋଇଥିଲା। ପ୍ରତି ଏକର ପିଛା ୧୫୫ କ୍ୱିଣ୍ଟାଲ ବାଇଗଣ ଅମଳ ହୋଇଥିଲା। ଏହି ଚାଷରେ ରୋଗ ପୋକ କମ୍ ଲାଗିବା ଆଶଙ୍କା ଥାଏ। ଗଛରେ ପୋକ କିମ୍ବା ବ୍ୟାକ୍ଟେରିଆଜନିତ ଶୁଖିଲା ରୋଗ ହୁଏ ନାହିଁ। ନବୀନ ଅମଳ ବାଇଗଣକୁ ବିକ୍ରି କରି ୨ ଲକ୍ଷ ୪୫ ହଜାର ଟଙ୍କାର ଲାଭ ପାଇଥିଲେ। ଧାନ ଚାଷ ତୁଳନାରେ ଏହି ଚାଷରୁ ତାଙ୍କୁ ଲାଭ ପାଞ୍ଚ ଗୁଣ ମିଳିଥିଲା।




## ମାଟିଆଳୁ ଚାଷ



ମାଟିଆଳୁ ମେ’ରୁ ଜୁନ୍ ମାସରେ ଲଗାଯାଏ। ଏହି ଚାଷ ପାଇଁ ଉନ୍ନତ କିସମ ହେଉଛି ଶ୍ରୀକୀର୍ତ୍ତି, ଶ୍ରୀରୂପା, ହାତୀଖୋଜ, ଛୋଟ ମାଟିଆଳୁ- ଶ୍ରୀକଳା, ଧଳା ମାଟିଆଳୁ-ଶ୍ରୀ ଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଇତ୍ୟାଦି। ଏକ ଏକର ଜମି ପାଇଁ ୮ ରୁ ୧୦ କୁଇଣ୍ଟାଲ ମାଟିଆଳୁ ଆବଶ୍ୟକ ହୁଏ। ଏହି ଖଣ୍ଡଗୁଡ଼ିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାଯାଏ। ଜମିକୁ ଗୁଣ୍ଡ ଚାଷ କରି ଧାଡ଼ିକୁ ଧାଡ଼ି ତିନିଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳାଯାଏ। ଗୋବର ଖତ ଓ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୂରଣ କରିବାକୁ ହୁଏ। ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସ୍‌ଫରସ୍ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରିବା ଆବଶ୍ୟକ। ଲଗାଇବାବେଳେ ସମୁଦାୟ ସୁପର ଫସ୍‌ଫେଟ୍ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରାଯାଏ। ମନ୍ଦାରେ ମାଟିଆଳୁ ବିହନକୁ ୫ରୁ ୧୦ ସେମି ଗଭୀରରେ ପୋତାଯାଏ। ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ମାଟିଆଳୁ ଲଗା ହୋଇଥିଲେ ବିହନ ଲଗା ହେବା ପରେ ମନ୍ଦାକୁ ଶୁଖିଲା ନଡ଼ା, ତାଳପତ୍ର ବା ଘାସ ଦେଇ ଘୋଡ଼ାଇ ଦେଇ ପାରିବେ।

## କୁକୁଡ଼ାଙ୍କ ରାଣୀକ୍ଷେତ ରୋଗ



ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ା ପାଳନ କରନ୍ତି। କୁକୁଡ଼ାଙ୍କ ସଠିକ୍ ଦେଖାଶୁଣା କଲେ ଲାଭ ମିଳିଥାଏ। ହେଲେ ବେଳେ ବେଳେ ହଠାତ୍ କୁକୁଡ଼ାଙ୍କ ଶାରୀରିକ ସମସ୍ୟା ଦେଖାଯିବା ସହ ସେମାନେ ଖାଇବା ବନ୍ଦ କରିଦିଅନ୍ତି। ଧଳା ଓ ସବୁଜ ଝାଡ଼ା ହୋଇ କୁକୁଡ଼ାଙ୍କ ମୃତ୍ୟୁ ହୋଇଥାଏ। ଏହା ଏକ ଭୂତାଣୁଜନିତ ରୋଗ। ଏଥିପ୍ରତି ସତର୍କ ରହିବା ଆବଶ୍ୟକ।

ଧଳା ଓ ସବୁଜ ଝାଡ଼ାରେ ଆକ୍ରାନ୍ତ କୁକୁଡ଼ାମାନେ ଘୁମାନ୍ତି, ପାଟିରୁ ଲାଳ ଗଡ଼ାନ୍ତି। ଡେଣା ସବୁ ଝୁଲିଲା ଭଳି ରୁହେ। ଧଳା ଚୂନ ଭଳି ଝାଡ଼ା ହୋଇ ପଛ ପଟେ ଲାଗେ। ନିଃଶ୍ୱାସ ନେବା ସମୟରେ ଘୁଡୁଘୁଡୁ ଶବ୍ଦ କରନ୍ତି। ଖାଇବା ବନ୍ଦ କରି ଦୁର୍ବଳ ହୋଇପଡ଼ନ୍ତି। ଅଣ୍ଡା ଉତ୍ପାଦନ କମିଯାଏ, ଅଚାନକ ମୃତ୍ୟୁ ହୋଇଥାଏ। ତେଣୁ ଏହି ସମସ୍ୟାର ନିରାକରଣ ପାଇଁ ସଠିକ୍ ସମୟରେ ପ୍ରାଣୀଚିକିତ୍ସକଙ୍କ ପରାମର୍ଶରେ କୁକୁଡ଼ାଙ୍କୁ ଟିକା ପ୍ରଦାନ କରିବା ଏକାନ୍ତ ଆବଶ୍ୟକ।

## ଲତାଜାତୀୟ ଫସଲ ପାଇଁ ମନ୍ଦା ପ୍ରସ୍ତୁତି



ଲତାଜାତୀୟ ଫସଲ ଯଥା - କଖାରୁ, କାକୁଡ଼ି, ଛଚିନ୍ଦ୍ରା, କଲରା ଚାଷ ପାଇଁ ବର୍ତ୍ତମାନ ମନ୍ଦା ପ୍ରସ୍ତୁତ କରି ପାରିବେ। ଜମିରୁ ଘାସ ବାଛି କୋଡାଖୁସା କରି ମାଟିକୁ ସମତୁଲ କରି ମନ୍ଦା ତିଆରି କରାଯାଏ। ମନ୍ଦାରେ ଉଇ ନ ଲାଗିବା ପାଇଁ ଚାରିପାଖେ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରାଯାଏ। ମୂଳସାର ହିସାବରେ ଭର୍ମିକମ୍ପୋଷ୍ଟ, ଜୈବିକ ଖତ ମାଟିରେ ପ୍ରୟୋଗ କରାଯାଏ। ମନ୍ଦାରେ ବିହନ ଲଗାଇ ଜଳ ସେଚନ କରାଯାଏ। ପାଣିପାଗ ଅନୁସାରେ ହାଲୁକା ଜଳସେଚନ କରାଗଲେ ୫ରୁ ୭ ଦିନରେ ବିହନ ଗଜା ହୋଇଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କାଳ ବୈଶାଖୀ ବର୍ଷା ଓ ଝଡ଼ ପବନ ହେତୁ ଲତାଜାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ।
- ଭେଣ୍ଡି ଫସଲରେ ଗଣ୍ଡି ଓ ଫଳ ବିନ୍ଧା ପୋକ ଦେଖାଦେଲେ ପ୍ରାଥମିକ ଅବସ୍ଥାରେ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଦଳୀ ଗଛରେ ଘୂଣିପୋକ ବା ଶୁଣ୍ଢା ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି କସ୍‌ମୋଲ୍ୟୋର ଥିବା ସଙ୍ଗ ଆକର୍ଷକ ଯନ୍ତା ବସାନ୍ତୁ। ଗଛ ଲଗାଇବା ବେଳକୁ କନ୍ଦାଗୁଡିକୁ ଉଷୁମ ପାଣିରେ ୩୦ ମିନିଟ୍ ବୁଡାଇ ତାପରେ ଲଗାନ୍ତୁ।
- ସଜନା ଗଛରେ ଛୁଇଁବିନ୍ଧା ପୋକର ଦମନ ପାଇଁ ସାଇପରମେଥ୍ରିନ୍ @ ୮୦ଗ୍ରାମ୍ ଏକର ପ୍ରତି ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରନ୍ତୁ।
- ଗାଈଗୋରୁଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ। ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟାରେ ଛାଡନ୍ତୁ।

## ଗଛ ଶୁଖି ଯାଉଥିଲେ...



**ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଏବଂ ଗରମ ପ୍ରବାହ ଫସଲକୁ ପ୍ରଭାବିତ କରୁଛି। ଏହା ଦ୍ୱାରା ଗଛର ପତ୍ର ଶୁଖିଯିବା ସହ ମଉଳି ଯାଉଛି। ସାଧାରଣତଃ ପାକଶାଳା ବଗିଚାରେ ଏହି ସମସ୍ୟା ଅଧିକ ଦେଖାଯାଏ। ତେଣୁ ଗଛକୁ ଥଣ୍ଡା ଏବଂ ସତେଜ ରଖିବା ପାଇଁ ତରଳ ଖତ ବ୍ୟବହାର କରିବା ସର୍ବୋତ୍ତମ।**

- ପତ୍ର ଶୁଖିଥିଲେ ତାହାକୁ ନ ହଟାଇ କୁଣ୍ଡକୁ ଛାଇ ସ୍ଥାନକୁ ସ୍ଥାନନ୍ତର କରିବା ଆବଶ୍ୟକ। ମାଟିର ଆର୍ଦ୍ରତା ବଜାୟ ରଖିବାକୁ ମାଟିକୁ ନଡ଼ା, ଶୁଖିଲା ପତ୍ର ଦ୍ୱାରା ଘୋଡ଼ାଇ ରଖି ପାରିବେ। ବଗିଚା ଉପରେ ସେଡ୍ ନେଟ୍, ସୂତା ଶାଢ଼ି, କପଡ଼ା ବିଛାଇ ପାରିବେ।
- ଗଛମୂଳକୁ ଛୋଟ କଟା ପେଟି ଦ୍ୱାରା ଘୋଡ଼ାଇ ଜଳ ସେଚନ କଲେ ଗଛମୂଳ ଥଣ୍ଡା ରହିଥାଏ। ମାଟିର ଆର୍ଦ୍ରତା ବଜାୟ ରୁହେ।
- ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ନ କରି ଜିଆଖତର ତରଳ, ତରଭୁଜ ଚୋପାର ତରଳ ଖତ, ଗୋବର ଖତ, ଅଣ୍ଡାଚୋପାର ଖତ ଗଛମୂଳରେ ପ୍ରୟୋଗ କରି ପାରିବେ। ସନ୍ଧ୍ୟା ସମୟରେ ଜଳ ସେଚନ କରିବା ଭଲ।



## ଓମାନ ଉପକୂଳରେ ତୈଳ ଟ୍ୟାଙ୍କରରେ ନିଆଁ
### ୨୪ ଭାରତୀୟ ନାବିକ ସୁରକ୍ଷିତ

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଓମାନର ପୂର୍ବ ଉପକୂଳ ନିକଟରେ ସୋମବାର ମଧ୍ୟାହ୍ନ ପ୍ରାୟ ୧:୩୦ ସମୟରେ 'ମାରିଭେକ୍ସ' ନାମକ ଏକ ବିଦେଶୀ ପତାକାଧାରୀ ତୈଳ ଟ୍ୟାଙ୍କର ଜାହାଜରେ ଅଗ୍ନିକାଣ୍ଡ ଘଟିଛି । ଏହି ଜାହାଜରେ ୨୪ ଜଣ ଭାରତୀୟ ନାବିକ ଥିବା ବେଳେ ପ୍ରାଥମିକ ସୂଚନା ଅନୁଯାୟୀ ସମସ୍ତେ ସୁରକ୍ଷିତ ଅଛନ୍ତି ବୋଲି ଜଣେ ବରିଷ୍ଠ ନୌପରିବହନ ମନ୍ତ୍ରଣାଳୟର ଅଧିକାରୀ ସ୍ପଷ୍ଟ କରିଛନ୍ତି । ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ଘଟଣା ଘଟିଥିଲେ ହେଁ, ଉକ୍ତ ଜାହାଜଟି ହରମୁଜ ପ୍ରଣାଳୀ ଏବଂ ଓମାନ ସମୁଦ୍ରରୁ ବହୁ ଦୂରରେ ଓମାନର ପୂର୍ବ ସାମୁଦ୍ରିକ ଅଞ୍ଚଳରେ ଗତି କରୁଥିଲା । ଜାହାଜଟି ଭାରତର କାରୱାରରୁ ଓମାନର ଦୁକମ୍ ଅଭିମୁଖେ ଯାତ୍ରା କରୁଥିଲା । ନୌପରିବହନ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଓପେଶ କୁମାର ଶର୍ମାଙ୍କ ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ ଏବଂ ଜାହାଜରେ କୌଣସି ବାଣିଜ୍ୟିକ ସାମଗ୍ରୀ ବା କାର୍ଗୋ ନ ଥିଲା । ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଥିବା ଖବର ପରିବାର ଏବଂ ପ୍ରଶାସନ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି । ଜାହାଜରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଏବଂ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସାମୁଦ୍ରିକ ସୁରକ୍ଷା ବାହିନୀ କାର୍ଯ୍ୟ କରୁଛି ।



## ୟୁକ୍ରେନ ଉପରେ ପୁଣି ରୁଷର ଆକ୍ରମଣ
### ୫ ମୃତ, ୧୪ ଆହତ

କିଭ୍, ୮ ।୬(ଏଜେନ୍ସି): ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସାକ୍ଷାତକାର ପ୍ରସ୍ତାବକୁ ରଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ପ୍ରତ୍ୟାଖ୍ୟାନ କରିବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆହୁରି ତୀବ୍ର ହୋଇଛି । ଆଜି ସକାଳେ ୟୁକ୍ରେନ୍‌ର ଦକ୍ଷିଣ-ପୂର୍ବ ଜାପୋରିଜିଆ ଅଞ୍ଚଳରେ ରଷ ପକ୍ଷରୁ ହୋଇଥିବା ଜୋରଦାର ଏୟାର ଷ୍ଟ୍ରାଇକ୍, ଡ୍ରୋନ୍ ଆକ୍ରମଣ ଏବଂ ଗୋଳାବାରୁଦ ବର୍ଷଣ ଯୋଗୁଁ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ଅନେକ ଆବାସିକ ଗୃହ, ଗାଡ଼ି ଏବଂ ସରକାରୀ ଭିତ୍ତିଭୂମି ନଷ୍ଟ ହୋଇଯାଇଛି । ଏହା ସହିତ ଓଡେସା ଅଞ୍ଚଳରେ ହୋଇଥିବା ଆକ୍ରମଣ ଯୋଗୁଁ ପ୍ରାୟ ୧, ୦୦୦ ରୁ ଅଧିକ ଗ୍ରାହକଙ୍କ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି । ଶନିବାର ଠାରୁ ହିଁ ଉଭୟ ପକ୍ଷ ପରସ୍ପର ଉପରକୁ କ୍ରମାଗତ ଆକ୍ରମଣ କରୁଛନ୍ତି । ଗତ ଶନିବାର ୟୁକ୍ରେନ୍ ମଧ୍ୟ ରଷ ଉପରକୁ ଶତାଧିକ ଡ୍ରୋନ୍ ମାଡ଼ କରିଥିଲା, ଯେଉଁଥିରେ ଜଣଙ୍କର ମୃତ୍ୟୁ ହେବା ସହ ଏକ ତେଲ ଡିପୋରେ ନିଆଁ ଲାଗିଯାଇଥିଲା । ଚେର୍ନୋବିଲ୍ ଆଣବିକ କାରଖାନା ନିକଟରେ ଥିବା ଏକ ଆଣବିକ ଇନ୍ଧନ ସଂରକ୍ଷଣ କେନ୍ଦ୍ର ଉପରେ ରଷ ଗୁଳିମାଡ଼ କରିବା ପରେ ପରିସ୍ଥିତି ଆହୁରି ଗମ୍ଭୀର ହୋଇଛି । ଅନ୍ୟପଟେ, ଜେଲେନସ୍କି ଲଣ୍ଡନରେ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀର ଶୀର୍ଷ ନେତାମାନଙ୍କୁ ଭେଟି ଆଗାମୀ ଶୀତ ଋତୁ ପୂର୍ବରୁ ନିଜର ଶକ୍ତି ଭିତ୍ତିଭୂମିର ସୁରକ୍ଷା ଏବଂ ଅଧିକ କ୍ଷେପଣାସ୍ତ୍ର ସହାୟତା ସମ୍ପର୍କରେ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଯେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଏହି ଯୁଦ୍ଧ ୪ ବର୍ଷ ପୂରଣ କରିସାରିଛି ।

## ଅଗଷ୍ଟରୁ ଭାରତୀୟ ରେଳବାଇର ନୂତନ ସଂରକ୍ଷଣ ବ୍ୟବସ୍ଥା

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଭାରତୀୟ ରେଳବାଇ ଆସନ୍ତା ଅଗଷ୍ଟ ମାସରୁ ତାର ପୁରୁଣା ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା (ପିଆରଏସ୍)କୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଏକ ନୂତନ ଉନ୍ନତମାନର ପ୍ଲାଟଫର୍ମ କାର୍ଯ୍ୟକାରୀ କରିବାକୁ ଯାଉଛି । ୧୯୮୬ ମସିହାରୁ ଚାଲିଆସୁଥିବା ଏହି ପୁରୁଣା ବ୍ୟବସ୍ଥା ବଦଳରେ ଆଧୁନିକ ଜ୍ଞାନକୌଶଳ ସହ ନୂଆ ବ୍ୟବସ୍ଥା ଆରମ୍ଭ ହେବ, ଯାହା ଦ୍ୱାରା ଟିକେଟ୍ ବୁକିଂ କ୍ଷମତା ବୃଦ୍ଧି ପାଇବ ଏବଂ ଯାତ୍ରୀମାନେ ଅତି ସହଜରେ ଟିକେଟ୍ ପାଇପାରିବେ । ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକ୍ରିୟାର ସମୀକ୍ଷା କରି କାର୍ଯ୍ୟ ସମୟରେ ଯେପରି ଯାତ୍ରୀମାନଙ୍କର କୌଣସି ଅସୁବିଧା ନହୁଏ, ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ପ୍ରାୟ ୮୮ ପ୍ରତିଶତ ଟିକେଟ୍ ଅନଲାଇନ୍ ମାଧ୍ୟମରେ ବୁକ୍ ହେଉଛି । ବିଶେଷ କରି ୨୦୨୫ ଜୁଲାଇରେ ଆରମ୍ଭ ହୋଇଥିବା 'ରେଲୱାନ୍' ଆପ୍ ମାଧ୍ୟମରେ ପ୍ରତିଦିନ ପ୍ରାୟ ୯ ଲକ୍ଷରୁ ଅଧିକ ଟିକେଟ୍ ବୁକ୍ କରାଯାଉଛି । ଏହି ନୂତନ ବ୍ୟବସ୍ଥାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛିଏଆଇ ଆଧାରିତ ୱେଟିଂଲିଷ୍ଟ ପୂର୍ବାନୁମାନ ବ୍ୟବସ୍ଥା ।

## ପୋର୍ଟାଲ୍ ଅଚଳ ଅଭିଯୋଗକୁ ଖଣ୍ଡନ କଲା ସିବିଏସଇ

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରୀକ୍ଷା ଫଳ ପ୍ରକାଶ ପରବର୍ତ୍ତୀ ସେବା ପୋର୍ଟାଲ୍‌ରେ କୌଣସି ବୈଷୟିକ ତ୍ରୁଟି ବା ସମସ୍ୟା ଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି । ଜୁନ୍ ୨ ରୁ ଜୁନ୍ ୭ ପର୍ଯ୍ୟନ୍ତ ଚାଲିଥିବା ଏହି ଆବେଦନ ପ୍ରକ୍ରିୟା ସମୟରେ ୱେବସାଇଟ୍ ସମ୍ପୂର୍ଣ୍ଣ ସୁରୁଖୁରୁରେ କାର୍ଯ୍ୟ କରୁଥିଲା ବୋଲି ବୋର୍ଡ ସ୍ପଷ୍ଟ କରିଛି । ଆଇଆଇଟି ବିଶେଷଜ୍ଞ ଏବଂ ସରକାରୀ ବୈଷୟିକ ସଂସ୍ଥାଗୁଡ଼ିକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୋର୍ଟାଲ୍ ପରିଚାଳିତ ହେଉଥିଲା । ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ୬ ଦିନର ଅବଧି ମଧ୍ୟରେ ପ୍ରାୟ ୧.୬ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୩.୮ ଲକ୍ଷରୁ ଅଧିକ ଉତ୍ତରଖାତାର ପୁନଃ ଯାଞ୍ଚ ଏବଂ ମୂଲ୍ୟାୟନ ପାଇଁ ସଫଳତାର ସହ ଆବେଦନ କରିଛନ୍ତି । ଏହି ବିପୁଳ ସଂଖ୍ୟକ ଆବେଦନ ହିଁ ପୋର୍ଟାଲ୍ ସଠିକ୍ ଭାବେ କାମ କରୁଥିବାର ସ୍ପଷ୍ଟ ପ୍ରମାଣ ବୋଲି ବୋର୍ଡ କହିଛି । ଏହା ସହିତ ସାଇବର ସୁରକ୍ଷା ଟିମ୍ ଦ୍ୱାରା ଏହି ସିଷ୍ଟମ୍ ଉପରେ ନିରନ୍ତର ନଜର ରଖାଯାଇଥିଲା ଏବଂ ହେଲ୍ପଡେସ୍କ ମାଧ୍ୟମରେ ପିଲାମାନଙ୍କୁ ସହାୟତା ଯୋଗାଇ ଦିଆଯାଉଥିଲା । ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ପ୍ରକାଶିତ 'ରୋଲ୍ ନମ୍ବର ମିଳୁନାହିଁ' ବାର୍ତ୍ତା ସମ୍ପର୍କରେ ବୋର୍ଡ କହିଛି ଯେ, ଯେଉଁ ସେହି ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟରେ ନିଜ ଖାତାର ଫଟୋକପି ପାଇଁ ଆବେଦନ କରିନଥିଲେ, କେବଳ ସେମାନଙ୍କ କ୍ଷେତ୍ରରେ ହିଁ ଏହି ବାର୍ତ୍ତା ଦେଖାଯାଉଥିଲା ।

## ନେପାଳ ସୀମାରୁ ଟିଏମ୍‌ସି ନେତା ଜାହାଙ୍ଗୀର ଗିରଫ



କଲକାତା, ୮ ।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଇଭିଏମ ଜାଲିଆତି ମାମଲାର ମୁଖ୍ୟ ଅଭିଯୁକ୍ତ ତୃଣମୂଳ କଂଗ୍ରେସ ନେତା ଜାହାଙ୍ଗୀର ଖାନଙ୍କୁ ଗିରଫ କରାଯାଇଛି । ସ୍ୱତନ୍ତ୍ର ପୁଲିସ ଫୋର୍ସ ତାଙ୍କୁ ନେପାଳ ସୀମା ନିକଟରୁ ଗିରଫ କରିଛି । ଫାଲଟା ବିଧାନସଭା ଆସନର ବିଭିନ୍ନ ମତଦାନ କେନ୍ଦ୍ରରେ ବିରୋଧୀ ଦଳର ଚିହ୍ନ ଉପରେ ପଟି ଲଗାଇ ଇଭିଏମ ଜାଲିଆତି କରିବା ଭଳି ଗମ୍ଭୀର ଅଭିଯୋଗ ଜାହାଙ୍ଗୀରଙ୍କ ବିରୋଧରେ ରହିଥିଲା । ଏହି କାରଣରୁ ନିର୍ବାଚନ କମିସନ ସେଠାରେ ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁଲିସ ପର୍ଯ୍ୟବେକ୍ଷକଙ୍କୁ ଚ୍ୟାଲେଞ୍ଜ ଦେଇ ନିଜକୁ 'ପୁଷ୍ପା' ବୋଲି କହୁଥିବା ଜାହାଙ୍ଗୀରଙ୍କ ନାମରେ ସାତଟି ମାମଲା ରୁଜୁ ହୋଇଥିଲା ।



# ଟ୍ରମ୍ପଙ୍କ ଧମକ ପରେ ଯୁଦ୍ଧ ବନ୍ଦ
## ନରମିଗଲେ ଇରାନ ଓ ଇସ୍ରାଏଲ

- ଲେବାନନର ଆକ୍ରମଣ ପରେ ଇରାନ-ଇସ୍ରାଏଲ ମୁହାଁମୁହିଁ
- ପରସ୍ପର ଉପରେ କ୍ଷେପଣାସ୍ତ୍ର ମାଡ଼
- ଟ୍ରମ୍ପଙ୍କ ଧମକ ପରେ ଆକ୍ରମଣରୁ ଓହରିଲେ
- ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି

ତେହରାନ/ତେଲ୍ ଆଭିଭ, ୮ ।୬(ଏଜେନ୍ସି): ଅନ୍ତର୍ଜାତୀୟ ରାଜନୀତି ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଗତ ଏପ୍ରିଲ ମାସର ଶାନ୍ତି ଚୁକ୍ତି ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ଓ ଇରାନ ମଧ୍ୟରେ ସିଧାସଳଖ ସାମରିକ ସଂଘର୍ଷ ଦେଖାଦେଇଛି । ଶେଷରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରେ ଉଭୟ ଦେଶ ଯୁଦ୍ଧ ବନ୍ଦ କରିଛନ୍ତି ।

ପୂର୍ବରୁ ଟ୍ରମ୍ପଙ୍କ ବାରଣ ସତ୍ତ୍ୱେ ଲେବାନନର ବେରୁଟ ସହର ଉପରେ ଇସ୍ରାଏଲ ଭୀଷଣ ଆକ୍ରମଣ କରିଥିଲା । ଏହି ଆକ୍ରମଣ ଜବାବରେ ଗତ ରବିବାର ରାତିରେ ଇରାନ ପକ୍ଷରୁ ଇସ୍ରାଏଲ ଉପରେ ପ୍ରାୟ ୧୦ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା । ପରେ ପୁଣି ଇସ୍ରାଏଲ୍ ସେନା ଇରାନର ରାଜଧାନୀ ତେହେରାନ ସମେତ ଇସଫାହାନ ଏବଂ ତାବ୍ରିଜ୍ ଭଳି ପ୍ରମୁଖ ସହରଗୁଡ଼ିକରେ ଥିବା ସାମରିକ ପ୍ରତିଷ୍ଠାନ ଉପରେ ଶକ୍ତିଶାଳୀ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହି ପରସ୍ପର ଆକ୍ରମଣ ଯୋଗୁଁ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଏହା ସହିତ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇ ୯୬ ଡଲାର ଅତିକ୍ରମ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସଙ୍ଗରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଆକ୍ରମଣରୁ ବିରତ ରହିବାକୁ କହିଥିଲେ । ଟ୍ରମ୍ପ ଦାବି କରିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ଏକ ବଡ଼ ଚୁକ୍ତିର ଅତି ନିକଟତର ଅଛି ଏବଂ ଏହି ସାମରିକ ତିକ୍ତତା ଯୋଗୁଁ କୂଟନୈତିକ ଆଲୋଚନା ବିଫଳ ହେବନାହିଁ । ଅପରପକ୍ଷରେ, ଇସ୍ରାଏଲର କହିବା କଥା ଯେ ହିଜବୁଲ୍ଲା ସହ ଚାଲିଥିବା ଲଢେଇକୁ ଇରାନ ସହ ଚୁକ୍ତିଠାରୁ ପୃଥକ ଭାବେ ଦେଖାଯିବା ଉଚିତ । ବର୍ତ୍ତମାନ ପରିସ୍ଥିତିରେ ଉଭୟ ଦେଶ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି । ଆମେରିକା ପକ୍ଷରୁ ଚାଲିଥିବା ମଧ୍ୟସ୍ଥତା ଏବଂ ପ୍ରତିବନ୍ଧକ ହଟାଇବା ପ୍ରକ୍ରିୟା ମଧ୍ୟରେ ଏହି ଆକ୍ରମଣ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି । ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ଥିବାରୁ ଆଗାମୀ ଦିନରେ ଏହି ସଂଘର୍ଷ ଆହୁରି ଭୟାନକ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି ।

## ମୋ କଥା ମାନିବାକୁ ନେତନ୍ୟାହୁ ବାଧ୍ୟ: ଟ୍ରମ୍ପ



ୱାସିଂଟନ/ତେଲ୍ ଆଭିଭ୍, ୮ ।୬(ଏଜେନ୍ସି): ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି । ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ତେହେରାନ ଏବଂ ତେଲ୍ ଆଭିଭ୍ ମଧ୍ୟରେ ସାମରିକ ତିକ୍ତତା ସତ୍ତ୍ୱେ ଆମେରିକା-ଇରାନ ପରମାଣୁ ଚୁକ୍ତି ପ୍ରକ୍ରିୟା ଜାରି ରହିବ । ଏହି ଚୁକ୍ତିକୁ ଗ୍ରହଣ କରିବା ବ୍ୟତୀତ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ । ଏକ ସାକ୍ଷାତକାରରେ ଟ୍ରମ୍ପ ଦୃଢ଼ତାର ସହ କହିଛନ୍ତି, 'ଏଠାରେ ସମସ୍ତ ନିଷ୍ପତ୍ତି ମୁଁ ନେଉଛି । ନେତନ୍ୟାହୁ ନୁହଁ, ବରଂ ମୋ ନିର୍ଦ୍ଦେଶରେ ହିଁ ସବୁ କିଛି ହେବ ।' ଗତ ରବିବାର ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା । ଏନେଇ ଟ୍ରମ୍ପ ଅସନ୍ତୋଷ ପ୍ରକାଶ କରିବା ସହ ଇସ୍ରାଏଲର ବେରୁତ ଆକ୍ରମଣକୁ ସେ ନିନ୍ଦା କରିଛନ୍ତି । ପାଲଟା ଆକ୍ରମଣ ନ କରିବା ପାଇଁ ଟ୍ରମ୍ପ ନେତନ୍ୟାହୁଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ସେ ଇରାନକୁ ମଧ୍ୟ ଆକ୍ରମଣ ବନ୍ଦ କରି ଚୁକ୍ତି ପାଇଁ ଆଲୋଚନାକୁ ଫେରିବା ଉଚିତ ବୋଲି କହିଛନ୍ତି । ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଚୁକ୍ତି ସଫଳ ନ ହେଲେ କମାଣ୍ଡୋ ଆକ୍ରମଣ କିମ୍ବା ଅବରୋଧ ଭଳି ବିକଳ୍ପ ଗ୍ରହଣ କରିବାକୁ ଟ୍ରମ୍ପ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଆମେରିକାରେ ଟ୍ରମ୍ପ ନେତନ୍ୟାହୁଙ୍କ କଥାରେ ପରିଚାଳିତ ହେଉଥିବା ଏବଂ ଅଯଥାରେ ଦେଶକୁ ଯୁଦ୍ଧକୁ ଠେଲି ଦେଇଥିବା ଚର୍ଚ୍ଚା ହେଉଛି । ଏହାପରେ ଟ୍ରମ୍ପଙ୍କ ଏହି କଡ଼ା ଆଭିମୁଖ୍ୟ ଇସ୍ରାଏଲ ଉପରେ ଚାପ ସୃଷ୍ଟି କରିଥିବା କୁହାଯାଇଛି ।

## ଏସ୍‌ଆଇଆର୍, ଭୋଟ ଚୋରି ସଂପର୍କରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିବ 'ଇଣ୍ଡିଆ' ମେଣ୍ଟ




ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ଦେଶର ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଗୁରୁତ୍ୱପୂର୍ଣ୍ଣ ଜନସାଧାରଣଙ୍କ ସମସ୍ୟାକୁ ନେଇ ବିରୋଧୀ ଇଣ୍ଡିଆ ମେଣ୍ଟ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡିବାକୁ ନିଷ୍ପତ୍ତି ନେଇଛି । ସୋମବାର ନୂଆଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁସନ କ୍ଲବରେ ବିରୋଧୀ ଦଳର ନେତାମାନେ ଏକତ୍ର ହୋଇ ବୈଠକ କରିଛନ୍ତି । ଏଥିରେ ସେମାନେ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କୁ ପତ୍ର ଲେଖିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି । ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, ଭୋଟର ପରିଚୟ ପତ୍ରର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍), ଭୋଟ୍ ଚୋରି, ନିର୍ବାଚନୀ କେଲେଙ୍କାରୀ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ଭାରତର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖିବ । ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ସୃଷ୍ଟି ହୋଇଥିବା ବିପଦ ଏବଂ ନିର୍ବାଚନୀ ସଂସ୍କାର ପାଇଁ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ ବୋଲି ମେଣ୍ଟ ପକ୍ଷରୁ କୁହାଯାଇଛି । ନିଟ୍ ଏବଂ ସିବିଏସ୍‌ଇ ଆଦି ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତା ପାଇଁ ବିରୋଧୀ ମେଣ୍ଟ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବର୍ଷିଛନ୍ତି । ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହ ବିଶ୍ୱାସଘାତକତା ହୋଇଥିବା ଅଭିଯୋଗ କରି ଶ୍ରୀ ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିବାକୁ ମେଣ୍ଟ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି ।

ବିଜେପିକୁ ଆଗାମୀ ନିର୍ବାଚନଗୁଡ଼ିକରେ କଡ଼ା ଚ୍ୟାଲେଞ୍ଜ ଦେବା ଏବଂ ନିଜ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ମତଭେଦକୁ ଦୂର କରିବା ପାଇଁ ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବଠାରେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିରୋଧୀ ଦଳଗୁଡ଼ିକର ବିପର୍ଯ୍ୟୟ ପରେ ଏହି ମେଣ୍ଟକୁ ପୁନର୍ବାର ସଂଗଠିତ କରିବା ପାଇଁ ଏହି ଆଲୋଚନା ହୋଇଛି । କେନ୍ଦ୍ର ସରକାରଙ୍କ ବିଫଳତା, ଅର୍ଥନୈତିକ ସମସ୍ୟା, ବେକାରୀ ଏବଂ ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅବ୍ୟବସ୍ଥା ବିରୋଧରେ ଏକାଠି ଲଢ଼ିବାକୁ ଏଥିରେ ରଣନୀତି ପ୍ରସ୍ତୁତ କରାଯାଇଛି । ଏହି ବୈଠକରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ଼ଗେ, ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ନ୍ୟାସନାଲ କନଫରେନ୍ସର ଓମାର ଅବଦୁଲ୍ଲା ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କ ସମେତ ୨୦ରୁ ଅଧିକ ଦଳର ପ୍ରମୁଖ ନେତାମାନେ ଯୋଗ ଦେଇଥିଲେ । ଶିବସେନା ନେତା ଉଦ୍ଧବ ଠାକରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ । ବୈଠକକୁ ସମ୍ବୋଧିତ କରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ କହିଛନ୍ତି ଯେ ଦେଶର ସମ୍ବିଧାନ ଉପରେ ନିରନ୍ତର ଆକ୍ରମଣ ଚାଲିଛି । ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ପାଇଁ ସମସ୍ତ ଦଳ ଏକଜୁଟ ହେବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି ।

## ଦିଲ୍ଲୀ ବିମାନ ବନ୍ଦରରେ ଅଘଟଣ, ୩ଟି ବିମାନ କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରର ଟର୍ମିନାଲ-୨ରେ ଗତକାଲି ବଡ଼ ଧରଣର ଅଘଟଣ ଘଟିଛି । ଗତକାଲି ଅପରାହ୍ନରେ ହଠାତ ପବନ ଓ ପ୍ରବଳ ବର୍ଷା ଯୋଗୁଁ ବିମାନ ବନ୍ଦରରେ ଥିବା ଗ୍ରାଉଣ୍ଡ ସରଞ୍ଜାମ ଯାଇ ଛିଡ଼ା ହୋଇଥିବା ବିମାନଗୁଡ଼ିକରେ ପିଟି ହୋଇଥିଲା । ଫଳରେ ଏୟାର ଇଣ୍ଡିଆର ତିନିଟି ବିମାନ କ୍ଷତିଗ୍ରସ୍ତ ହୋଇଥିଲା । ଆହୁରି କେତେକ ବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । କିନ୍ତୁ ଏସଂପର୍କରେ ଅଧିକ କିଛି ସୂଚନା ଦିଆଯାଇ ନାହିଁ । ଏହି ବିମାନଗୁଡ଼ିକୁ ଯାତ୍ରୀ ସେବାରୁ ହଟାଇ ଦିଆଯାଇଛି । ଏୟାର ଇଣ୍ଡିଆର ଜଣେ ଅଧିକାରୀ କହିଛନ୍ତି ଝଡ଼ ପବନ ସଂପର୍କରେ ଏୟାରପୋର୍ଟ ପକ୍ଷରୁ କୌଣସି ଆଗୁଆ ସୂଚନା ଦିଆଯାଇ ନଥିଲା ।




## 'ଭାରତ ପାଖରେ ୧୯୦ଟି ପରମାଣୁ ବୋମା'

ନୂଆଦିଲ୍ଲୀ, ୮ ।୬(ଏଜେନ୍ସି): ବିଶ୍ୱ ସ୍ତରରେ ବଦଳୁଥିବା ସୁରକ୍ଷା ପରିସ୍ଥିତି ମଧ୍ୟରେ ଭାରତ ନିଜର ଆଣବିକ କ୍ଷମତାକୁ ଆହୁରି ମଜବୁତ କରିଛି । ଷ୍ଟକହୋମ୍ ଆନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥା (ଏସ୍‌ଆଇପିଆରଆଇ) ର 'ବାର୍ଷିକ ପୁସ୍ତକ ୨୦୨୬' ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତର ପରମାଣୁ ବୋମା (ୱାରହେଡ୍) ସଂଖ୍ୟା ୧୮୦ ରୁ ୧୯୦ କୁ ବୃଦ୍ଧି ପାଇଛି । ଏହି ରିପୋର୍ଟ ଚେତାବନୀ ଦେଇଛି ଯେ ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ନୂତନ ପରମାଣୁ ପ୍ରତିଯୋଗିତା ମଧ୍ୟକୁ ଗତି କରୁଛି, ଯେଉଁଠାରେ ଶକ୍ତିଶାଳୀ ଦେଶଗୁଡ଼ିକ ଆଣବିକ ଅସ୍ତ୍ରଶସ୍ତ୍ରକୁ ନିଜର ଜାତୀୟ ଶକ୍ତିର ପ୍ରଦର୍ଶନ ଭାବେ ବ୍ୟବହାର କରୁଛନ୍ତି । ରିପୋର୍ଟ ମୁତାବକ, ଭାରତର ଏହି ପରମାଣୁ ଆଧୁନିକୀକରଣ ପ୍ରକ୍ରିୟା ମୁଖ୍ୟତଃ ଚୀନର ବଢୁଥିବା ସାମରିକ ପ୍ରଭୁତ୍ୱକୁ ପ୍ରତିହତ କରିବା ପାଇଁ ଉଦ୍ଦିଷ୍ଟ । ଚୀନ ବର୍ତ୍ତମାନ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରମାଣୁ ଶକ୍ତି, ଯାହା ପାଖରେ ପ୍ରାୟ ୬୨୦ଟି ପରମାଣୁ ବୋମା ରହିଛି । ଏହା ସହିତ ପାକିସ୍ତାନ ସହ ଥିବା ପାରମ୍ପରିକ ଶତ୍ରୁତା ମଧ୍ୟ ଭାରତର ସାମରିକ ପ୍ରସ୍ତୁତିର ଏକ ପ୍ରମୁଖ କାରଣ । ବର୍ତ୍ତମାନ ପାକିସ୍ତାନ ପାଖରେ ପ୍ରାୟ ୧୭୦ଟି ପରମାଣୁ ବୋମା ଥିବା ବେଳେ ୨୦୨୫ ମେ ମାସରେ ଉଭୟ ଦେଶ ମଧ୍ୟରେ ହୋଇଥିବା ସ୍ୱଳ୍ପକାଳୀନ ସଂଘର୍ଷ ପରେ ଏହି ସୁରକ୍ଷା ଚିନ୍ତା ଆହୁରି ବଢ଼ିଯାଇଛି । ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ବର୍ତ୍ତମାନ 'ପରମାଣୁ ତ୍ରିଶକ୍ତି' (ଜଳ, ସ୍ଥଳ ଓ ଆକାଶରୁ ଆକ୍ରମଣ କ୍ଷମତା)କୁ ଅଧିକ ସକ୍ରିୟ କରିଛି । ଭାରତ ନିକଟରେ ଗୋଟିଏ କ୍ଷେପଣାସ୍ତ୍ରରେ ଏକାଧିକ ପରମାଣୁ ବୋମା ସଂଯୋଗ କରି ଭିନ୍ନ ଭିନ୍ନ ଲକ୍ଷ୍ୟଭେଦ କରିପାରୁଥିବା ବିଶେଷ ପ୍ରଯୁକ୍ତିବିଦ୍ୟା ଏବଂ ସୁରକ୍ଷିତ ଲଞ୍ଚ କଣ୍ଟେନର ପ୍ରଣାଳୀର ବିକାଶ କରିଛି । ଏଥିସହ ସମୁଦ୍ର ମଧ୍ୟରେ ଶତ୍ରୁଠାରୁ ଲୁଚି ରହି ପାଲଟା ଆକ୍ରମଣ କରିବାର କ୍ଷମତା ରଖୁଥିବା 'ଆଇଏନଏସ ଅରିହନ୍ତ' ପରି ପରମାଣୁ ଚାଳିତ ବୁଡ଼ାଜାହାଜ ଗୁଡ଼ିକୁ ଭାରତୀୟ ସେନା ପକ୍ଷରୁ ସଫଳତାର ସହ ମୁତୟନ କରାଯାଉଛି, ଯାହା ଭାରତର ସୁରକ୍ଷା ବଳୟକୁ ଅଭେଦ୍ୟ କରିଛି । ଏସ୍‌ଆଇପିଆରଆଇ'ର ନିର୍ଦ୍ଦେଶକ କରିମ୍ ହାଗାଗ୍ ପ୍ରକାଶ କରିଛନ୍ତି ଯେ ବିଶ୍ୱରେ ପରମାଣୁ ନିୟନ୍ତ୍ରଣ ଚୁକ୍ତିଗୁଡ଼ିକ ଦୁର୍ବଳ ହେବାରେ ଲାଗିଛି ଏବଂ ଦେଶଗୁଡ଼ିକ ମଧ୍ୟରେ ସୂଚନାର ସ୍ୱଚ୍ଛତା କମିଯାଉଛି, ଯାହା ଆଗାମୀ ଦିନରେ ଏକ ବଡ଼ ସଙ୍କଟ ସୃଷ୍ଟି କରିପାରେ । ଭାରତ ନିଜର ପରମାଣୁ ନୀତିରେ 'ପ୍ରଥମେ ପ୍ରହାର ନୁହେଁ' ଆଭିମୁଖ୍ୟ ରଖିଥିଲେ ମଧ୍ୟ, ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ଏଭଳି ରଣନୈତିକ ସଂସ୍କାର ଅତ୍ୟନ୍ତ ଜରୁରୀ ପାଲଟିଛି ।



- ଚୀନ୍‌ର ମୁକାବିଲା ପାଇଁ ରଣନୀତି ବଦଳାଉଛି ଭାରତ



## ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ଚରିତ୍ରହୀନତା ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮ ।୬ (ଏଜେନ୍ସି): ଦୁଇଜଣ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ସେମାନଙ୍କ ସହମତିରେ ଗଢ଼ିଉଠିଥିବା ବିବାହ ପୂର୍ବର ଶାରୀରିକ ସମ୍ପର୍କକୁ କୌଣସି ବ୍ୟକ୍ତିର ଖରାପ ଚରିତ୍ରର ଆଧାର କୁହାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ କହିଛନ୍ତି । ଏହାସହ ଜଣେ ପୁଲିସ କନଷ୍ଟେବଲ ପ୍ରାର୍ଥୀଙ୍କ ନିଯୁକ୍ତି ବାତିଲ ନିଷ୍ପତ୍ତିକୁ ମଧ୍ୟ ଅଦାଲତ ରଦ୍ଦ କରିଛନ୍ତି । ତେଲଙ୍ଗାନାର ଜଣେ ପ୍ରାର୍ଥୀଙ୍କ ପୁଲିସ ଚାକିରି ପାଇଁ ଚୟନ ହେବା ପରେ, ତାଙ୍କ ବିରୋଧରେ ୨୦୧୪ରେ ଥିବା ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗକୁ ଆଧାର କରି ନିଯୁକ୍ତି ବୋର୍ଡ ତାଙ୍କ ଚୟନକୁ ବାତିଲ କରିଦେଇଥିଲା । ଏହି ମାମଲାଟି ୨୦୧୫ରେ ଲୋକ ଅଦାଲତରେ ଆପୋଷ ବୁଝାମଣା ଜରିଆରେ ଶେଷ ହୋଇଥିଲା । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ ପ୍ରତ୍ୟେକ ପ୍ରେମ ସମ୍ପର୍କ ବିବାହର ରୂପ ନେଇନଥାଏ ଏବଂ କେବଳ ସମ୍ପର୍କ ବିବାହରେ ପରିଣତ ହୋଇପାରିନାହିଁ ବୋଲି ଜଣେ ଅନ୍ୟଜଣକୁ ପ୍ରତାରଣା କରିଛି ବୋଲି ଭାବିବା ଅନୁଚିତ । କୌଣସି ଆଇନ ଦୁଇଜଣ ବୟସ୍କ ବ୍ୟକ୍ତିଙ୍କୁ ସେମାନଙ୍କ ସହମତିରେ ସମ୍ପର୍କ ରଖିବାକୁ ବାରଣ କରେନାହିଁ ଏବଂ ଲୋକ ଅଦାଲତରେ ହୋଇଥିବା ସାଲିସକୁ ଅପରାଧ ବୋଲି ଧରାଯିବ ନାହିଁ ।

## ଡାକ୍ତରଙ୍କ ପ୍ରେସ୍କ୍ରିପସନରେ ମିଳିପାରିବ ମଦ



ଆଇଜଲ, ୮ ।୬(ଏଜେନ୍ସି): ମଦ ନିଷେଧାଦେଶ ଜାରି ହୋଇଥିବା ଭାରତର କେତେକ ସୀମିତ ରାଜ୍ୟ ମଧ୍ୟରୁ ମିଜୋରାମ ଅନ୍ୟତମ । ଏବେ ଏହି ରାଜ୍ୟରେ କେବଳ ଡାକ୍ତରଙ୍କ ପ୍ରେସକ୍ରିପସନ ବଳରେ ସ୍ଥାନୀୟ ବାସିନ୍ଦା ଆଇନଗତ ଭାବେ ମଦ ପାଇପାରିବେ । ଏଥିପାଇଁ ମିଜୋରାମ ସରକାର ଏକ ସ୍ୱତନ୍ତ୍ର 'ରେଡ୍ କାର୍ଡ' ପରମିଟ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହା ଅଧୀନରେ କଠୋର ନିୟମାବଳୀ ମଧ୍ୟରେ ଚିକିତ୍ସା ଆଧାରରେ ଜଣେ ବ୍ୟକ୍ତି ମଦ ରଖିବା ସହ ବ୍ୟବହାର କରିପାରିବେ । ଏଥିପାଇଁ ଜଣେ ପଞ୍ଜିକୃତ ଡାକ୍ତରଙ୍କ ଅନୁମତି ଦରକାର । ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ଦ୍ୱାରା ଏହାର ଯାଞ୍ଚ ହେବା ପରେ ଅବକାରୀ ଏବଂ ନାର୍କୋଟିକ୍ସ ବିଭାଗ ଏହି କାର୍ଡ ପ୍ରଦାନ କରିବ । ଏହି କାର୍ଡର ଅବଧି ଏକ ବର୍ଷ ରହିବ ଏବଂ ଏଥିପାଇଁ ବାର୍ଷିକ ୫, ୦୦୦ ଟଙ୍କା ଫିସ୍ ଦେବାକୁ ପଡ଼ିବ ।

## ଅଢ଼େଇ ଦିନରେ ଆଫଗାନିସ୍ତାନର ଆତ୍ମସମର୍ପଣ

# ସ୍ପିନରଙ୍କ କମାଲ୍; ଭାରତର ଇନିଂସ ବିଜୟ




ମୁଲାନପୁର, ୮ ।୬ (ଏଜେନ୍ସି)

ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍ ଅଢ଼େଇଦିନରେ ଶେଷ ହୋଇଯାଇଛି । ତିନି ସ୍ପିନର ମାନବ ସୂତାର, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ଚମତ୍କାର ବୋଲିଂ ବଳରେ ଭାରତ ଏକ ଇନିଂସ ଓ ୩୦୦ ରନରେ ବିଜୟୀ ହୋଇଛି । ଟେଷ୍ଟ ଇତିହାସରେ ଭାରତର ଏହା ସର୍ବବୃହତ୍ ବିଜୟ ହୋଇଛି । ପଦାର୍ପଣରେ ୭ଟି ୱିକେଟ୍ ନେବା ସହ ୨୮ ରନର ଉପଯୋଗୀ ପାଳି ଖେଳିଥିବା ସୂତାରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଦୁଇଦେଶ ମଧ୍ୟରେ ଏବେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଜୁନ ୧୩ରୁ ଧର୍ମଶାଳାରେ ଆରମ୍ଭ ହେବ ।

ଏହି ଏକମାତ୍ର ଟେଷ୍ଟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ (୧୨୬) ଓ ଲୋକେଶ ରାହୁଲ (୧୦୦)ଙ୍କ ଶତକ ବଳରେ ୮ ୱିକେଟରେ ୫୬୪ ରନ କରି ଇନିଂସ ଘୋଷଣା କରିଥିଲା । ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ରବିବାର ଦ୍ୱିତୀୟ ଦିବସ ସୁଦ୍ଧା ୧୧୩ ରନରେ ୫ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ଏହି ଅସମାପ୍ତ ସ୍କୋରରୁ ସୋମବାର ସକାଳେ ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଦଳ ଆଉ ୩୯ ରନ ଯୋଡ଼ି ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ରହମତ ଶାହ ସର୍ବାଧିକ ୬୦ ରନ କରିଥିଲେ । ଭାରତ ପକ୍ଷରୁ ପଦାର୍ପଣକାରୀ ରାଜସ୍ଥାନର ବାମହାତୀ ସ୍ପିନର ମାନବ ସୂତାର ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ । ପ୍ରସିଦ୍ଧ କ୍ରିଷ୍ଣା ୩ ଓ ୱାଶିଂଟନଙ୍କୁ ଅନ୍ୟ ୱିକେଟ୍‌ଟି ମିଳିଥିଲା । ୪୧୨ ରନରେ ଆଗୁଆ ଥିବା ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ ନ କରି ଆଫଗାନିସ୍ତାନକୁ ଫଲୋଅନ ଦେଇଥିଲା । ଦ୍ୱିତୀୟ ପାଳିରେ ଭ୍ରମଣକାରୀ ଦଳର ବ୍ୟାଟର କିଛିଟା ଲଢ଼େଇ କରିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆଫଗାନିସ୍ତାନ ୩୫.୫ ଓଭରରେ ୧୧୨ ରନ କରି ଦ୍ୱିତୀୟ ପାଳିରେ ସମସ୍ତ ୱିକେଟ୍ ହରାଇଥିଲା । ଓପନର୍ ସେଦ୍ଦିକୁଲ୍ଲା ଅଟଳ ୪୨, ରହମନୁଲ୍ଲା ଗୁର୍‌ବାଜ ୨୪ ଓ ରହମତ ୧୩ ରନ କରି ଦୁଇଅଙ୍କ ଛୁଇଁପାରିଥିଲେ । ଘରୋଇ ଦଳ ପାଇଁ ୱାଶିଂଟନ ୪, କୁଲଦୀପ ୩, ସୂତାର ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ୱିକେଟ ନେଇଥିଲେ । ଫଳରେ ଆଫଗାନିସ୍ତାନ ବ୍ୟାଟର୍ ଉଭୟ ପାଳିରେ ମୋଟ୍ ଉପରେ ୯୫ ଓଭର ଖେଳି ଦୁଇଥର ଅଲ୍‌ଆଉଟ୍ ହୋଇଯାଇଥିଲେ ।

### ଟେଷ୍ଟରେ ଭାରତର ସର୍ବବୃହତ ଇନିଂସ ବିଜୟ

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ |
|---|---|---|
| ଇନିଂସ ଓ ୩୦୦ ରନ | ଆଫଗାନିସ୍ତାନ | ୨୦୨୬ |
| ଇନିଂସ ଓ ୨୭୨ ରନ | ୱେଷ୍ଟଇଣ୍ଡିଜ | ୨୦୧୮ |
| ଇନିଂସ ଓ ୨୬୨ ରନ | ଆଫଗାନିସ୍ତାନ | ୨୦୧୮ |
| ଇନିଂସ ଓ ୨୩୯ ରନ | ବାଂଲାଦେଶ | ୨୦୦୭ |
| ଇନିଂସ ଓ ୨୩୯ ରନ | ଶ୍ରୀଲଙ୍କା | ୨୦୧୭ |

### ରେକର୍ଡ

- ଭାରତ ମାଟିରେ ଏହା ଦ୍ୱିତୀୟ ସର୍ବବୃହତ ବିଜୟ । ୧୯୫୮ରେ ଇଡେନରେ ଭାରତ ବିପକ୍ଷରେ ୱେଷ୍ଟଇଣ୍ଡିଜ ଇନିଂସ ଓ ୩୩୬ ରନରେ ଜିତିଥିଲା ।
- ଟେଷ୍ଟରେ ଆଫଗାନିସ୍ତାନର ଏହା ସର୍ବବୃହତ ପରାଜୟ ହୋଇଛି । ୨୦୧୮ରେ ସମାନ ଦଳ ଭାରତ ନିକଟରୁ ଆଫଗାନିସ୍ତାନ ଇନିଂସ ଓ ୨୬୨ ରନରେ ହାରିଥିଲା ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୫୬୪/୮
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୫୨/୧୦, ୫୮.୪ ଓଭର
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୧୧୨/୧୦, ୩୫.୫ ଓଭର (ସେଦ୍ଦିକୁଲ୍ଲା- ୪୨, ଗୁର୍‌ବାଜ- ୨୪, ଓମାରଜାଇ- ୪, ସୁନ୍ଦର- ୪/୩୬, କୁଲଦୀପ- ୩/୩୦, ସୂତାର- ୧/୨୯) ।

## ସୂତାରଙ୍କ କୀର୍ତ୍ତିମାନ



ମୁଲାନପୁର, ୮ ।୬ (ଏଜେନ୍ସି): ରାଜସ୍ଥାନର ବାମହାତୀ ସ୍ପିନର ମାନବ ସୂତାର ଟେଷ୍ଟ ପଦାର୍ପଣରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି । ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚରେ ସେ ମୋଟ୍ ଉପରେ ୭ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି । ଆଫଗାନିସ୍ତାନର ପ୍ରଥମ ଇନିଂସରେ ସେ ୩୩ ରନରେ ୬ଟି ଓ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ପାଇଥିଲେ । ଟେଷ୍ଟ ପଦାର୍ପଣରେ ୫ ୱିକେଟ୍ ସଫଳତା ପାଇବାରେ ସେ ଭାରତର ୧୦ମ ବୋଲର ଓ ୭ମ ସ୍ପିନର ହୋଇଛନ୍ତି । ତେବେ ଟେଷ୍ଟ ପଦାର୍ପଣରେ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିବାର ରେକର୍ଡ ନରେନ୍ଦ୍ର ହିରୱାନୀଙ୍କ ନାମରେ ରହିଛି । ୧୯୮୮ରେ ଚେନ୍ନଇରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣ କରି ହିରୱାନୀ ୬୧ ରନରେ ୮ଟି ୱିକେଟ ପାଇଥିଲେ ।

## ଜ୍ୱେରେଭେ ପାଇଲେ ୩୦.୮୪ କୋଟି

ପ୍ୟାରିସ, ୮ ।୬ (ଏଜେନ୍ସି): ଜର୍ମାନୀ ତାରକା ଆଲେକ୍ସଜାଣ୍ଡର ଜ୍ୱେରେଭ କ୍ୟାରିୟରର ପ୍ରଥମଥର ଲାଗି ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିଛନ୍ତି । ଗତକାଲି ରାତିରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍‌ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜ୍ୱେରେଭ ୬-୧, ୪-୬, ୬-୪, ୬-୭ (୫), ୬-୧ ସେଟରେ ଇଟାଲୀ ଫ୍ଲାବିଓ କୋବୋଲିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଏହି ବିଜୟ ସହ ଜ୍ୱେରେଭ ୩୦.୮୪ କୋଟି ଟଙ୍କା ପୁରସ୍କାର ଜିତିଛନ୍ତି । ସେହିଭଳି ଉପବିଜେତା ହୋଇଥିବା ଫ୍ଲାବିଓଙ୍କୁ ପୁରସ୍କାର ବାବଦକୁ ୧୫.୪୨ କୋଟି ଟଙ୍କା ଅର୍ଥରାଶି ମିଳିଛି । ଅପରପକ୍ଷରେ ବିଜୟ ସତ୍ତ୍ୱେ ଜ୍ୱେରେଭ ଏଟିପି ର୍‍ୟାଙ୍କିଙ୍ଗରେ ପୂର୍ବଭଳି ୩ୟ ସ୍ଥାନରେ ସ୍ଥିର ରହିଛନ୍ତି । ତେବେ ରନର୍ସଅପ୍ ହୋଇଥିବା ଫ୍ଲାବିଓ ୧୪ରୁ ୧୦ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି । ସଦ୍ୟପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗରେ ଇଟାଲୀର ଜାନିକ ସିନ୍ନର, କାର୍ଲୋସ ଆଲ୍‌କାରାଜ ଯଥାକ୍ରମେ ପୂର୍ବଭଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ ତାଲିକାର ୭ମ ସ୍ଥାନ ହାସଲ କରିଛନ୍ତି ।



## ମହିଳା ଟି-୨୦ ବିଶ୍ୱକପ୍

# ୱାର୍ମଅପ୍ ମ୍ୟାଚ୍‌ରେ ଇଣ୍ଡିଜକୁ ହରାଇଲା ଭାରତ

କାର୍ଡିଫ, ୮ ।୬ (ଏଜେନ୍ସି)




ଜୁନ ୧୨ରୁ ଇଂଲଣ୍ଡରେ ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି । ଏଥିପୂର୍ବରୁ ସୋମବାର ଅନୁଷ୍ଠିତ ଏକ ୱାର୍ମଅପ୍ ମ୍ୟାଚରେ ଭାରତ ୨୬ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି । କାର୍ଡିଫରେ ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୮ ୱିକେଟରେ ୧୭୯ ରନ କରିଥିଲା । ଦଳ ପକ୍ଷରୁ ଭାରତୀ ଫୁଲମଣି ୪୦ ବଲରେ ୫୬ ରନର ଅପରାଜିତ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ମନ୍ଧାନା ୩୯, ଯଷ୍ଟିକା ଭାଟିଆ ୩୬, ଶେଫାଳି ବର୍ମା ୨୯, ଜେମିମା ରୋଡ୍ରିଗ୍ସ ୭ ରନ କରିଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଲେଗ୍-ସ୍ପିନର ଆଫି ଫ୍ଲେଚରଙ୍କୁ ସର୍ବାଧିକ ୪ଟି ୱିକେଟ୍ ମିଳିଥିଲା । ଜବାବରେ ୱେଷ୍ଟଇଣ୍ଡିଜ ଓପନର ଡେଣ୍ଡ୍ରା ଡଟିନଙ୍କ ୪୯ ରନ ସତ୍ତ୍ୱେ ୮ ୱିକେଟ୍‌ରେ ୧୫୩ ରନ କରିବାକୁ ସମର୍ଥ ହୋଇଥିଲା । ଭାରତୀୟ ମହିଳା ଦଳ ପକ୍ଷରୁ ଦୁଇ ସ୍ପିନର ଶ୍ରେୟଙ୍କା ପାଟିଲ ୪, ରାଧା ଯାଦବ ୩ଟି ୱିକେଟ ନେଇଥିଲେ । ଭାରତ ଏହାର ପରବର୍ତ୍ତୀ ତଥା ଶେଷ ୱାର୍ମଅପ୍ ମ୍ୟାଚରେ ବୁଧବାର ଘରୋଇ ଇଂଲଣ୍ଡ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରଜ୍ଞାନାନନ୍ଦଙ୍କୁ ୫୦ ଲକ୍ଷ ପୁରସ୍କାର ଦେଲେ ବିଜୟ

ଚେନ୍ନଇ, ୮ ।୬ (ଏଜେନ୍ସି): ପ୍ରଥମ ଭାରତୀୟ ଖେଳାଳି ଭାବେ ନରୱେ ଟାଇଟଲ୍ ଜିତିଥିବା ଆର୍ ପ୍ରଜ୍ଞାନାନନ୍ଦଙ୍କୁ ତାମିଲନାଡୁ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି । ସୋମବାର ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଚେନ୍ନଇସ୍ଥିତ ସେକ୍ରେଟାରୀଏଟ୍‌ରେ ପ୍ରଜ୍ଞାନାନନ୍ଦଙ୍କୁ ସମ୍ବର୍ଦ୍ଧିତ କରିବା ସହ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସହ ପ୍ରଜ୍ଞାନାନନ୍ଦ ଏକ ଚେସ୍ ମ୍ୟାଚ୍ ଖେଳିଥିଲେ । କଳା ଗୋଟିଏରେ ଖେଳି ପ୍ରଜ୍ଞାନାନନ୍ଦ ଏହି ମ୍ୟାଚରେ ମଧ୍ୟ ବିଜୟଙ୍କୁ ପରାସ୍ତ କରିଥିଲେ । ଏହାକୁ ନେଇ ପ୍ରଜ୍ଞାନାନନ୍ଦ କହିଛନ୍ତି ଯେ ମୁଁ ଆଶା କରି ନ ଥିଲି କି ମୁଖ୍ୟମନ୍ତ୍ରୀ ମୋ ସହ ଚେସ୍ ଖେଳିବେ । ସେ ତାଙ୍କ ଅଧିକାରୀଙ୍କୁ ଏକ ବୋର୍ଡ ଆଣିବାକୁ କହିଥିଲେ । ତାପରେ ମୋ ସହିତ ଖେଳିବା ଆରମ୍ଭ କରିଥିଲେ ।

# ଇଂଲଣ୍ଡ ବେସ୍‌କ୍ୟାମ୍ପ ନିକଟରେ ଗୁଳିକାଣ୍ଡ

ନ୍ୟୁୟର୍କ, ୮ ।୬ (ଏଜେନ୍ସି): ବିଶ୍ୱର ସର୍ବଶ୍ରେଷ୍ଠ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଦୁଇଦିନ ବାକି ରହିଛି । ତେବେ ଏଥିପୂର୍ବରୁ ଏକ ବଡ଼ ଅଘଟଣ ଘଟିଯାଇଛି । ଇଂଲଣ୍ଡର ବେସ୍ କ୍ୟାମ୍ପ ନିକଟରେ ଗୁଳିକାଣ୍ଡ ହୋଇଛି । ଯେଉଁଥିରେ ଦଳାଚକଟା ଯୋଗୁ ୯ ଜଣ ଲୋକ ଆହତ ହୋଇଥିବା ଖବର ମିଳିଛି । ଇଂଲଣ୍ଡ ଦଳର ବେସ୍ କ୍ୟାମ୍ପ ମିସୌରୀର କାନସାସ୍ ସିଟିରେ ରହିଛି । କାନସାସ୍ ସିଟି ପୋଲିସ ସୂଚନା ଅନୁଯାୟୀ ଗୁଳିକାଣ୍ଡ ଗତକାଲି ସକାଳ ୪ଟାରେ ଘଟିଥିଲା । ଇଂଲଣ୍ଡ ଦଳର ହୋଟେଲଠାରୁ ଗୁଳିକାଣ୍ଡ ହୋଇଥିବା ସ୍ଥାନ ମାତ୍ର ୧୦ ମିନିଟ୍‌ର ଦୂର ରାସ୍ତା । ତେବେ ଯେତେବେଳେ ଏହି ଘଟଣା ଘଟିଥିଲା, ସେତେବେଳେ ଇଂଲଣ୍ଡ ଦଳ ଫ୍ଲୋରିଡାର ପାମ୍ ବିଚ୍‌ରେ ବିଶ୍ୱକପ୍ ପାଇଁ ଅଭ୍ୟାସ କରୁଥିଲା । ଜୁନ୍ ୧୩ ତାରିଖରେ ଇଂଲଣ୍ଡ ଦଳ କାନସାସ ସିଟିରେ ପହଞ୍ଚିବ । ପୋଲିସ ଅନୁଯାୟୀ, ତଦନ୍ତ ଜାରି ରହିଥିବାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ନାହିଁ, କିନ୍ତୁ ଘଟଣାସ୍ଥଳର ପାଟ୍ରୋଲିଂ ଜାରି ରହିଛି । ଗୁଳିକାଣ୍ଡ ସତ୍ତ୍ୱେ କାନସାସ୍ ସିଟି ଫିଫାରେ ଇଂଲଣ୍ଡର ବେସ୍ କ୍ୟାମ୍ପ ରହିବ ।




## ସ୍ପେନର ପ୍ରଥମ ମ୍ୟାଚ୍ ପାଇଁ ଉପଲବ୍ଧ ହେଲେ ୟାମାଲ

ନ୍ୟୁୟର୍କ, ୮ ।୬ (ଏଜେନ୍ସି): ଅନ୍ୟତମ ଟାଇଟଲ୍ ଦାବିଦାର ସ୍ପେନ ଜୁନ ୧୫ରେ ପଦାର୍ପଣକାରୀ କେପ୍ ଭର୍ଡେ ବିପକ୍ଷରେ ଖେଳି ଫିଫା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ପୂର୍ବରୁ ସ୍ପେନ ପାଇଁ ଏକ ବଡ଼ ଖୁସି ଖବର ଆସିଛି । ଆହତ ଥିବା ଯୁବ ତାରକା ଲାମିନ୍ ୟାମାଲ ଏବଂ ସାଥୀ ୱିଙ୍ଗର ନିକୋ ୱିଲିୟମ୍ସ କେପ୍ ଭର୍ଡେ ବିପକ୍ଷ ସ୍ପେନର ଓପନିଂ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ । କୋଚ୍ ଲୁଇସ୍ ଡେ ଲା ଫୁଏଣ୍ଟେ ଏହା ସ୍ପଷ୍ଟ କରିଛନ୍ତି । ୟାମାଲ ଏବଂ ୱିଲିୟମ୍ସଙ୍କ ପ୍ରତ୍ୟାବର୍ତ୍ତନ ଖବର ୟୁରୋପୀୟ ଚାମ୍ପିଅନ ସ୍ପେନ ଟିମ୍ ମ୍ୟାନେଜମେଣ୍ଟର ମନୋବଳ ବଢ଼ାଇଛି । ପ୍ରକାଶଯୋଗ୍ୟ, ଆଗାମୀ ବିଶ୍ୱକପରେ ୧୮ ବର୍ଷୀୟ ୟାମାଲଙ୍କୁ ଜଣେ ଷ୍ଟାର ଖେଳାଳି ଭାବେ ଗଣାଯାଉଛି ।



## କିଟ୍-କିସ୍‌କୁ 'ଫିଟ୍ ଇଣ୍ଡିଆ ଗୋଲ୍ଡ ଫର୍ନ' ସମ୍ମାନ

ଭୁବନେଶ୍ୱର,୮ ।୬(ସମିସ): ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଗାଡ଼ିମୁକ୍ତ କ୍ୟାମ୍ପସ ପରିବେଶ ସୃଷ୍ଟି କରିବା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠିତ 'ଫିଟ୍ ଇଣ୍ଡିଆ ଗୋଲ୍ଡ ଫର୍ନ' (ଏଫ୍‌ଆଇଜିଏଫ୍) ସ୍ୱୀକୃତି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କଠାରୁ କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଏହି ପୁରସ୍କାର ଗ୍ରହଣ କରିଥିଲେ । ସେହିଭଳି ବିଶ୍ୱ ସାଇକଲ ଦିବସ ଅବସରରେ ଓଡ଼ିଶାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ କିସ୍‌ର ଯୁଗ୍ମ କ୍ରୀଡ଼ା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ଏହି ଗୌରବଜନକ ପୁରସ୍କାର ଗ୍ରହଣ କରିଛନ୍ତି । ଅପରପକ୍ଷରେ ବିଶ୍ୱ ସାଇକଲ ଦିବସ ଅବସରରେ କିଟ୍‌ଠାରେ 'ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକଲ ଲିଗ୍' ସଫଳତାର ସହ ଆୟୋଜିତ ହୋଇଯାଇଛି । ଯେଉଁଥିରେ ରଶ୍ମିତା ଦିଘି (୧୬ ବର୍ଷରୁ କମ୍), ବବ୍ଲି ପଟ୍ଟା (୧୮ ବର୍ଷରୁ କମ୍) ଏବଂ ମିନତୀ ମୁଣ୍ଡା (ବରିଷ୍ଠ ବର୍ଗ) ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉଲ୍ଲେଖଯୋଗ୍ୟ, କିଟ୍ କ୍ୟାମ୍ପସରେ ଭାରତର ପ୍ରଥମ ୨୫୦ ମିଟର ବିଶିଷ୍ଟ କଂକ୍ରିଟ୍ ସାଇକଲ ଭେଲୋଡ୍ରୋମ ମଧ୍ୟ ରହିଛି ।



## ଏସ୍‌ଜେଏଫ୍‌ଆଇ ଏଜିଏମ୍‌ରେ 'ଓଏସ୍‌ଜା' ସମ୍ବର୍ଦ୍ଧିତ




ଭୁବନେଶ୍ୱର, ୮ ।୬ (ସମିସ): ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସଜେଏଫଆଇ)ର ସୁବର୍ଣ୍ଣ ଜୟନ୍ତୀ (୫୦ତମ) ଏଜିଏମ୍ ତ୍ରିପୁରାର ଅଗରତାଲାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏଆଇପିଏସର କାର୍ଯ୍ୟନିର୍ବାହୀ କମିଟିକୁ ପ୍ରଥମ ଭାରତୀୟଭାବେ ନିର୍ବାଚିତ ହୋଇଥିବାରୁ ଏସ୍. ସବାନାୟକନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅର୍ଜୁନ ପୁରସ୍କାରପ୍ରାପ୍ତ ଜିମ୍ନାଷ୍ଟ ମଣ୍ଟୁ ଦେବନାଥ ଅତିଥିଭାବେ ଯୋଗ ଦେଇଥିଲେ । ସେହିପରି ଦିଲ୍ଲୀରେ ଅନୁଷ୍ଠିତ ଗତ ଏସଜେଏଫଆଇ ନ୍ୟାଶନାଲ କନଭେନଶନ ଓ 'ଜେକେ ବୋଷ ଟ୍ରଫି' ଅବସରରେ ଅନ୍ୟତମ ଶ୍ରେଷ୍ଠ ଖେଳାଳି ଓସଜା ସଭାପତି ସନ୍ଦୀପ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ତାଙ୍କ ଅନୁପସ୍ଥିତିରେ ଉପସଭାପତି ସଞ୍ଜୀବ ବିଶ୍ୱାଳ ଏହି ପୁରସ୍କାର ଗ୍ରହଣ କରିଥିଲେ । ସେହିଭଳି ଦୀର୍ଘ ୬ ବର୍ଷ ବ୍ୟବଧାନରେ ଗତବର୍ଷ ଭୁବନେଶ୍ୱରରେ ସଫଳତାର ସହ ଏଜିଏମ୍ ଆୟୋଜନ କରିଥିବାରୁ ଓସଜାକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । କୋଷାଧ୍ୟକ୍ଷ ସୁରେଶ ସ୍ୱାଇଁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଓସଜା ପକ୍ଷରୁ ମଧ୍ୟ ସବାନାୟକନଙ୍କୁ ସମ୍ମାନିତ କରାଯାଇଥିଲା ।

## ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘ: ଗୁରୁପ୍ରସାଦ ସଭାପତି, ମୀରା ସମ୍ପାଦିକା

ଭୁବନେଶ୍ୱର,୮ ।୬(ସମିସ): ଭୁବନେଶ୍ୱର ଜିମ୍ନାଷ୍ଟିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସ୍ଥାନୀୟ ମାଉସୀମା' ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ବୈଠକରେ ସମସ୍ତ ପୂର୍ବତନ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ନୂଆ ଦାୟିତ୍ୱ ବଣ୍ଟନ କରାଯାଇଛି । ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ସଂଘର ପୂର୍ବତନ ସଭାପତି ସୁରେଶ କୁମାର ରାଉତରାୟଙ୍କ ବୈଠକରେ ସଭାପତିତ୍ୱ କରିଥିଲେ । ନିଷ୍ପତ୍ତି ଅନୁଯାୟୀ, ଗୁରୁପ୍ରସାଦ ପଟ୍ଟନାୟକଙ୍କୁ ସଂଘର ନୂତନ ସଭାପତି ଏବଂ ମୀରା ରାଣୀ ଦାସଙ୍କୁ ନୂତନ ସମ୍ପାଦିକା ଭାବେ ନିର୍ବାଚିତ କରାଯାଇଛି । ଏହାସହ ନିହାର ପ୍ରଧାନ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିପରି ସଂଘର ସୁପରିଚାଳନା ପାଇଁ ସୁରେଶ ରାଉତରାୟଙ୍କୁ ଅଧ୍ୟକ୍ଷ ଏବଂ ନରେନ୍ଦ୍ର ସେଠୀଙ୍କୁ ମୁଖ୍ୟ ଉପଦେଷ୍ଟା ଆସନରେ ଅଲଙ୍କୃତ କରାଯାଇଛି । ସମସ୍ତ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଗୁରୁପ୍ରସାଦ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଫିଫା ର୍‍ୟାଙ୍କିଙ୍ଗ୍; ୧୩୯ତମ ସ୍ଥାନକୁ ଖସିଲା ଭାରତ

ଜୁରିକ, ୮ ।୬ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୩ଟି ସ୍ଥାନ ହରାଇଛି । ଫଳରେ ତାଲିକାରେ ଭାରତ ୧୩୬ରୁ ୧୩୯ତମ ସ୍ଥାନକୁ ଖସିଯାଇଛି । ନିକଟ ଅତୀତରେ ଖେଳାଯାଇଥିବା ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ବିଶ୍ୱ ମାନ୍ୟତାରେ ଭାରତର ଏହି ଅବନତି ଘଟିଛି । ବ୍ଲୁ ଟାଇଗର୍ସ ଦଳ ନିକଟରେ ୟୁନିଟ୍ କପ୍‌ରେ କ୍ରମାଗତ ଦୁଇଟି ମ୍ୟାଚରେ ପରାଜୟବରଣ କରିଥିଲା । ସେହିଭଳି ତାଜିକସ୍ତାନ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ମଧ୍ୟ ଭାରତ ୧-୩ ଗୋଲରେ ହାରିଯାଇଥିଲା ।

ସକାଳ THE SAKALA
www.thesakala.in
We require the following post for various locations urgently.
District Correspondent for:
1. NUAPADA
2. KANDHAMAL
3. GAJAPATI
4. JHARSUGUDA
5. SUNDARGARH
6. BOUDH
7. SONEPUR
Qualification: MJMC with 5 yrs. experience.
Send your CV by 15.06.2026 to DGM, HR
Email: hr@thesakala.com
Mob.: 9437016499
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS